ବର୍ଷ-୨୫, ସଂଖ୍ୟା-୮୪
ଭୁବନେଶ୍ୱର
୨୭, ମାର୍ଚ୍ଚ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-25, Issue No. 84
Bhubaneswar
27 March, 2025, Thursday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ବିରୋଧୀଙ୍କୁ ଜବାବ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୩(ମହାଭାରତ: ଦୁଇ ଦିନ ଧରି ବିଧାନସଭା ଭିତରେ ଓ ବାହାରେ ହାଇଡ୍ରାମା ଦେଖିବାକୁ ମିଳିଛି । କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ନେଇ ବିରୋଧୀ ବିଜେଡି ଓ କଂଗ୍ରେସର ହଙ୍ଗାମା ଜାରି ରହିଥିବାବେଳେ ଆଜି ଗୃହ ଓ ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀମାନଙ୍କୁ ସେମାନଙ୍କ ଭାଷାରେ ଟାର୍ଗେଟ୍ କରିଛନ୍ତି ।

ଶ୍ରୀ ମାଝୀ କହିଛନ୍ତି ଯେ, ବିରୋଧୀ ଦଳ ଆଲୋଚନାରେ ଭାଗ ନେଇଥିଲେ ଭଲ ହୋଇଥାନ୍ତା । ଗୃହ ବିଭାଗ ସରକାରର ଭାବମୂର୍ତ୍ତିକୁ ଉପସ୍ଥାପନ କରେ । ଗୃହ ବିଭାଗର ଆଲୋଚନା ବେଳେ ସରକାରଙ୍କ ଭାବମୂର୍ତ୍ତି ଜଣାପଡ଼େ । ଶାସନର ବ୍ୟବସ୍ଥା ଯେତେବେଳେ ପରିବର୍ତ୍ତନ ହେଉଛି, ବିରୋଧୀଙ୍କ ପାଖରେ ଆଉ କିଛି ପ୍ରସଙ୍ଗ ନାହିଁ । ଯେଉଁମାନେ ଚିତ୍କାର କରୁଥିଲେ, ଆଙ୍ଗୁଳି ଦେଖାଉଥିଲେ । ସେମାନେ ବାହାନା ଦେଖାଇ ଗୃହରେ ରହୁ ନାହାନ୍ତି ।

ସୁରକ୍ଷା କର୍ମୀ ବାଡ଼େଇଲେ ବୋଲି କହିବା ମିଛ । ବିରୋଧୀ ଦଳ ମୁଖ୍ୟ ସଚେତକ କହୁଛନ୍ତି ହାତ ମୋଡ଼ିଦେଲେ । ସେ ମେଡିକାଲରେ ରହିବା କଥା । ଏଠି କଣ କରୁଥିଲେ । କଂଗ୍ରେସ ବିଧାୟକମାନେ ବିଧାନସଭାରେ ରାତ୍ରୀ ଯାପନ ବେଳେ ଭିଡିଓ ଛାଡିଛନ୍ତି ବୁଲୁଛନ୍ତି, ଖାଉଛନ୍ତି । କିନ୍ତୁ ସେଥିରେ ସୁରକ୍ଷା କର୍ମୀ ବାଡେଇବାର ଚିତ୍ର ନାହିଁ । କେବଳ ମିଛ କଥା କହୁଛନ୍ତି । ବିରୋଧୀ ସଦସ୍ୟ ଅଗଣତାନ୍ତ୍ରିକ ଭାବେ କଳା ପୋଷାକ ପିନ୍ଧି, ଘଣ୍ଟା, ତୂରୀ, ବଂଶୀ, ହୁଇସିଲ ବଜାଇବା ଭଳି କାର୍ଯ୍ୟକ୍ରମ କଲେ ଓଡ଼ିଶାବାସୀ କ୍ଷମା ଦେବନି ବୋଲି ଶ୍ରୀ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳା ହିଂସାକୁ ରାଜନୀତିର ପଶପାଲିରେ ପକାଇଛନ୍ତି । ଯେଉଁମାନେ ଘଣ୍ଟା, ତୂରୀ ବଜାଉଛନ୍ତି ତାଙ୍କ ସମୟରେ ବିଲୁଆଖାଇ ନଦୀ ଘଟଣା, ନନ୍ଦନକାନନ ପାଖ ଲଜ୍ୟା ଘଟଣା କୁଆଡ଼େ ଗଲା । କଂଗ୍ରେସର ନାରୀ ସୁରକ୍ଷା ପ୍ରବଚନ ସରକାରକୁ ଦରକାର ନାହିଁ । ବିଜେଡି ଗୋଟିଏ ଆଙ୍ଗୁଳି ସରକାରକୁ ଦେଖେଇଲେ ତିନିଟି ଆଙ୍ଗୁଳି ତାଙ୍କ ଆଡ଼େ ଅଛି ।



ସେହିପରି ନବ ଦାସ ମାମଲା କଥା ଉଠାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ହତ୍ୟା କରାଗଲା । କିନ୍ତୁ ଏହାର ତଦନ୍ତ କୌଣସି ପ୍ରଫେସନାଲ ଏଜେନ୍ସି ନୁହେଁ ବରଂ ଟ୍ରେନି ଏଜେନ୍ସି ଦ୍ୱାରା ତଦନ୍ତ ହେବା ପରି ଲାଗୁଛି । ସେମାନେ ଗୃହରେ ଥିଲେ ମୁଁ ପଚାରି ଥାଆନ୍ତି କୌଣସି ପ୍ରସଙ୍ଗରେ ତାଙ୍କ ପାଖରେ ଉତ୍ତର ନାହିଁ । ସେଥିପାଇଁ ସେମାନେ କକ୍ଷତ୍ୟାଗ କରିଛନ୍ତି । କିଛି ନିର୍ଦ୍ଦିଷ୍ଟ କେସ ନ ଆଣି କାଦୁଅ ଫିଙ୍ଗି ଫାଇଦା ନେବାକୁ ଚାହୁଁଛନ୍ତି । ସଫଳ ହେବେନି । କଂଗ୍ରେସର ନୂଆ ସଭାପତି ଆସୁଛନ୍ତି ତାଙ୍କର ସ୍ଥିତି ଅଛି ବୋଲି ନିଜ କ୍ୟାଡ଼ରଙ୍କୁ ଜଣାଇବାକୁ ଚାହୁଁଛନ୍ତି । ନିଜ ଦଳକୁ ପୁନରଜୀବିତ କରିବାକୁ ଚାହୁଁଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି ମୋହନ ମାଝୀ କହିଛନ୍ତି, କ୍ୟାବିନେଟ ମନ୍ତ୍ରୀଙ୍କୁ ହତ୍ୟା ଘଟଣା, ମମିତା ମେହେର, ପରୀ, ସ୍ମିତାରାଣୀ ପରି ଏତେ ବଡ ଘଟଣାରେ ନ୍ୟାୟ ଦେଇ ପାରି ନାହାଁନ୍ତି ସେମାନେ ଆଜି ବିଭିନ୍ନ କଥା କହୁଛନ୍ତି । କିନ୍ତୁ ସେମାନେ ଜାଣିବା ଦରକାର ତାଙ୍କ ଆଡେ ୩ଟି ଆଙ୍ଗୁଳି ଅଛି । ଆମେ ବି ବିରୋଧୀ ଦଳରେ ଥିବା ବେଳେ ଲଣ୍ଠନ ଧରି ମୁଖ୍ୟମନ୍ତ୍ରୀଙ୍କୁ ଖୋଜୁଥିଲୁ ମୁଖ୍ୟମନ୍ତ୍ରୀ ଥିବା ବେଳେ ବିଧାନସଭାକୁ ଆସୁନଥିଲେ, ଏବେ ବିରୋଧୀ ଦଳ ନେତା ଭାବେ ବି ଦେଖା ନାହିଁ ବିଚିତ୍ର ବ୍ୟବସ୍ଥା ।

ଓଡ଼ିଶାରେ ଭାଜପା ସରକାର କ୍ଷମତାକୁ ଆସିବା ପରଠାରୁ ମହିଳା ବିରୋଧୀ ଅପରାଧ ବଢ଼ିବାରେ ଲାଗିଥିବା ଅଭିଯୋଗ ଆଣି କଂଗ୍ରେସ ଗୃହ କମିଟି ଗଠନ ଦାବିରେ ଅଟଳ ରହିଛି । ଏହାକୁ ନେଇ ହଟ୍ଟଗୋଳ ଜାରି ରହିଥିବାରୁ ବାଚସ୍ପତି କଂଗ୍ରେସ ବିଧାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଲମ୍ବିତ କରିଛନ୍ତି । ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଥିବା ବେଳେ କଂଗ୍ରେସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟାର୍ଗେଟ କରିଛନ୍ତି ।

ବୁଧବାର ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୋଲିସ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି, ତାଙ୍କ ପାଖରେ କହିବାକୁ ନାହିଁ । ଅଯଥା ଗୃହ କମିଟି ଦାବି କରୁଛନ୍ତି । ଏମତି କଣ ଘଟିଛି ଯେ ଗୃହ କମିଟି ଗଠନ କରାଯିବ୍ୟ ସର୍ବଦଳୀୟ ବୈଠକରେ ବିଜେଡି ମଧ୍ୟ ପ୍ରଶ୍ନ କରିଛି ଆବଶ୍ୟକତା ନାହିଁ । ସାଢ଼େ ୪ କୋଟି ଓଡ଼ିଆଙ୍କ ଭାବାବେଗକୁ ନେଇ ଆଲୋଚନାକୁ ଆସନ୍ତୁ ।

ସେହିଭଳି ସୁରକ୍ଷାକର୍ମୀ ବାଡାଇବା ଅଭିଯୋଗର ମଧ୍ୟ ଜବାବ ରଖି ସେ କହିଛନ୍ତି ,ସେମାନେ କେଉଁସ୍ତରର କର୍ମଚାରୀ ଯେ ବିଧାୟକଙ୍କୁ ବାଡାଇବେ । ମିଛ କହିବାର ଗୋଟିଏ ସୀମା ଅଛି, ପ୍ରଶ୍ନକାଳରେ ଭାଗ ନେଉ ନାହାନ୍ତି । ଏତେ ସମୟ ଧରି ଗୃହକୁ ଅଚଳ କରିବା ଅଧିକାର କିଏ ଦେଲା ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି ।

ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଅଛି । ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ସଦଭାବ ବଜାୟ ରହିଛି । ସମୟୋପଯୋଗୀ ଗୁଇନ୍ଦା ତଥ୍ୟ ଏବଂ ପୋଲିସର ଆଗୁଆ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଫଳରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜି ନାହିଁ । ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ ଯେ, ପୋଲିସର ସୁବନ୍ଦୋବସ୍ତ ଯୋଗୁଁ ୨୦୨୪ ମସିହା ଜୁଲାଇ ମାସରେ ଅନୁଷ୍ଠିତ ହୋଇଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଏବଂ ନଭେମ୍ବର ମାସରେ ଅନୁଷ୍ଠିତ ହୋଇଥିବା ଐତିହାସିକ ବାଲିଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମାହିତ ହୋଇଥିଲା । ସେହିପରି ଗତବର୍ଷ ନଭେମ୍ବର ମାସ ୨୯ ତାରିଖରୁ ଡିସେମ୍ବର ମାସ ୦୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ/ଆରକ୍ଷୀ ନିର୍ଦ୍ଦେଶକ ସମ୍ମିଳନୀ, ଡିସେମ୍ବର ୦୩ ରୁ ୦୭ ତାରିଖ ପର୍ଯ୍ୟନ୍ତ ପୁରୀ ବେଳାଭୂମିରେ ଅନୁଷ୍ଠିତ ହୋଇଥିବା ଭାରତୀୟ ନୌସେନା ଦିବସ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ମଧ୍ୟ ଶୃଙ୍ଖଳିତ ଭାବେ ଆୟୋଜନ କରାଯାଇଥିଲା ।

(ପୃ-୮)

# କଂଗ୍ରେସର ଆଉ ୨ ବିଧାୟକ ନିଲମ୍ବିତ

ଭୁବନେଶ୍ୱର,୨୬।୩(ମହାଭାରତ): ଗତକାଲି ୧୨ ଜଣ ବିଧାୟକଙ୍କ ନିଲମ୍ବନ ପରେ ଆଜି ପୁଣି ଦୁଇ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ରମେଶ ଜେନାଙ୍କୁ ଗୃହରୁ ନିଲମ୍ବନ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ । ଏ ସମ୍ପର୍କରେ ସରକାରୀ ଦଳର ସଚେତକଙ୍କ ଦ୍ୱାରା ପ୍ରସ୍ତାବ ଆସିବା ପରେ ଏହା ଗୃହରେ ପାରିତ ହେବା ପରେ ଉଭୟଙ୍କୁ ସାତ ଦିନ ପାଇଁ ନିଲମ୍ବନ କରାଯାଇଛି ।

ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ହେଲେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲିକ କହିଥିଲେ ଯେ, ଗତକାଲି ରାତ୍ରୀରେ ବିଧାନସଭାରେ ଯାହା ଘଟିଛି ସେ ସମ୍ପର୍କରେ ଗଣମାଧମରେ ରିପୋର୍ଟ ପ୍ରକାଶ ପାଇଛି । ଗତ କାଲି ଯାହା ଘଟିଗଲା ତାହା ଠିକ ନୁହେଁ । ତେଣୁ ବାଚସ୍ପତି ଏ ସମ୍ପର୍କରେ ଏକ ବକ୍ତବ୍ୟ ଗୃହରେ ଦିଅନ୍ତୁ । ଏହା ସହିତ ବିଜେଡିର ଅନ୍ୟ ବିଧାୟକ ମାନେ ମଧ୍ୟ ନାରାବାଜୀ କରିଥିଲେ । ଏହା ପରେ ବିଜେଡିର ବିଧାୟକ ମାନେ କକ୍ଷତ୍ୟାଗ କରିଥିଲ । ଫଳରେ କିଛି ସମୟ ପାଇଁ ପ୍ରଶ୍ନକାଳ ସୁରୁଖୁରୁରେ ଚାଲିଥିଲା । ପ୍ରଶ୍ନକାଳ ଚାଲୁ ଥିବା ସମୟରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ରମେଶ ଚନ୍ଦ୍ର ଜେନା ଘଂଟ ବଜାଇ ଗୃହ ମଧ୍ୟକୁ ପ୍ରବେଶ କରି ବାଚସ୍ପତିଙ୍କ ପୋଡିୟମ ନିକଟକୁ ଚାଲି ଯାଇଥିଲେ । ଏହା ପରେ ସେମାନେ ତଳେ ଘଂଟ ବଜାଇବା ଜାରୀ



ରଖିଥିଲେ । ବାଚସ୍ପତି ଶ୍ରୀମତୀ ପାଢୀ ଘଂଟ ବଜାଇବାରୁ ନିବୃତ ହେବାକୁ ଉଭୟ କଂଗ୍ରେସ ବିଧାୟକଙ୍କୁ

ଅନୁରୋଧ କରିଥିଲେ । ହେଲେ ସେମାନେ ଏଥିରୁ ନିବୃତ ହୋଇ ନ ଥିଲେ । ଫଳରେ ବାଚସ୍ପତି ଉଭୟ କଂଗ୍ରେସ ବିଧାୟକଙ୍କୁ ଚେତାବନୀ ଦେଇଥିଲେ । ବିଶୃଙ୍ଖଳିତ ଆଚରଣ ଲାଗି ଉଭୟଙ୍କୁ ବାଧ୍ୟହୋଇ ବାଚସ୍ପତି ସୁରମା ପାଢ଼ୀ ଗୃହରୁ ୭ ଦିନ ପାଇଁ ସସପେଣ୍ଡ କରିଛନ୍ତି । ଗତକାଲି ୧୨ ଓ ଆଜି ୨ ଜଣ କଂଗ୍ରେସ ବିଧାୟକଙ୍କୁ ନିଲମ୍ବିତ କରାଯିବାରୁ ସମସ୍ତ ୧୪ଜଣ କଂଗ୍ରେସ ସଦସ୍ୟ ନିଲମ୍ବିତ ହୋଇଛନ୍ତି ।

ସୂଚନାଯୋଗ୍ୟ ଗତକାଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ସି.ଏସ୍ ରାଜନ ଏକ୍କା, ଦାସରଥୀ ଗମାଙ୍ଗ, ଅଶୋକ ଦାସ, ସତ୍ୟଜିତ ଗମାଙ୍ଗ, ସାଗର ଦାସ, ପ୍ରଫୁଲ୍ଲ ପ୍ରଧାନ, ମଙ୍ଗୁ ଖିଲ, ପବିତ୍ର ସାଉଂଟା, କାଦ୍ରାକା ଆପାଲାସ୍ୱାମୀ, ନୀଳମାଧବ ହିକ୍କା ଓ ସୋଫିଆ ଫିର୍ଦ୍ଦୋସଙ୍କୁ ଚଳିତ ଅଧିବେଶନର ଶେଷ ତଥା ୭ଟି କାର୍ଯ୍ୟ ଦିବସ ପାଇଁ ଗୃହରୁ ନିଲମ୍ବନ କରାଯାଇଥିଲା ।

କଂଗ୍ରେସ ବିଧାୟକଙ୍କୁ ମାଡ ମାରି ବାହାର କରାଯିବା ଅଭିଯୋଗ ନେଇ ବର୍ଷିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ସେ କହିଛନ୍ତି ଯେ, ଗତକାଲି ଯେଉଁଭଳି ଭାବରେ କଂଗ୍ରେସ ବିଧାୟକଙ୍କୁ ମାଡ଼ ମାରି ବାହାର କରାଗଲା ସେମାନେ ଆହତ ହୋଇଛନ୍ତ । ଆମେ ଓବିସି ପାଇଁ ଧାରଣା ଦେଇଛୁ । ଆମକୁ ବି ପୋଲିସ ମାଡ଼ ମାରିଛି । ଗୃହ ଭିତରକୁ ଗଲା ବେଳକୁ ପୋଲିସ ତାଲା ପକାଇଲା ଆସିଲା ବେଳେ ଅଧ ଘଂଟା ଛିଡା ହେଲୁ । ବିନା ବିରୋଧୀ ଦଳରେ ବିଧାନସଭା ଚଳେଇଲେ ଆମେ ସହଯୋଗ କରିବୁ ନାହିଁ ବୋଲି ପ୍ରମିଳା ମଲ୍ଲିକ କହିଛନ୍ତି ।

କଂଗ୍ରେସର ବିଶୃଙ୍ଖଳା ଗଣତନ୍ତ୍ର ପାଇଁ ଠିକ୍ ନୁହେଁ ବୋଲି କହିଛି ବିଜେପି । ବିଜେପି ସରକାର ଗୃହକୁ ଶାନ୍ତି ଶୃଙ୍ଖଳା ସହ ଚଲେଇବା ସବୁବେଳେ ପ୍ରସ୍ତୁତ । କଂଗ୍ରେସ ବିଧାୟକ ଯେଉଁ ଭଳି ବିଶୃଙ୍ଖଳା କରୁଛନ୍ତି ତାହା ଗଣତନ୍ତ୍ର ପାଇଁ ଠିକ ନୁହେଁ । ବାରମ୍ବାର ସର୍ବଦଳୀୟ ବୈଠକ ଡାକିବା ପରେ ମଧ୍ୟ ସେମାନେ ତାଙ୍କ କାର୍ଯ୍ୟରୁ ବିରତି ହେଲେ ନାହିଁ । ଯେଉଁ ଅଭିଯୋଗ ହେଉଛି ପୋଲିସ ଆକ୍ରମନ କଥା ତାହା ଜମା ବି ହୋଇନାହିଁ । ବାଚସ୍ପତି ଯାହା ବି ନିର୍ଦ୍ଦେଶ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ଠିକ ବୋଲି ବିଜେପି ବିଧାୟକ ସନାତନ ବିଜୁଳି କହିଛନ୍ତି ।

ଗତ କାଲି କଂଗ୍ରେସ ବିଧାୟକଙ୍କ ନିଲମ୍ବନ ଓ ତା ପରବର୍ତୀ ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳର ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ । ଗତ କାଲି ଯାହା ଘଟିଗଲା ତାକୁ ଅଭୂତପୂର୍ବ ବୋଲି କହିବା ସହ ଏ ସମ୍ପର୍କରେ ବାଚସ୍ପତିଙ୍କ ଠାରୁ ବିବୃତି ଦାବି କରିଛନ୍ତି ଶ୍ରୀ ଆଚାର୍ଯ୍ୟ । ଆଜି ପ୍ରଶ୍ନକାଳ ଶେଷ ହେବା ପରେ ଶ୍ରୀ ଆଚାର୍ଯ୍ୟ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ, ଗତକାଲି ଗୃହରେ ଯାହା ଘଟିଗଲା ତାହା ଅଭୂତ ପୂର୍ବ । ଗୃହ ଚାଲିବା ନୂଆ ନୁହେଁ । ଦଶନ୍ଧି ଦଶନ୍ଧି ଗୃହ ଚାଲିଛି । ବିରୋଧୀ ଦଳ ଙ୍କ ଅଧିକାର ରଖିବାର ସମସ୍ତ ଙ୍କ ର ଅଧିକାର ରହିଛି । କିନ୍ତୁ ସରକାରୀ ଦଳ ଏଭଳି ପ୍ରତିକ୍ରିୟା ଶୀଳ ହେଉଛନ୍ତି ତାହା ଠିକ ନୁହେଁ । ଯଦି ସରକାର ଏଭଳି ପ୍ରତିକ୍ରିୟା ଶୀଳ ହେବେ ତାର ପ୍ରତିକ୍ରିୟା କିଛି ଭିନ୍ନ ହେବ । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ସେ ଅନେକ ଥର ଏହି ଗୃହର ସଦସ୍ୟ ହୋଇଛନ୍ତି । ହେଲେ କେବେ ହେଲେ ଏପରି ଘଟଣା ହୋଇଥିବା ଦେଖି ନାହାନ୍ତି ଯେତେବେଳେ ପୋଲିସ ଗୃହ ମଧ୍ୟକୁ ପ୍ରବେଶ କରି ବିଧାୟକ ମାନଙ୍କୁ ବାହାରକୁ ନେଇଥିବ । ସେ କହିଛନ୍ତି ଗୃହକୁ ଚଳାଇବା ଦାୟିତ୍ୱ ସରକାରଙ୍କର । ଏହି ମାମଲାରେ ବାଚସ୍ପତିଙ୍କ ଠାରୁ ସେ ବକ୍ତବ୍ୟ ଦାବି କରିଛନ୍ତି ।

ବିଧାନସଭାରେ କାମ ହୋଇ ପାରୁ ନ ଥିବାରୁ ବିଧାୟକ ମାନଙ୍କ କଥା ରେକର୍ଡ ହୋଇ ପାରୁ ନାହିଁ । ବିଧାୟକ ମାନେ ପ୍ରସ୍ତୁତି କରି ଆସୁଥିବା ସତ୍ୱେ ସେମାନଙ୍କୁ କହିବାକୁ ସୁଯୋଗ ମିଳୁ ନାହିଁ । ବିଧାନସଭାରୁ କଂଗ୍ରେସ ବିଧାୟକ ମାନଙ୍କ ଉପରୁ ନିଲମ୍ବନ ଉଠାଇ ବାଚସ୍ପତି ସେମାନଙ୍କର ମନୋସ୍କାମନା ପୂର୍ଣ କରନ୍ତୁ ବୋଲି କହିଛନ୍ତି ଆଜି ଶୂନ୍ୟକାଳରେ କହିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ ।

# ବାଚସ୍ପତିଙ୍କ ବିବୃତି

ଭୁବନେଶ୍ୱର,୨୬।୩(ମହାଭାରତ): ବିଧାନସଭା ଅଧିବେଶନ ଜାରି ଥିବା ସମୟରେ ବିରୋଧୀ ଦଳର ବିଧାୟକମାନେ କରୁଥିବା ହଙ୍ଗାମା ନେଇ ବାଚସ୍ପତି ସୁରମା ପାଢ଼ୀ ବୁଧବାର ଦିନ ଗୃହରେ ବିବୃତି ରଖିଛନ୍ତି । ସେ କହିଛନ୍ତି, ୭ ତାରିଖ ଗୃହ କାର୍ଯ୍ୟର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ବିରୋଧୀ ସଦସ୍ୟ ବିଭିନ୍ନ ଉପାୟରେ ପ୍ରତିବାଦ କରୁଥିଲେ । ଫ୍ଲାଗ କାର୍ଡ, ପୋଷ୍ଟର, ବ୍ୟାନର ଧରି ପ୍ରତିବାଦ କରୁଥିଲେ । ୨୦ ମାର୍ଚ୍ଚରୁ କଳା ବ୍ୟାଜ, କଳା ପୋଷାକ ପରିଧାନ କରି ହୁଇସିଲ ତୂରୀ, ଘଂଟ ଓ ବଂଶୀ ବଜାଇ ଗୃହକାର୍ଯ୍ୟରେ ବାଧା ପହଂଚାଇଥିଲେ ।



ବାଚସ୍ପତି କହିଛନ୍ତି, ମୋଟ ୧୨ଟି କାର୍ଯ୍ୟ ଦିବସରୁ ୨ଟିରେ ପ୍ରଶ୍ନୋତ୍ତର କାର୍ଯକ୍ରମ ଚାଲି ଥିଲା । ୨୫ ତାରିଖ ସୁଦ୍ଧା ନିର୍ଦ୍ଧାରିତ ସମୟରୁ ୩୯ ଘଂଟା ୨ ମିନିଟ ଗୃହ କାର୍ଯ୍ୟ ଚାଲି ପାରିନଥିଲା । ସେଥିପାଇଁ ମାର୍ଚ୍ଚ ୧୦ ,୧୩, ୨୪ ଓ ୨୫ ତାରିଖରେ ସର୍ବଦଳୀୟ ବୈଠକ ଡକା ଯାଇଥିଲା । କିନ୍ତୁ ଏହା ସତ୍ୱେ ବିରୋଧୀ ଦଳର ବିଧାୟକମାନେ ବିଶୃଙ୍ଖଳିତ ଆଚରଣ ଜାରି ରଖିଥିଲେ । ୨୧ ମାର୍ଚ୍ଚ ଉପବାଚସ୍ପତି ରୁଲିଂ ଦେଇଥିଲେ ବିଶୃଙ୍ଖଳିତ ଆଚରଣରୁ ନିବୃତ ରହିବାକୁ ।

ଏ ସବୁ ସତ୍ୱେ ବିଶୃଙ୍ଖଳିତ ଆଚରଣ ଜାରି ରଖିବାରୁ କଂଗ୍ରେସର ୧୨ ଜଣ ସଦସ୍ୟଙ୍କୁ ଗତକାଲି ନିଲମ୍ବନ କରାଯାଇଥିଲା । ଏହା ପରେ ବି ସେମାନେ ଗୃହ ପରିତ୍ୟାଗ କରିନଥିଲେ । ଗୃହ ପରିତ୍ୟାଗ ନକରି ଅହୋରାତ୍ର ଧାରଣାରେ ରହିବେ ବୋଲି ଜଣାଇବା ପରେ ସୁରକ୍ଷା ସହିତ ସବୁ ପ୍ରକାର ବ୍ୟବସ୍ଥା କରିବାକୁ ବିଧାନସଭା ସଚିବାଳୟକୁ ନିର୍ଦ୍ଦେଶ ଦେଇଥିଲି । କିନ୍ତୁ ରାତ୍ର ୯ ଘଟିକା ସମୟରେ କଂଗ୍ରେସ ସଦସ୍ୟ ଓ ତାଙ୍କ ସହିତ ଆସିଥିବା କିଛି ରାଜନୀତିକ କର୍ମୀ ମାର୍ଶାଲ ଓ ସୁରକ୍ଷା କର୍ମୀଙ୍କୁ ବିଧାନସଭା ବାରଣ୍ଡାକୁ ଆସି ଆକ୍ରମଣ କରିଥିଲେ । ଯେଉଁଥିରେ ସେମାନେ ଆହତ ହୋଇଥିଲେ ଏବଂ ଚିକିତ୍ସିତ ହେଉଛନ୍ତି । ପୁନର୍ବାର ରାତ୍ରି ୨ ଟାରେ କିଛି କଂଗ୍ରେସ ବିଧାୟକଙ୍କୁ ମାର୍ଶାଲ ଗେଟ୍ ବାହାରକୁ ନେଇ ଛାଡିଥିଲେ ଆଉ କିଛି ବିଧାୟକ ସସମ୍ମାନେ ଯାଇଥିଲେ ।

# ମଙ୍ଗଳବାର ଚାଲିବନି ପୁରୀ-ରାଉରକେଲା ବନ୍ଦେ ଭାରତ

ରାଉରକେଲା,୨୬।୩(ମହାଭାରତ): ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ଏଣିକି ସପ୍ତାହରେ ଶନିବାର ପରିବର୍ତ୍ତେ ମଙ୍ଗଳବାର ଚାଲିବନି । ଆସନ୍ତା ଜୁନ୍ ୩ରୁ ଏହି ନିୟମ ଲାଗୁ ହେବାକୁ ପୂର୍ବତଟ ରେଳବାଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ପୁରୀ- ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ସପ୍ତାହରେ ୬ ଦିନ ସୋମବାର, ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ଓ ରବିବାର ଚାଲୁଛି । ମରାମତି ପାଇଁ ସପ୍ତାହର ଶନିବାର ବନ୍ଦ ରହୁଛି ଆସନ୍ତା ଜୁନ୍ ୩ରୁ ସପ୍ତାହର ୬ ଦିନ ଅର୍ଥାତ୍ ସୋମବାର, ବୁଧବାର, ଗୁରୁବାର, ଶୁକ୍ରବାର, ଶନିବାର ଓ ରବିବାର ଚାଲିବ । ସପ୍ତାହର ପ୍ରତି ମଙ୍ଗଳବାର ମରାମତି ପାଇଁ ବନ୍ଦ ରହିବ ପୂର୍ବପରି ପୁରୀ-ରାଉରକେଲା ମଧ୍ୟରେ ରହଣି ଓ ସମୟ ସାରଣୀର କେଣସି ପରିବର୍ତ୍ତନ ହୋଇନାହିଁ ପୂର୍ବପରି ଟ୍ରେନ୍‌ରେ ମୋଟ ୮ କୋଚ୍ ରହିଛି ।





ଶପଥ ନେଉଛନ୍ତି ଜଷ୍ଟିସ ହରିଶ ଟଣ୍ଡନ।

# ପୋଲିସ ସହ ଧସ୍ତାଧସ୍ତି

ଭୁବନେଶ୍ୱର,୨୬।୩(ମହାଭାରତ): ଗୋଟିଏ ପଟେ ତାତି ବଢୁଛି, ଆଉ ଗୋଟିଏ ପଟେ ରାଜ୍ୟ ରାଜନୀତି ବେଶ୍ ଉଷ୍ମ ରହିଛି । ଗତକାଲିର ହାଇଡ୍ରାମା ଆଜି ବଜାୟ ରହିଛି । ଆଜି ବିଧାନସଭା ପ୍ରବେଶ ଦ୍ୱାର ସମ୍ମୁଖରେ ଦେଖିବାକୁ ମିଳିଛି ହାଇଡ୍ରାମା । ପୋଲିସ ସହ ବିଜେଡି ଏବଂ କଂଗ୍ରେସ ବିଧାୟକ ଧସ୍ତାଧସ୍ତି ହୋଇଛନ୍ତି । ଏପିରିକି ବିଧାନସଭାର ଗେଟ୍ ଭାଙ୍ଗି ବିଧାନସଭା ମଧ୍ୟକୁ ପ୍ରବେଶ କରିଛନ୍ତି ସସ୍‌ପେଣ୍ଡ ବିଧାୟକ । ଆଉ ଆମ୍ବେଦରକରଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଛନ୍ତି ।

ମଙ୍ଗଳବାର ବିଧାନସଭାରୁ କଂଗ୍ରେସର ୧୨ ବିଧାୟକଙ୍କୁ ସସ୍‌ପେଣ୍ଡ କରାଯାଇଥିଲା । ଯାହାକୁ ବିରୋଧ କରି ମାଷ୍ଟରକ୍ୟାଣ୍ଟିନ୍ ଛକରେ ରାତିସାରି ଧାରଣାରେ ବସିଥିଲେ କଂଗ୍ରେସ ନେତା ଓ କର୍ମୀ । ତେବେ ଆଜି ବିଧାନସଭା କାର୍ଯ୍ୟ ଦିବସ ଆରମ୍ଭ ହେବା ମାତ୍ରେ ନିଲମ୍ବିତ ବିଧାୟକମାନେ ବିଧାନସଭା ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ



କରିଥିଲେ । ଯାହାକୁ ଅଟକାଇଥିଲେ ପୋଲିସ । ହେଲେ କଂଗ୍ରେସ ନେତାମାନେ କୌଣସି କଥାକୁ ମାନିନଥିଲେ । ଶେଷରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲେ । ଠିକ୍ ଏହି ସମୟରେ ବିଜେଡ଼ି ବିଧାୟକମାନେ ଗେଟ୍ ଭାଙ୍ଗି ବାହାରକୁ ଆସିଥିଲେ, ଆଉ କଂଗ୍ରେସ ବିଧାୟକମାନଙ୍କୁ ବିଧାନସଭା ପରିସରକୁ ନେଇଥିଲେ । ସେଠାରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲେ । ଅନ୍ୟପଟେ ନିଜ ଦଳର ବିଧାୟକମାନଙ୍କ ପ୍ରତି ହେଉଥିବା ଅନ୍ୟାୟକୁ

ବିରୋଧ କରି ବିଧାନସଭା ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀମାନେ ଧାରଣାରେ ବସିଥିଲେ । ହେଲେ ପୋଲିସ ପହଞ୍ଚି ସମସ୍ତଙ୍କୁ ଗିରଫ କରି ହେପାଜତକୁ ନେଇଛି । ବୁଧବାର ବିଧାନସଭା ପରିସରରେ ଏକପ୍ରକାର ଅଭାବନୀୟ ପରିସ୍ଥିତି ଦେଖାଦେଇଥିଲା ।ଯାହାକୁ ନେଇ ଅନେକ କଂଗ୍ରେସ ନେତା କହିଛନ୍ତି ଯେ, ନିର୍ବାଚିତ ବିଧାୟକମାନଙ୍କର ସ୍ୱରକୁ ରାଜ୍ୟ ସରକାର ଚାପିବାକୁ ଉଦ୍ୟମ କରୁଛନ୍ତି । ଯାହାର ଜବାବ ଆଗାମୀ ଦିନରେ ଜନତା ଦେବେ ।

ଆସନ୍ତାକାଲି (ଗୁରୁବାର)କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ ପାଇଁ ବିଧାନସଭା ଓ ଏହାର ଆଖପାଖ ଅଂଚଳରେ ଟ୍ରାଫିକ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି । ଏଥିପାଇଁ ଓଡିଶା ପୋଲିସ ପକ୍ଷରୁ ଟ୍ରାଫିକ୍ ଆଡଭାଇଜରୀ ଜାରି କରାଯାଇଛି । ରାଜମହଲ ଛକରୁ ରୁପାଲି ଛକ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଦେଖାଦେଇପାରେ । ସକାଳ ୯ଟାରୁ ଦିନ ୩ଟା ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି । ଏଣୁ ଅନ୍ୟ ରାସ୍ତାରେ ଯିବାକୁ ଓଡିଶା ପୋଲିସ ତରଫରୁ ଅନୁରୋଧ କରାଯାଇଛି ।

## ଆଳୁ ପୁରି'

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଟା ସହ ଲୁଣ ମିଶାଇ ଛଲୁଣୀରେ ଚଲାଇ ନିଅନ୍ତୁ। ଏଥିରେ ଜୁଅ ।ଣୀ ଓ କସ୍ତୁରୀ ମେଥି ମିଶାଇ ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ଦଳିଦିଅନ୍ତୁ। ଏହାକୁ ଏକ ଦୋକନାରେ ଅଧଘଂଟା ଘୋଡ଼ାଇ ରଖନ୍ତୁ। ଏବେ ଆଳୁକୁ ସିଝାଇ, ଚୋପା ଛଡ଼ାଇ କଟା ଲଙ୍କା, ତେଲ, ଲୁଣ, ହଳଦୀ ଓ ଲାଲ୍ ଲଙ୍କାଗୁଣ୍ଡ ମିଶାଇ ଭଲକରି ଚକଟି ଦିଅନ୍ତୁ। ଏବେ ଦଳା ହୋଇଥିବା ଅଟାରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ ଓ ଏଗୁଡ଼ିକୁ ପୁରି ପରି ବେଲନ୍ତୁ। ଏବେ ପୁରି ମଝିରେ ଆଳୁପୁର ରଖି ଚାରିପଟୁ ବନ୍ଦ କରି ଏହାକୁ ପୁଣି ଗୁଳା କରି ଆଉଥରେ ବେଲି ଦିଅନ୍ତୁ। ବର୍ତମାନ କଡ଼େଇରେ ତେଲ ଗରମ କରି ଏଗୁଡ଼ିକୁ ଛାଣିନ୍ତୁ। ବର୍ତମାନ ପ୍ରସ୍ତୁତ ହୋଇଗଲା ଗରମା ଗରମ ନ୍ତଆଳୁ ପୁରି।



..... ଖବର .....

# ପରିବାର ସହ ବିବାଦ ମଧ୍ୟରେ ନିଜ ନାମରୁ 'ବବ୍ବର' ହଟାଇ 'ପାଟିଲ୍' ଯୋଡିଲେ ପ୍ରତୀକ୍





ଅଭିନେତା-ରାଜନେତା ରାଜ୍ ବବ୍ବରଙ୍କ ପୁଅ ପ୍ରତୀକ ବବ୍ବର ତାଙ୍କ ସ୍ୱର୍ଗତଃ ମାଆ ସ୍ମିତା ପାଟିଲଙ୍କ ସମ୍ମାନାର୍ଥେ ତାଙ୍କ ଉପନାମକୁ 'ପ୍ରତୀକ ସ୍ମିତା ପାଟିଲ'ରେ ପରିବର୍ତ୍ତନ କରିଛନ୍ତି। କିଛି ଦିନ ତଳେ ପ୍ରତୀକ୍ ବିବାହ କରିଥିଲେ। ବିବାହ ସମୟରେ ମଧ୍ୟ ସେ ରାଜ୍ ଓ ତାଙ୍କ ସାବତ ଭାଇଙ୍କୁ ଡାକି ନଥିଲେ। ସେବେଠାରୁ ପରିବାର ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ଏବେ ପ୍ରତୀକ୍ ନିଜ ନାମରୁ ବବ୍ବର ହଟାଇ ଦେବା ପରେ ଏହା ସ୍ପଷ୍ଟ ହୋଇଛି। ଜାତୀୟ ଗଣମାଧ୍ୟମ ଟାଇମ୍ସ ଅଫ୍ ଇଣ୍ଡିଆକୁ ସାକ୍ଷାତକାର ଦେଇ ପ୍ରତୀକ୍ ପ୍ରକାଶ କରିଛନ୍ତି ଯେ, ମୁଁ ମୋ ନାମକୁ 'ପ୍ରତୀକ ବବ୍ବର'ରୁ 'ପ୍ରତୀକ ସ୍ମିତା ପାଟିଲ'କୁ ପରିବର୍ତ୍ତନ କରିଛି। ମୁଁ ପରିଣାମ ବିଷୟରେ ଚିନ୍ତା କରୁ ନାହିଁ। ମୁଁ କେବଳ ସେହି ନାମ ଶୁଣିଲେ କିପରି ଅନୁଭବ କରେ ତାହା ବିଷୟରେ ଚିନ୍ତା କରୁଛି। ମୁଁ ମୋ ମାଆ (ସ୍ମିତା ପାଟିଲ), ତାଙ୍କ ନାମ ଏବଂ ତାଙ୍କ ଐତିହ୍ୟ ସହିତ ସମ୍ପୂର୍ଣ୍ଣ ଭାବରେ ଯୋଡି ହୋଇ ରହିବାକୁ ଚାହେଁ। ମୁଁ ମୋ ବାପାଙ୍କ ପରି ନୁହେଁ, ମୋ ମାଆଙ୍କ ପରି ହେବାକୁ ଚେଷ୍ଟା କରୁଛି।ପ୍ରତୀକଙ୍କ ଉପନାମ ପରିବର୍ତ୍ତନ ଉପରେ ପ୍ରତିକ୍ରିୟା ଦେଇ ସାବତ ଭାଇ ଆର୍ଯ୍ୟ ବବ୍ବର କହିଛନ୍ତି ଯେ, ସ୍ମିତା ପାଟିଲ୍ ମୋର ମଧ୍ୟ ମାଆ ଏବଂ ଏହା ପ୍ରତୀକଙ୍କ ଉପରେ ନିର୍ଭର କରେ ଯେ ସେ କେଉଁ ଉପନାମ ରଖିବାକୁ ଚାହାଁନ୍ତି। ନାମ ପରିବର୍ତ୍ତନ କରିବା ଦ୍ୱାରା ଜଣଙ୍କର ପରିଚୟ ପରିବର୍ତ୍ତନ ହୁଏ ନାହିଁ। ନାମ ପରିବର୍ତ୍ତନ ସ[illegible]ତ୍ତ୍ୱ, ଜଣଙ୍କର ଅସ୍ତିତ୍ୱ ଏବଂ ପରିଚୟ ପରିବର୍ତ୍ତନ ହୁଏ ନାହିଁ।

## ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ?

ର୍ବତମାନ ସମୟରେ ଉଚ୍ଚ ରକ୍ତଚାପ ସଭିଁଙ୍କ ପାଇଁ ସମସ୍ୟା ପାଲଟିଛି । ଉଚ୍ଚ ରକ୍ତଚାପ ସିଧାସଳଖ କୋଲେଷ୍ଟେରୋଲ୍ ଓ ହୃଦୟ ସହ ଜଡିତ । କୋଲେଷ୍ଟେରୋଲ୍ ବୃଦ୍ଧି ଓ ହୃଦୟ ସଠିକ୍ ଭାବେ କାମ ନକରିବା ଦ୍ୱାରା ପ୍ରଥମ ଲକ୍ଷଣ ଉଚ୍ଚ ରକ୍ତଚାପ ଭାବେ ଦେଖାଯାଏ । ତେଣୁ ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ତାହା ଜାଣିବା ନିତାନ୍ତ ଆବଶ୍ୟକ । କାରଣ ବୟସ ଅନୁଯାୟୀ ସଭିଁଙ୍କ ରକ୍ତଚାପ ଭିନ୍ନ ଭିନ୍ନ ହୋଇଥାଏ । ଜାଣନ୍ତୁ ୧୮ ବର୍ଷରୁ ଆରମ୍ଭ କରି ୬୦ ବର୍ଷ ପର୍ଯ୍ୟନ୍ତ ବୟସ ଅନୁଯାୟୀ କେତେ ରକ୍ତଚାପ ରହିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ।

୧୮-୩୯ ବର୍ଷ ଯୁବକଙ୍କ ୧୧୯/୭୦ ଓ ମହିଳାଙ୍କର ୧୧୦/୬୮ଏମଏମ ରକ୍ତଚାପ ରହିବା ସ୍ୱାସ୍ଥ୍ୟକର ବୋଲି କୁହାଯାଏ ।



୪୦-୫୬ ବର୍ଷ ବ୍ୟକ୍ତିଙ୍କର ୧୨୪/୭୭ ଓ ମହିଳାଙ୍କର ୧୨୨/୭୪ ରକ୍ତଚାପ ସ୍ୱାସ୍ଥ୍ୟକର ଅଟେ ।

ସେହିପରି ୬୦ ବର୍ଷ ଉର୍ଦ୍ଧ ବ୍ୟକ୍ତିଙ୍କର ୧୩୩/୬୯ ଓ ମହିଳାଙ୍କର ରକ୍ତଚାପ ୧୩୯/୬୮ ସଠିକ୍ ଅଟେ ।

ବୟସ ଅନୁଯାୟୀ ରକ୍ତଚାପ ଏତିକି ରହିବା ଦ୍ୱାରା ହୃଦୟ ସଠିକ୍ ଭାବେ କାର୍ଯ୍ୟ କରିଥାଏ।

ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ୧୦୦/୭୦ ରକ୍ତଚାପ ରହିବା ଜରୁରୀ।

## ରୁପା ବାସନରେ ଖାଇଲେ ଶରୀରକୁ ମିଳିବ ଆଶ୍ଚର୍ଯ୍ୟଜନକ ଲାଭ

ରୁପାକୁ ସାଧାରଣତଃ ଲୋକେ ବିଭିନ୍ନ ଗହଣା ତିଆରି କରିବାରେ ବ୍ୟବହାର କରି ଥାଆନ୍ତି । ମାତ୍ର ରୁପାରୁ କେବଳ ଗହଣା ନୁହେଁ ବରଂ ବାସନ ମଧ୍ୟ ତିଆରି କରାଯାଏ ।ଏହା ମହଙ୍ଗା ହୋଇଥିବା କାରଣରୁ କମ୍ ଲୋକେ ଏହାକୁ ବ୍ୟବହାର କରି ଥାଆନ୍ତି । ମାତ୍ର ରୁପା ବାସନରେ ଖାଦ୍ୟ ସେବନ କରିବା କୌଣସି ବରଦାନରୁ କମ୍ ନୁହେଁ । ଆୟୁର୍ବେଦ ଅନୁଯାୟୀ, ରୁପାରେ ଆଣ୍ଟିସେପଟିକ୍, ଆଣ୍ଟି-ବ୍ୟାକ୍ଟେରିୟଲ ଭଳି ଅନେକ ଗୁଣ ରହିଛି ।ଫଳରେ ରୁପାର ବାସନରେ ଭୋଜନ କରିବା ଦ୍ୱାରା ସ୍ୱାସ୍ଥ୍ୟକୁ ଚମତ୍କାରୀ ଲାଭ ମିଳିଥାଏ ।ରୁପା ବାସନରେ ଭୋଜନ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଜଭୁତ ହୋଇଥାଏ । ଫଳରେ ସହଜରେ ରୋଗଗ୍ରସ୍ତ ହେବେ ନାହିଁ ୟ ନିରୋଗ ରହିବେ ।ରୁପା ବାସନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷିତ ରହିଥାଏ । ଏଥିରେ କୌଣସି ପ୍ରକାର ବ୍ୟାକ୍ଟେରିଆ ସୃଷ୍ଟି ହୋଇ ନଥାଏ ।ରୁପା ବାସନରେ ଭୋଜନ କରିବା ଦ୍ୱାରା ପାଚନ ତନ୍ତ୍ର ମଜଭୁତ ହୋଇଥାଏ। ଫଳରେ ଖାଦ୍ୟ ଭଲରେ ଓ ସହଜରେ ହଜମ ହୋଇଥାଏ ୟରୁପାର ଗୁଣ ଥଣ୍ଡା। ଏଥିରୁ ପ୍ରସ୍ତୁତ ବାସନରେ ଭୋଜନରେ କରିବା ଦ୍ୱାରା ଶରୀରକୁ ଥଣ୍ଡା ମିଳିଥାଏ । ରୁପା ବାସନରେ ଖାଦ୍ୟ ପ୍ରସ୍ତୁତ କରିବା ଦ୍ୱାରା



ଶରୀର ଶାନ୍ତ ସହ ମସ୍ତିଷ୍କ ସୁସ୍ଥ ରହିଥାଏ ୟ ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ । ରୁପାର ଟଙ୍କାକୁ କ୍ଷୀର କିମ୍ବା ପାଣିରେ ଫୁଟାଇ କେବଳ ସେହି କ୍ଷୀର କିମ୍ବା ପାଣିକୁ ପିଇବା ଦ୍ୱାରା ଶରୀରକୁ ଅଗଣିତ ଲାଭ ମିଳିଥାଏ ।ଏହି କ୍ଷୀର ଓ ପାଣିକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ବୃଦ୍ଧି ହୋଇଥାଏ । ଶରୀରର ଥକ୍କାପଣ ଦୂର ହେବା ସହ ଦୁର୍ବଳ ଅନୁଭବ ହୋଇନଥାଏ ।ଏହି ବାସନରେ ଭୋଜନ କରିବା ଦ୍ୱାରା ହାଡ ଜନିତ ଅନେକ ରୋଗରୁ ମୁକ୍ତି ମିଳିଥାଏ ।

# ଜୀବନରେ ଥରେ ଏହି ୬ ବୃକ୍ଷର ପୂଜା କରିବା ଦରକାର

## କେବେ ହେବନି ଧନର ଅଭାବ

ଭଗବାନ ଶ୍ରୀକୃଷ୍ଣ ଏମିତି ୬ଟି ବୃକ୍ଷ ବିଷୟରେ କହିଛନ୍ତି ଯାହାର ପୂଜା କରିବା ଦ୍ୱାରା ବ୍ୟକ୍ତିର ଜୀବନରୁ ଦୁଃଖ, କଷ୍ଟ, ଦାରିଦ୍ର୍ୟତା, କ୍ଲେଶ ସବୁ ଦୁର ହୋଇଯାଇଥାଏ। ଆମ ହିନ୍ଦୁ ଧର୍ମରେ ବୃକ୍ଷ ମାନଙ୍କୁ ପୂଜନୀୟ କୁହାଯାଇଛି। ଶାସ୍ତ୍ର ଅନୁସାରେ ବୃକ୍ଷର ମଧ୍ୟ ଜୀବନ ରହିଛି। ଏହି ସୃଷ୍ଟିରେ ସର୍ବ ପ୍ରଥମ ବୃକ୍ଷ ମାନଙ୍କୁ ହି ସ୍ଥାନ ମିଳିଥିଲା । ଏହା ପରେ ଜୀବଜନ୍ତୁଙ୍କ ଉତ୍ପତ୍ତି ହୋଇଥିଲା। ବୃକ୍ଷମାନେ ଆମର ପ୍ରକୃତ ସାଥୀ ହୋଇଥାନ୍ତି ।

ବୃକ୍ଷ ମାନଙ୍କୁ ଶାସ୍ତ୍ରରେ ବହୁତ ମହତ୍ୱ ଦିଆଯାଇଛି। ଗଛ ଆମ ପାଇଁ ସମ୍ମାନୀୟ ଏବଂ ପୂଜନୀୟ ହୋଇଥାଏ। କିନ୍ତୁ ଏମାନଙ୍କ ମଧ୍ୟରୁ କିଛି ବୃକ୍ଷ ଏମିତି ମଧ୍ୟ ରହିଛି ଯାହା ବିଶେଷ ମହତ୍ତ୍ୱ ରଖିଥାନ୍ତି ଏବଂ ମନୁଷ୍ୟ ଭଗବାନଙ୍କ ପରି ଏହି ବୃକ୍ଷ ମାନଙ୍କୁ ମଧ୍ୟ ପୂଜା କରିଥାଏ। ଆଜି ଆମେ ଆପଣଙ୍କୁ ଏମିତି କିଛି ବୃକ୍ଷ ବିଷୟରେ କହିବାକୁ ଯାଉଛୁ। ଯାହାର ବର୍ଣ୍ଣନା ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କରିଛନ୍ତି। ତେବେ ଚାଲନ୍ତୁ ଜାଣିବା ।

ତୁଳସୀ ଗଛ:- ପ୍ରତ୍ୟେକ ହିନ୍ଦୁ ଘରେ ପବିତ୍ର ତୁଳସୀ ଗଛ



ଦେଖିବାକୁ ମିଳିଥାଏ। ତୁଳସୀ ଗଛକୁ ହିନ୍ଦୁ ଧର୍ମରେ ସବୁଠାରୁ ପବିତ୍ର ବୋଲି କୁହାଯାଇଥାଏ। ସେଥିପାଇଁ ତୁଳସୀ ଗଛକୁ ପ୍ରତିଦିନ ପୂଜାର୍ଚ୍ଚନା କରାଯାଇଥାଏ। ତୁଳସୀ ଗଛ ଭଗବାନ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଅଟେ। ଏହି ଗଛକୁ ଆୟୁର୍ବେଦରେ ମଧ୍ୟ ବହୁତ ଉପକାରୀ ଅଟେ ।

ଅଶୋକ ଗଛ:- ହିନ୍ଦୁ ଧର୍ମରେ ଅଶୋକ ଗଛକୁ ବହୁତ ପୂଜନୀୟ ବୋଲି କୁହାଯାଇଛି। ବେଦ, ପୁରାଣରେ ଏବଂ ଗୀତାରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ଅଶୋକ ଗଛର ଉଲ୍ଲେଖ କରିଛନ୍ତି। ଅଶୋକ ଗଛରେ ମଧ୍ୟ ବହୁତ ପ୍ରକାରର ଔଷଧୀୟ ଗୁଣ ରହିଛି। ଭାରତରେ ଅଶୋକ ଗଛକୁ ପୂଜା କରିବାର ବହୁତ ପ୍ରକାରର ନିୟମ ରହିଛି। କାରଣ ଶାସ୍ତ୍ର ଅନୁସାରେ ଅଶୋକ ଗଛରେ ୩୩କୋଟି ଭଗବାନ ବାସ କରିଥାନ୍ତି।

ବର ଗଛ:- ଏହି ଗଛକୁ ଶାସ୍ତ୍ରରେ ପବିତ୍ର ବୋଲି କୁହାଯାଇଛି। ହିନ୍ଦୁ ଶାସ୍ତ୍ର ଅନୁସାରେ ଜ୍ୟେଷ୍ଠ ମାସରେ ବରଗଛକୁ ପୂଜା କରାଯାଇଥାଏ। ଏହି ବ୍ରତ ବିବାହିତା ମହିଳା ମାନେ ନିଜ ସ୍ୱାମୀଙ୍କ ଲମ୍ୱା ଆୟୁଷ ପାଇଁ ରଖିଥାନ୍ତି।

ନିମ୍ବ ଗଛ:- ଏହି ଗଛରେ ମଧ ବହୁତ ଔଷଧୀୟ ଗୁଣ ରହିଛି। ଏହି ଗଛ ଆପେ ଆପେ ଉଠି ଥାଏ। ଏହି ଗଛ ବହୁତ ମାତ୍ରାରେ ମିଳିଥାଏ। ଏହି ଗଛର ପତ୍ର ବହୁତ ଉପକାରି ଅଟେ। ଏହା ଗ୍ରୀଷ୍ମ ଦିନରେ ହେଉଥିବ ରୋଗମାନଙ୍କ ଠାରୁ ରକ୍ଷା ପାଇବ ପାଇଁ କରାଯାଇଥାଏ ।

ଆମ୍ବ ଗଛ:- ହିନ୍ଦୁ ଧର୍ମରେ କିଛି ବି ଶୁଭ କାର୍ଯ୍ୟରେ, ପର୍ବ ପର୍ବାଣୀରେ ଘରର କବାଟରେ ଆମ୍ବ ପତ୍ରର ତୋରଣ ବାନ୍ଧିବାର ପରମ୍ପରା ରହିଛି। ଭଗବାନଙ୍କ ପାଖରେ ରଖିଥିବ କଳସରେ ମଧ୍ୟ ଆମ୍ବ ପତ୍ର ରଖାଯାଇଥାଏ। ବିବାହ, ଜନ୍ମଦିନରେ ମଧ୍ୟ ଆମ୍ବ ଗଛକୁ ପୂଜ କରିବା ଶୁଭ ବୋଲି କୁହାଯାଇଥାଏ।

ନଡ଼ିଆ ଗଛ:- ଏହି ଗଛକୁ ଶ୍ରୀଫଳ ମଧ୍ୟ କୁହାଯାଇଥାଏ। ଔଷଧୀୟ ଗୁଣରେ ଭରପୁର ଏବଂ ଧାର୍ମିକ କ୍ଷେତ୍ରରେ ମଧ୍ୟ ଉଚ୍ଚ ମାନ୍ୟତ ଦିଆଯାଇଥିବା ନଡ଼ିଆ ଗଛର କୌଣସି ଭାଗ ଅନୁପଯୋଗୀ ହୋଇନଥାଏ। ନଡ଼ିଆ ବିନ କୌଣସି ଶୁଭ କାର୍ଯ୍ୟ ହୋଇନଥାଏ। ନଡ଼ିଆ ପ୍ରତ୍ୟେକ ଶୁଭ କାର୍ଯ୍ୟରେ ସର୍ବ ପ୍ରଥମେ ଲାଗିଥାଏ।

## ବାରମ୍ବାର ପରିସ୍ରା ଲାଗୁଛି କି !

ବୟସ୍କ ପୁରୁଷମାନଙ୍କ ଠାରେ ଗୁରୁତର ରୋଗ ହେତୁ ପ୍ରୋଷ୍ଟାଟିକ୍ ରୋଗ ସାଧାରଣ ହୁଏ। ସାମ୍ପ୍ରତିକ ଅବସ୍ଥା ଯେପରିକି ବାର୍ଦ୍ଧକ୍ୟ, ପାଣିପାଗରେ ପରିବର୍ତ୍ତନ, ଯାତ୍ରା କିମ୍ବା ବୃତ୍ତି ସହିତ ଜଡିତ ଚାପ, ବିଭିନ୍ନ ସ୍ଥାନରୁ ଜଳ ଇତ୍ୟାଦି ପ୍ରୋଷ୍ଟେଟ ସମସ୍ୟା ସୃଷ୍ଟି କରିପାରେ। ଯଦିଓ ଜୀବନଶୈଳୀ ଏବଂ ବୟସ ବଢ଼ିବା କାରଣରୁ ପୁରୁଷମାନଙ୍କ ଜୀବନର ଗୁଣ ବ୍ୟାହତ ହୁଏ କାରଣ ପ୍ରୋଷ୍ଟେଟ ଗ୍ରନ୍ଥିରେ ବୃଦ୍ଧି ନିମ୍ନ ମୂତ୍ରାଶୟ ଲକ୍ଷଣ ଦ୍ୱାରା ହୋଇପାରେ।

ତଥ୍ୟ ଅନୁଯାୟୀ ୪୦ ରୁ ଅଧିକ ବୟସ୍କ ପୁରୁଷଙ୍କ ମଧ୍ୟରୁ ପ୍ରାୟ ୬୫% ଏହି ବିରକ୍ତିକର ଲକ୍ଷଣରେ ପୀଡିତ। ତେବେ ଏହି ରୋଗୀଙ୍କ ମଧ୍ୟରୁ ଅଧିକାଂଶ କାହିଁକି ପୀଡିତ ? ଅନ୍ୟ ଏକ କାରଣ ସୁଗାର ମଧ୍ୟ ହୋଇଥାଇ ପାରେ ।

ପ୍ରୋଷ୍ଟେଟର ଲକ୍ଷଣ: ଅଧିକାଂଶ ରୋଗୀ ଚିକିତ୍ସା ପାଇଁ ବିଳମ୍ବରେ ପହଞ୍ଚନ୍ତି। ସାଧାରଣତଃ ରୋଗୀ ରୋଗ ବିଷୟରେ କହିବାକୁ ବାରଣ କରେ କିମ୍ବା ବାର୍ଦ୍ଧକ୍ୟର ଏକ ଅପରିହାର୍ଯ୍ୟ ପରିଣାମ ଭାବରେ ଛାଡିଦିଏ, କିମ୍ବା ଶୀତଳ ପାଗ ଏବଂ ବାହ୍ୟ ପାନୀୟ ଜଳ ପରି ବାହ୍ୟ କାରଣରୁ ସେମାନେ ଯନ୍ତ୍ରଣା ଭୋଗିବାକୁ ଲାଗନ୍ତି। ନିରବରେ ସେମାନେ ଲକ୍ଷଣରୁ ଦୂରେଇ ରୁହନ୍ତି ଏବଂ ସେମାନଙ୍କର ଯନ୍ତ୍ରଣାକୁ ମୁକାବିଲା କରିବା ପାଇଁ ଆତ୍ମ-ବ୍ୟାଖ୍ୟାକାରୀ କୌଶଳ ବିକାଶ କରନ୍ତି, ଯେପର୍ଯ୍ୟନ୍ତ ସେମାନେ ସ୍ପଷ୍ଟ ଭାବରେ ଖରାପ ନ ହୁଅନ୍ତି ଏବଂ ଜଟିଳତା ସୃଷ୍ଟି ହୁଏ ।

ମୋହାଲି, ଫୋର୍ଟିସ୍ ହସ୍ପିଟାଲ୍, କନସଲଟା ୟୁରୋଲୋଜିଷ୍ଟ୍ ମନୀଷ ଅହୁଜାଙ୍କ କହିବାନୁସାରେ, ନିମ୍ନ ଲକ୍ଷଣ ଦ୍ୱାରା ଜୀବନର ଗୁଣବତ୍ତା ବାଧାପ୍ରାପ୍ତ ହୁଏ । ଲକ୍ଷଣଗୁଡିକର ଅଜ୍ଞତା ହେତୁ, ଏହିପରି ରୋଗୀ ଜଳ ଏବଂ ଅନ୍ୟ ଏକ ତରଳ ପଦାର୍ଥକୁ ସୀମିତ ରଖିବା ଆରମ୍ଭ କରନ୍ତି। ସେମାନେ ମଧ୍ୟ ସେମାନଙ୍କର ପରିସ୍ରା ବିଷୟରେ ସଚେତନ ହୁଅନ୍ତି, ଯଥା ବାହାରେ ଦୀର୍ଘ ଯାତ୍ରା କରିବା ପୂର୍ବରୁ ପରିସ୍ରା କରିବା, ଶୌଚାଳୟ ସ୍ଥାନ ଉପରେ ନଜର ରଖିବା, ଦୂର ଦୂରାନ୍ତର ଯାତ୍ରା ଠାରୁ ଦୂରେଇ ରହିବା।

ସାମାନ୍ୟ ବର୍ଦ୍ଧିତ ପ୍ରୋଷ୍ଟେଟ ଥିବା କେତେକ ପୁରୁଷଙ୍କ ଉଲ୍ଲେଖନୀୟ ଲକ୍ଷଣ ଥାଇପାରେ, ଯେତେବେଳେ ପ୍ରୋଷ୍ଟେଟ ବୃଦ୍ଧି ପାଇଥିବା ଅନ୍ୟ ପୁରୁଷମାନଙ୍କର ସାମାନ୍ୟ ମୂତ୍ରାଶୟ ଲକ୍ଷଣ ଥାଇପାରେ। ଏହା ଧ୍ୟାନ ଦେବା ଜରୁରୀ ଯେ ପ୍ରୋଷ୍ଟେଟର ଆକାର ଆପଣଙ୍କ ଲକ୍ଷଣର ଗମ୍ଭୀରତା ନିର୍ଣ୍ଣୟ କରେ ନାହିଁ।

ଯଦି ଏହାର ଚିକିତ୍ସା କରା ନ ଯାଏ, ତାହା ମୂତ୍ର ନଳୀରେ ବାଧା ସୃଷ୍ଟି କରିପାରେ ଏବଂ ଏହା ପ୍ରୋଷ୍ଟେଟ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। ତେଣୁ ଆପଣ ଡାକ୍ତରଙ୍କ ସହ ଯୋଗାଯୋଗ କରିବ ଉଚିତ ଏବଂ ଏହି ସମସ୍ୟା ଦ୍ୱାର ଲଜ୍ଜିତ ନହେବା ପାଇଁ ପରାମର୍ଶ ଦିଆଯାଇଛି। ତୁମର ବୟସ, ସ୍ୱାସ୍ଥ୍ୟ ଏବଂ ଅବସ୍ଥା ଉପରେ ଆଧାର କରି ଡାକ୍ତର ଆପଣଙ୍କ ଯତ୍ନ ନେବାରେ ସାହାଯ୍ୟ କରିପାରିବେ।

ଅଧିକ ପରିସ୍ରା ଲାଗୁଥିଲେ ହୋଇପାରେ ଏହି ରୋଗ :

ଏହାର ଲକ୍ଷଣ (ବେନିନ୍ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ) ଉତ୍ତମ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ। ଏକ ମିଶ୍ରଣ ଶାରୀରିକ, ରେଡିଓଗ୍ରାଫିକ୍ ପରୀକ୍ଷଣ ଏବଂ କିଛି ଲାବୋରେଟୋରୀ ପରୀକ୍ଷଣର ପରିସ୍ରା ନିର୍ଣ୍ଣୟ କରେ। ଶାରୀରିକ ପରୀକ୍ଷଣରେ ଏକ ଡିଜିଟାଲ୍ ରେକ୍ଟାଲ୍ ପରୀକ୍ଷଣ ଥାଏ, ଯେଉଁଥିରେ ବିଶେଷଜ୍ଞ ୟୁରୋଲୋଜିଷ୍ଟଙ୍କ ଦ୍ୱାରା ପ୍ରୋଷ୍ଟେଟର ଶାରୀରିକ ଯାଞ୍ଚ ଅନ୍ତର୍ଭୁକ୍ତ। ପ୍ରୋଷ୍ଟେଟ ଗ୍ରନ୍ଥିର ଆକାର ମାପିବ ପାଇଁ ପେଟ ଏବଂ ପେଲଭିକ ଅଲଟ୍ରାସାଉଣ୍ଡ ବ୍ୟବହୃତ ହୁଏ। ଲ୍ୟାବ ପରୀକ୍ଷଣରେ ପ୍ରୋଷ୍ଟେଟ-ନିର୍ଦ୍ଦିଷ୍ଟ ଆଣ୍ଟିଜେନ୍ସ ଅନ୍ତର୍ଭୁକ୍ତ। ଯେତେବେଳେ ପ୍ରୋଷ୍ଟେଟ୍ ସୁସ୍ଥ ଥାଏ, ରକ୍ତରେ ଏକ ଛୋଟ ପ୍ରୋଷ୍ଟେଟ୍ ନିର୍ଦ୍ଦିଷ୍ଟ ଆଣ୍ଟିଜେନ୍ ମିଳିଥାଏ।

# ଜଳ ସମ୍ପଦ ବିଭାଗ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା



**ଭୁବନେଶ୍ୱର,୨୬।୩ (ମହାଭାରତ):** ଜଳ ସମ୍ପଦ ବିଭାଗରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟସବୁକୁ ତ୍ୱରାନ୍ୱିତ କରିବା ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟକରି ଓ ଖର୍ଚ୍ଚ ବିନିଯୋଗ କରିବା ସମ୍ପର୍କରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନରୁ ଉନ୍ନୟନ କମିଶନର ଏବଂ ବିଭିନ୍ନ ଜିଲ୍ଲାରୁ ଯନ୍ତ୍ରୀମାନେ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗଦେଇଥିବା ବେଳେ ଜଳ ସମ୍ପଦ ବିଭାଗରେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ଜଳ ସମ୍ପଦ ବିଭାଗରେ କାର୍ଯ୍ୟକାରୀ ହେଉଥିବା, ବୃହତ୍,ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ, ଉଠାଜଳସେଚନ ପ୍ରକଳ୍ପ, ଜଳ ଭଣ୍ଡାରରେ ଜଳ ସଂରକ୍ଷଣ, ଜଳ ଭଣ୍ଡାରର ରକ୍ଷଣାବେକ୍ଷଣ, ଜଳ ନିଷ୍କାସନ ବ୍ୟବସ୍ଥା ଆଦି କାର୍ଯ୍ୟ ସଂପର୍କରେ ସମୀକ୍ଷା କରାଯାଇଥିଲା। ଶ୍ରୀମତୀ ଗର୍ଗ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ଯନ୍ତ୍ରୀମାନଙ୍କ ସହିତ ବିଭିନ୍ନ କାର୍ଯ୍ୟ ସଂପର୍କରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ।

# ଓଡ଼ିଶାରେ ୨୫୯ ବର୍ଗ କିଲୋମିଟର ହେନ୍ତାଳ ବନ

**ଭୁବନେଶ୍ୱର,୨୬।୩ (ମହାଭାରତ):** ରାଜ୍ୟରେ ବର୍ଷକୁ ବର୍ଷ ହେନ୍ତାଳ ବନ ପରିମାଣ ବୃଦ୍ଧି ପାଉଥିବାବେଳେ ଶେଷଥର ପାଇଁ ୨୦୨୩ ରେ ହୋଇଥିବା ଆକଳନ ଅନୁଯାୟୀ ମୋଟ୍ ୨୫୯ ବର୍ଗ କିଲୋମିଟରର ହେନ୍ତାଳ ବନ ରହିଛି। ୨୦୧୩ମସିହାରେ ଏହା ୨୧୩ ବର୍ଗ କିଲୋମିଟର ରହିଥିଲା। ହେନ୍ତାଳ ବନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ। ମନ୍ତ୍ରୀ କହିଛନ୍ତି ଯେ ଭାରତ ସରକାରଙ୍କ ଜାତୀୟ ବନ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ପ୍ରତି ଦୁଇ ବର୍ଷରେ ଥରେ ଇଣ୍ଡିଆନ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ ପ୍ରକାଶ ପାଇଥାଏ । ୨୦୨୩ ମସିହାରେ ଶେଷଥର ପାଇଁ ପ୍ରକାଶିତ ରିପୋର୍ଟରେ ରାଜ୍ୟରେ ହେନ୍ତାଳବନର ପରିମାଣ



୨୫୯ ବର୍ଗ କିଲୋମିଟର ରହୁଛି । ସେହିଭଳି ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୧୪-୧୫ ଆର୍ଥିଖ ବର୍ଷ ଠାରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୮୪୯ ହେକ୍ଟର ଜମିରେ ହେ'ାଳବନ ସୃଷ୍ଟି କରାଯାଇଛି । ଏଥିପାଇଁ ୧୫୦୦.୨୯୧୭୬ ଲକ୍ଷ ଟଙ୍କା ବ୍ୟୟ ହୋଇଛି।

# କନଷ୍ଟେବଲ ନିଯୁକ୍ତି ପାଇଁ ବୟସ ସୀମା ୩ ବର୍ଷ କୋହଳ

**କଟକ,୨୬।୩ (ମହାଭାରତ):** ସିପାହି/କନଷ୍ଟେବଲ ପଦରେ ନିଯୁକ୍ତି ପାଇଁ ଆଶାୟୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ପ୍ରାର୍ଥୀଙ୍କ ସର୍ବାଧିକ ବୟସସୀମା ୩ ବର୍ଷ କୋହଳ ହେବ। ଏଥି ସହିତ ନିଯୁକ୍ତି ପ୍ରକ୍ରିୟା ଉପରେ ରହିଥିବା ଅଦାଲତୀ ଅଙ୍କୁଶ ହଟିଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସଂପର୍କିତ ରିଟ୍ ଅପିଲର ଶୁଣାଣି ବେଳେ ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବେଠକରେ



ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ ଅବଗତ କରାଯାଇଥିଲା। ଏହି ପଦବି ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୩ ବର୍ଷ କୋହଳ ପାଇଁ ଏହି ବେଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ମାମଲାର ପ୍ରତିପକ୍ଷ ପ୍ରାର୍ଥୀ ସମ୍ମତି ଜଣାଇଥିଲେ। ଏହାପରେ ସରକାରଙ୍କ ନିଷ୍ପତ୍ତିକୁ ବିଚାରକୁ ନେଇ ହାଇକୋର୍ଟ ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୩ ବର୍ଷ କୋହଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଣିକିଅ। ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରାର୍ଥୀଙ୍କ ସର୍ବାଧିକ ବୟସସୀମା ୬ ବର୍ଷ କୋହଳ କରିବା ପାଇଁ ୨୦୨୪, ଡିସେମ୍ବର ୫ରେ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ଦାୟର କରିଥିବା ରିଟ୍ ଅପିଲକୁ ହାଇକୋର୍ଟ ୨୦୨୪, ଡିସେମ୍ବର ୨୩ରେ ଗ୍ରହଣ କରି ଡିସେମ୍ବର ୫ର ରାୟ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ।୨୦୨୪, ସେପ୍ଟେମ୍ବର ୨୨ର ନିଯୁକ୍ତି ବିଜ୍ଞପ୍ତି ଆଧାରରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ ମାର୍ଚ୍ଚ ୧୩ରେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସିପାହି/ କନଷ୍ଟେବଲ ପଦରେ ନିଯୁକ୍ତି ପ୍ରକ୍ରିୟା ଆଗେଇ ପାରୁ ନଥିଲା। ଓଡ଼ିଶା ପୁଲିସର ଓଏସଏପି, ଆଇଆର, ଏସଆଇଆର, ସ୍ପେଶାଲ ସିକ୍ୟୁରିଟି ବାଟାଲିଅନରେ ୧୩୬୦ଟି ସିପାହି/କନେଷ୍ଟବଳ ପଦ ପୂରଣ ପାଇଁ ଷ୍ଟେଟ ସିଲେକ୍ସନ ବୋର୍ଡ ପକ୍ଷରୁ ୨୦୨୪, ସେପ୍ଟେମ୍ବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୪, ଜାନୁଆରି ୧ରେ ପ୍ରାର୍ଥୀଙ୍କ ସର୍ବ ନିମ୍ନ ବୟସ ୧୮ ଓ ସର୍ବାଧିକ ୨୩ ବର୍ଷ ହୋଇଥିବ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା।

# କେରଳ ବିଜେପିର ନୂଆ ମୁଖିଆ ରାଜୀବ ଚନ୍ଦ୍ରଶେଖର

**ଭୁବନେଶ୍ୱର,୨୬।୩ (ମହାଭାରତ):** କେରଳ ବିଜେପିର ନୂଆ ସଭାପତି ଭାବେ ମନୋନୀତ ହୋଇଛନ୍ତି ରାଜ୍ୟର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର। ଆଜି କେରଳର ତିରୁଅନନ୍ତପୁରମର ଉଦୟ ପ୍ୟାଲେସରେ ବିଜେପିର ଜାତୀୟ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ଘୋଷଣା କରିଛନ୍ତି। ଘୋଷଣା ସମୟରେ କେରଳ ବିଜେପିର ପ୍ରଭାରୀ ପ୍ରକାଶ ଜାଭଡ଼େକର ଏବଂ ସହ ପ୍ରଭାରୀ ତଥା ଭୁବନେଶ୍ୱର ସାଂସଦ ଶ୍ରୀମତି ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ୩୦ଟି ବିଜେପି ଜିଲ୍ଲା ଏବଂ ୨୮୦ଟି ମଣ୍ଡଳର ତିନି ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ଗତ ତିନିଦିନ ଧରି କେରଳର ବିଜେପି କାର୍ଯ୍ୟାଳୟରେ ବରିଷ୍ଠ ବିଜେପି ନେତାଙ୍କଙ୍କୁ ନେଇ ମାନସ ମନ୍ଥନ କରିଚାଲିଥିଲେ ପ୍ରଭାରୀ ପ୍ରକାଶ ଜାଭଡ଼େକର ଏବଂ ସହ ପ୍ରଭାରୀ ଅପରାଜିତା ଷଡ଼ଙ୍ଗୀ। ଆଉ ଶେଷରେ ସମସ୍ତଙ୍କ ନିଷ୍ପତ୍ତି ଅନୁସାରେ ଦଳର କୋର୍ କମିଟି ବୈଠକରେ ରାଜୀବ ଚନ୍ଦ୍ରଶେଖରଙ୍କୁ ଏହି ଗୁରୁ ଦାୟିତ୍ୱ ଦିଆଯାଇଛି। ତେବେ ଏହି ଘୋଷଣା ପରେ ନିଜର ପ୍ରତିକ୍ରିୟା ରଖିଛନ୍ତି



ଭୁବନେଶ୍ୱର ସାଂସଦ ତଥା କେରଳ ବିଜେପି ସହପ୍ରଭାରୀ ଅପରାଜିତା ଷଡ଼ଙ୍ଗୀ। ତାଙ୍କ କହିବା ଅନୁସାରେ କେରଳ ନିର୍ବାଚନକୁ ଆଉ ମାତ୍ର ଗୋଟିଏ ବର୍ଷ ବାକି ରହିଛି। ସହପ୍ରଭାରୀ ହେବା ପରେ ପ୍ରତି ମାସରେ କେରଳ ଯାଇ ତୃଣମୂଳ ସ୍ତରର କର୍ମକର୍ତ୍ତାଙ୍କୁ ଭେଟୁଛନ୍ତି ସେ। ତେଣୁ କେରଳରେ କିଭଳି ଓଡ଼ିଶା ମଡେଲ୍ ପ୍ରୟୋଗ କରି ସେଠାରେ ମଧ୍ୟ ଡବଲ ଇଞ୍ଜିନ ସରକାର ଗଢ଼ିହେବ ତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଅପରାଜିତା। ଆଉ ରାଜୀବ ଚନ୍ଦ୍ରଶେଖରଙ୍କର ଜଣେ କେନ୍ଦ୍ରମନ୍ତ୍ରୀ ଅନୁସାରେ ପୂର୍ବରୁ ଅଭିଜ୍ଞତା ରହିବା ସହ ସମସ୍ତଙ୍କୁ ନେଇ ଚାଲିବାର ଦକ୍ଷତା ମଧ୍ୟ ରହିଥିବା କହିଛନ୍ତି ଅପରାଜିତା। ଆଗକୁ କେରଳ ବିଜେପି କେନ୍ଦ୍ର ସରକାରଙ୍କର ବିଭିନ୍ନ ଜନାଭିମୁଖୀ ଯୋଜନାକୁ କିଭଳି ଗାଁ ଗାଁରେ ପ୍ରତିଟି ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇପାରିବ ତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ତେଣୁ କେରଳ ଜଣେ ଭଲ ସଭାପତି ପାଇଥିବାରୁ ଉଭୟ କେରଳ ବିଜେପି ଏବଂ ନୂଆ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ସହପ୍ରଭାରୀ। ଆଉ ଆଗକୁ କେରଳରେ ମଧ୍ୟ ନିଶ୍ଚିତରୂପେ ବିଜେପି ସରକାର ଗଢ଼ିବାକୁ ଯାଉଥିବା କହିଛନ୍ତି ଅପରାଜିତା।

# ମହିଳା ପ୍ରସଙ୍ଗରେ ପଛକୁ ହଟିବନି କଂଗ୍ରେସ

**ଭୁବନେଶ୍ୱର,୨୬।୩ (ମହାଭାରତ):** ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ହୁହୁ ହୋଇ ବଢ଼ିଚାଲିଛି। ପ୍ରତିଦିନ ମା' ଭଉଣୀମାନଙ୍କ ପ୍ରତି ଦୁଷ୍କର୍ମ, ଗଣଦୁଷ୍କର୍ମ ଏବଂ ତତ୍‌ଜନିତ ମୃତ୍ୟୁର ଖବର ସବୁଦିନ ଖବର କାଗଜର ପ୍ରଥମ ପୃଷ୍ଠା ମଣ୍ଡନ କରୁଛି। ମହିଳାଙ୍କ କ୍ଷେତ୍ରରେ ସଂଗିତ ଅତ୍ୟାଚାର ଅପରାଧ ସବୁ ସୀମା ଲଙ୍ଘନ କରିସାରିଲେଣି। କିନ୍ତୁ ସରକାର ଓ ସରକାରୀ ଦଳ ଏକମାତ୍ର ଯେ ଏ କଥାକୁ ବିଧାନ ସଭାରେ ଆଲୋଚନା କରିବେ ନାହିଁ ଏବଂ ଗୃହ କମିଟି ଗଠନ କରିବେ ନାହିଁ। ସରକାରୀ ଦଳ ଆଜି ଯେଉଁ ଆରୋପ ଲଗାଉଛନ୍ତି ତାହା କେବଳ ଆରୋପ ମାତ୍ର। ରାଜ୍ୟବାସୀ ଏ ଘଟଣାର ସଂପୂର୍ଣ୍ଣ ମୁକସାକ୍ଷୀ ଅଛନ୍ତି ବୋଲି କଂଗ୍ରେସ ଦଳର ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଓଡ଼ିଶାର ଜନସାଧାରଣ ଆମକୁ ନିର୍ବାଚିତ କରିଛନ୍ତି। ସାଧାରଣ ଜନତାଙ୍କର ଅଭାବ ଓ ଅସୁବିଧା ସମସ୍ୟାକୁ ବିଧାନସଭାରେ ଉତ୍‌ଥାପନ କରିବା ଓ ସରକାରଙ୍କ ଦୃଷ୍ଟି ଗୋଚରକୁ ଆଣିବ ସହିତ ଏହାର ନିରାକରଣ ପାଇଁ ସରକାରଙ୍କ ପାଖରୁ ଠୋସ୍ ଉତର ପାଇବା ସହିତ କଣ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସରକାରଙ୍କୁ ବାଧ କରିବା। ଗଣତନ୍ତ୍ରରେ ଲୋକଙ୍କ



ସମସ୍ୟାକୁ ଉତ୍‌ଥାପନ କରିବା ଓ ତା'ର ସମାଧାନ କରିବା ବିଧାୟକ ଦଳର କାମ? ରାଜ୍ୟ କଂଗ୍ରେସର ବିଧାୟକମାନେ ରାଜ୍ୟରେ ମହିଳାମାନଙ୍କ ପ୍ରତି ଯେଉଁଭଳି ଭାବରେ ଅତ୍ୟାଚାର, ଦୁଷ୍କର୍ମ ଗଣଦୁଷ୍କର୍ମ ଓ ତତ୍‌ଜନିତ ମୃତ୍ୟୁ ବୃଦ୍ଧି ପାଉଛି ତାକୁ ନେଇ ପ୍ରଶ୍ନ ଉଠାଇବା କ'ଣ ଆମର ଅପରାଧ କି? ରାଜ୍ୟର ଜନସଂଖ୍ୟାର ଅଧାଅଧି ମହିଳା ଅଥଚ ତାଙ୍କ ସମସ୍ୟାକୁ ଉଠାଇବା ଆମର ଗୁରୁ ଦାୟିତ୍ୱ କି ନାହିଁ ତାହା ଆମକୁ କେହି ନୀତି ଶିକ୍ଷା ଦେବାର ଆବଶ୍ୟକତା ନାହିଁ। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଦୁଇଟି ଆଦିବାସୀ ନାବାଳିକାଙ୍କ ପ୍ରତି ଦୁଷ୍କର୍ମ ଓ ଅନ୍ତସତ୍ତ୍ୱା ହେଲେ, କିନ୍ତୁ ଘଟଣା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ନଜର ନାହିଁ। ସରକାର ସଂପୂର୍ଣ୍ଣ ନିଦା ବିଷ୍ଟୁ। ବରିଷ୍ଠ କଂଗ୍ରେସ ନେତା ତଥା ଜୟପୁରର ବିଧାୟକ ତାରା ପ୍ରସାଦ ବାହିନି ପତି ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି କହିଲେ ଯେ କଂଗ୍ରେସ ବିଧାୟକ ଦଳର ନୈତିକ କର୍ତବ୍ୟ ହେଉଛି ମହିଳାମାନଙ୍କ ପ୍ରତି ହେଉଥିବା ଜଘନ୍ୟ ଅପରାଧ ଓ ଅତ୍ୟାଚାରକୁ ବିଧାନସଭାରେ ଉଠାଇବା। ବିଧାନସଭା ଉପରେ ଆମେ ମହିଳାମାନଙ୍କ ଘଟଣାକୁ ନେଇ ଯେଉଁ ପ୍ରଶ୍ନ ଉତ୍‌ଥାପିତ କରିଥିଲୁ ତାହା କ'ଣ ସମୟର ଆବଶ୍ୟତା ନୁହେଁ ଏ କଥା ସରକାର ସ୍ପଷ୍ଟ କରନ୍ତୁ। ଆମେ କେବଳ ଦାବି କରୁଛୁ ଗୃହ କମିଟି ଗଠନ କରାଯାଇ ଯେଉଁ ସଂଗୀନ ମହିଳା ଅପରାଧ ରାଜ୍ୟରେ ଘଟିଛି ତାହାର ତଦନ୍ତ ହେଉ। କିନ୍ତୁ ସରକାର ଏ କଥାକୁ ଗ୍ରହଣ କରୁନାହାନ୍ତି କାହିଁକି? ଏଥିରେ କଣ ଅସୁବିଧା ଅଛି। ତାକୁ ଆଗେ ସ୍ପଷ୍ଟ କରନ୍ତୁ। କଂଗ୍ରେସ ଦଳର ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ କଂଗ୍ରେସ ବିଧାୟକ ଦଳ ଏ ବିରୋଧ ଚାଲୁ ରଖିବ ଯେ ପର୍ଯ୍ୟନ୍ତ ଗୃହ କମିଟି ଗଠନ କରାଯାଇନାହିଁ।

# ଇ-ନିଲାମ ହେବ ରକ୍ତ ଚନ୍ଦନ କାଠ

**ଭୁବନେଶ୍ୱର,୨୬।୩ (ମହାଭାରତ):** ଓଡିଶା ସରକାର ୯ ଏପ୍ରିଲରେ ଲାଲ ଚନ୍ଦନ କାଠର ବିଶ୍ୱସ୍ତରୀୟ ଇ-ନିଲାମର ଚତୁର୍ଥ ପର୍ଯ୍ୟାୟ କରିବାକୁ ଯାଉଛନ୍ତି। ଏହି ନିଲାମ ଇ-ଟେଣ୍ଡରିଂ ପ୍ରକ୍ରିୟା ମାଧ୍ୟମରେ କରାଯିବ, ଯାହା ଦ୍ୱାରା ଆନ୍ତର୍ଜାତୀୟ କ୍ରେତାମାନେ ଏହି ମୂଲ୍ୟବାନ କାଠର ବିକ୍ରୟରେ ଅଂଶଗ୍ରହଣ କରିପାରିବେ। ଆଜି ଓଡିଶା ବିଧାନସଭାରେ ବିଧାୟକ ଅରୁଣ ସାହୁଙ୍କ କରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆଙ୍କ ଲିଖିତ ଉତ୍ତରରେ ଏହି ସୂଚନା ପ୍ରକାଶ ପାଇଛି। ଓଡିଶାରେ ମୋଟ ୪,୫୩୯ ଟି ଲାଲ ଚନ୍ଦନ ଗଛ ଅଛି, ଯେଉଁଥିରୁ ୨,୦୭୧ ଟି ପ୍ରାକୃତିକ ଭାବରେ ବଢ଼ିଛି ଏବଂ ବାକି ୨,୪୬୮ ଟି ବନୀକରଣ ପ୍ରୟାସର ଅଂଶ ଭାବରେ ରୋପଣ କରାଯାଇଛି। ଲାଲ ଚନ୍ଦନର ଆର୍ଥିକ ଏବଂ ପରିବେଶଗତ ଗୁରୁତ୍ୱକୁ ସ୍ୱୀକାର କରି, ଓଡିଶା ସରକାର ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ଠାରୁ ଅନୁମତି ଲୋଡିଥିଲେ। ଫଳସ୍ୱରୂପ, ୮୧୦.୧୮୯୪ ମେଟ୍ରିକ୍ ଟନ୍ ଲାଲ ଚନ୍ଦନ କାଠ ଉପରୁ ରପ୍ତାନି କଟକଣା ପ୍ରତ୍ୟାହାର କରାଯାଇଛି, ଯାହା ଦ୍ୱାରା ୬ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଏହାର ବିକ୍ରୟକୁ ଅନୁମତି ଦିଆଯାଇଛି। ଅନୁମୋଦନ ପରେ, ଓଡ଼ିଶା ବନ ଉନ୍ନୟନ ନିଗମ ଏକ ବିଶ୍ୱସ୍ତରୀୟ ଇ-ନିଲାମ ଏବଂ ଇ-ଟେଣ୍ଡରିଂ ପ୍ରକ୍ରିୟା ମାଧ୍ୟମରେ ୮୦୯.୭୮୪୪ ମେଟ୍ରିକ୍ ଟନ୍ ଲାଲ ଚନ୍ଦନ କାଠ ବିକ୍ରୟ ପାଇଁ ପଦକ୍ଷେପ ଆରମ୍ଭ କରିଛି। ଏହି ପ୍ରକ୍ରିୟାକୁ ଅନେକ ପର୍ଯ୍ୟାୟରେ ବିଭକ୍ତ କରାଯାଇଛି ଏବଂ ଏପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟ ସମାପ୍ତ ହୋଇସାରିଛି। ପୂର୍ବ ପର୍ଯ୍ୟାୟରେ ବିକ୍ରୟ: ମୋଟ ୩୮.୭୦୮୨ ମେଟ୍ରିକ୍ ଟନ୍ ଲାଲ ଚନ୍ଦନ କାଠ ବିକ୍ରୟ ହୋଇଛି। ଏହି ବିକ୍ରୟରୁ ୧୩,୭୦,୦୭,୨୭୯ ଟଙ୍କାରୁ ଅଧିକ ରାଜସ୍ୱ ମିଳିଛି। ଲାଲ ଚନ୍ଦନ ଷ୍ଟକର ସୁରକ୍ଷା ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଏକ ମହଙ୍ଗା ବ୍ୟାପାର। ଏହି କାଠଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ତଦାରଖ ପାଇଁ ବାର୍ଷିକ ଖର୍ଚ୍ଚ ୧ କୋଟି ଟଙ୍କାରୁ ଅଧିକ। ଏପ୍ରିଲ ୯ ତାରିଖରେ ହେବାକୁ ଥିବା ଇ-ନିଲାମ ସହିତ, ଏହି ଅତ୍ୟନ୍ତ ମୂଲ୍ୟବାନ କାଠର ଆଇନଗତ ଏବଂ ସ୍ଥାୟୀ ବାଣିଜ୍ୟ ସୁନିଶ୍ଚିତ କରିବା ସହିତ ଓଡ଼ିଶା ପର୍ଯ୍ୟାପ୍ତ ରାଜସ୍ୱ ହାସଲ କରିବ ବୋଲି ଆଶା କରାଯାଉଛି।

# ଖାଉଟି ସଚେତନ ହେଲେ ଠକେଇ ହ୍ରାସ ପାଇବ

**ଭୁବନେଶ୍ୱର,୨୬।୩ (ମହାଭାରତ):** ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଆଜି ପାଳିତ ହୋଇଯାଇଛି। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଏହି ଦିବସର ଶୀର୍ଷକ 'ନିରନ୍ତର ଜୀବନ ଶୈଳୀକୁ ଏକ ନ୍ୟାୟିକ ପରିବର୍ତନ' ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଖାଉଟିମାନେ ସଚେତନ ହୋଇପାରିଲେ ଠକେଇର ଶିକାର ହେବା ସମ୍ଭାବନାକୁ ଦୂରେଇ ଦିଆଯାଇପାରିବ। ସଚେତନ ଖାଉଟି ସଶକ୍ତ ସମାଜ ଗଠନରେ ସହାୟକ ହୋଇପାରିବେ। ଯଦି କୌଣସି ଖାଉଟି ଠକେଇର ଶିକାର ହୁଅନ୍ତି, ତେବେ ଏଥି ପାଇଁ ଉଦ୍ଦିଷ୍ଟ ଫୋରମ୍ ରେ ଅଭିଯୋଗ କରିପାରିବେ। ଏଥି ପାଇଁ ବ୍ଲକ୍ ଓ ଜିଲ୍ଲାସ୍ତରରେ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିବା ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥିନିମନ୍ତେ ଅଧିକାରୀ ମାନେ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଯୋଗଦେଇ ପରିବର୍ତିତ ସମୟ ସହ




ବଜାର ଓ ଖାଉଟିର ସଂଜ୍ଞାରେ ବ୍ୟାପକ ପରିବର୍ତନ ହୋଇଥିବାର କହିଥିଲେ । ପ୍ରାଚୀନକାଳରୁ ପ୍ରଚଳିତ ବାଣିଜିକ ପରମ୍ପରାରେ ଖାଉଟି ଓ ବେପାରୀ ମଧ୍ୟରେ ପ୍ରତ୍ୟକ୍ଷ ସଂପର୍କ ଥିବାବେଳେ ଆବଶ୍ୟକ ପଡ଼ିଲେ ଖାଉଟିମାନେ ସଂପୃକ୍ତ ବିକ୍ରେତାଙ୍କ ସହ କ୍ରୟ ସାମଗ୍ରୀ ସଂପର୍କରେ ଆଲୋଚନା କରିପାରୁଥିଲେ। ପରେ ପରେ ବିଭିନ୍ନ ମଲ୍ ମାଧ୍ୟମରେ ଏବଂ ଅଧୁନା ଅନ୍‌ଲାଇନ୍ ମାଧ୍ୟମରେ ସାମଗ୍ରୀ ବିକ୍ରୟ ହେଉଛି। ଏହା ଦ୍ୱାରା ବିକ୍ରେତା ଓ ଖାଉଟି ମଧ୍ୟରେ କୌଣସି ସିଧାସଳଖ ସଂପର୍କ ରହୁନାହିଁ । ଏଥି ନିମନ୍ତେ ଖାଉଟିମାନେ ସଚେତନ ହୋଇ ସେମାନଙ୍କର ଉଦ୍ଦିଷ୍ଟ ସାମଗ୍ରୀ କ୍ରୟ କରିବାର ଆବଶ୍ୟକତା ରହିଛି। କୌଣସି ଖାଉଟି ଠକେଇର ଶିକାର ହେଲେ ଏଥି ନିମନ୍ତେ ଜିଲ୍ଲା ଓ ରାଜ୍ୟସ୍ତରରେ ବିଭିନ୍ନ ଖାଉଟି ବିବାଦ ସମାଧାନ କେନ୍ଦ୍ରର ସହଯୋଗ ଲୋଡ଼ିବାର ଆବଶ୍ୟକତା ଥିବା ସେ ସୂଚନା ଦେଇଥିଲେ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ତଥା ମୁଖ୍ୟ ଏ.କେ. ପୁରୋହିତ କହିଲେ ଯେ ଖାଉଟିମାନେ ସେମାନଙ୍କର ଅଧିକାର ସଂପର୍କରେ ସଚେତନ ହେବାର ଆବଶ୍ୟକତା ରହିଛି । ଆମ୍ଭେମାନେ ସଚେତନ ହୋଇପାରିଲେ ବିକ୍ରେତାମାନେ ବାଧ୍ୟ ହୋଇ ଗୁଣବତା ଉପରେ ଆହୁରି ଅଧିକ ଗୁରୁତ୍ୱ ଦେବେ ବୋଲି ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ସଭାପତି କୃଷ୍ଣ ଚନ୍ଦ୍ର ରଥ ଅତିଥି ଭାବେ ଯୋଗଦେଇ ଆୟୋଗର ବିଭିନ୍ନ କାର୍ଯ୍ୟଧାରା ସଂପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଅତିଥିମାନେ ଫେବୃଆରୀ ମାସର 'ନ୍ୟୁଜ ଲେଟର' ଉନ୍ମୋଚନ କରିବା ସହ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ଇଂରାଜୀ ଓ ଓଡ଼ିଆ ବକ୍ତୃତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଭାଗ ପକ୍ଷରୁ ସରୋଜ କୁମାର ପଣ୍ଡାଙ୍କ ରଚିତ ଏବଂ ଅନନ୍ତ କିଶୋର ସାହୁଙ୍କ ନିର୍ଦ୍ଦେଶନାରେ ସଚେତନ ଗ୍ରାହକ ଓ ସଶକ୍ତ ସମାଜ ଗଠନ ଉପରେ ଏକ ନାଟକ ପରିବେଷଣ ହୋଇଥିଲା।

# ଶ୍ରମିକ, କର୍ମଚାରୀଙ୍କ ଉପରେ ସୁଧର ବୋଝ ବଢ଼ୁଛି

**ଭୁବନେଶ୍ୱର,୨୬।୩ (ମହାଭାରତ):** ଚଳିତ ବର୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଜେଟରେ ଯଥେଷ୍ଟ ପରିମାଣରେ ଶ୍ରମିକ ମାନଙ୍କ ପାଇଁ ଅନୁଦାନ ନାହିଁ। ଦେଶରେ ଭୋଟ ସଂଖ୍ୟାର ୫୭.୦୩ ପ୍ରତିଶତ ଶ୍ରମିକ ହୋଇଥିଲାବେଳେ ଚଳିତ ବର୍ଷ କେନ୍ଦ୍ର ବଜେଟରେ ପ୍ରଶାସନିକ ଖର୍ଚ୍ଚ ଏବଂ ବିଭିନ୍ନ ପ୍ରକଳ୍ପ ସମେତ ପ୍ରାୟ ୨୬ ହଜାର କୋଟି ଟଙ୍କା ଦିଆଯାଇଛି। ସେହିପରି ରାଜ୍ୟରେ ସର୍ବମୋଟ ୧ କୋଟି ୫୦ ଲକ୍ଷ ଶ୍ରମିକ ଥିଲାବେଳେ ଏବଂ ରାଜ୍ୟରୁ ୧ କୋଟି ଶ୍ରମିକ ପ୍ରବାସୀ ଶ୍ରମିକ ଭାବେ ନିଯୁକ୍ତି ଓ ରୋଜଗାର ପାଇଁ ବାହାରକୁ ଯାଉଥିଲାବେଳେ, ରାଜ୍ୟ ଶ୍ରମ ବିଭାଗରେ ୩୭୩.୨୨ ଟଙ୍କାର ବଜେଟ ଅଟକଳ କରାଯାଇଛି। ପ୍ରବାସୀ ଶ୍ରମିକ ଓ ଅସଂଗଠିତ ଶ୍ରମିକଙ୍କର ମଙ୍ଗଳ ଓ ସାମାଜିକ ସୁରକ୍ଷା ପାଇଁ କୌଣସି ଅର୍ଥ ବ୍ୟବସ୍ଥା କରାଯାଇନାହିଁ ଏବଂ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ, ଚକିତ୍ସା ଓ ସାମାଜିକ ସୁରକ୍ଷା ୧୯୯୫ ଭବିଷ୍ୟନିଧି ପେନସନ୍ ପାଇଁ କେନ୍ଦ୍ର ସରକାରଙ୍କ ବଜେଟରେ ଅନୁଦାନ ଦିଆଯାଇନାହିଁ ବୋଲି ଗତକାଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ କେନ୍ଦ୍ର ଓ ରାଜ୍ୟ ବଜେଟ ଉପରେ ଏକ ଆଲୋଚନାଚକ୍ରରେ ପୌରହିତ କରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ. ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି।

ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାର ବଜେଟ ଉପରେ ତୀବ୍ର ସାମଲୋଚନା କରିବା ସହିତ ରାଜ୍ୟ ଓ କେନ୍ଦ୍ରରେ ଜି.ଏସ୍.ଟି., ଇନକମ୍ ଟ୍ୟାକ୍ସ, ଏକ୍ସାଇଜ୍ ଟ୍ୟାକ୍ସ ଓ ଭ୍ୟାଟ୍‌ର ଟିକସ ସାଧାରଣ ଲୋକଙ୍କ ଠାରୁ ଆଦାୟ କରାଯାଉଥିଲାବେଳେ ଏବଂ ଓଡ଼ିଶାରୁ ଖଣିରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସେସ୍ ଓ ସର୍ଚ୍ଚାସ ଭାବରେ ପର୍ଯ୍ୟାପ୍ତ ପରିମାଣରେ ପାଉଥିଲାବେଳେ କର୍ପୋରେଟ୍ ସେକ୍ଟରରୁ ଟ୍ୟାକ୍ସରେ ରିହାତି ଦିଆଯାଉଛି ଏବଂ ବିଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ଲକ୍ଷ ଲକ୍ଷ କୋଟି ଟଙ୍କା ବ୍ୟାଙ୍କ ଋଣ ଛାଡ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବ୍ୟାଙ୍କ ଓ ଘରୋଇ ବଜାରରୁ ଋଣ ନେଇ ବଜେଟର କଳେବର ବୃଦ୍ଧି କରୁଛନ୍ତି। ଯାହା ସାଧାରଣ ଲୋକ, ଶ୍ରମିକ କର୍ମଚାରୀଙ୍କ ଉପରେ ସୁଧର ବୋଝ ବଢ଼ୁଛି। ଆଲୋଚନାଚକ୍ରରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ କିଶୋର ଜେନା ସ୍ୱାଗତ ଭାଷଣ ଦେଇଥିଲେ ଓ ଉପସଭାପତି ମଦନ ମୋହନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି ବିକଶିତ ଓଡ଼ିଶାର ନୂଆ ବାଟ

**ଭୁବନେଶ୍ୱର,୨୬।୩ (ମହାଭାରତ):** ଭାରତରେ ମହିଳା ଉଦ୍ୟୋଗୀ ମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା 'ଲକ୍ଷପତି ଦିଦି' ଯୋଜନା ଓଡିଶାରେ ଏକ ପରିବର୍ତ୍ତନକାରୀ ଶକ୍ତି ଭାବେ ଉଭା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସଶକ୍ତ ମହିଳା ଉଦ୍ୟୋଗୀ ସୃଷ୍ଟି କରିବାର ଦୃଷ୍ଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଦକ୍ଷ ନେତୃତ୍ୱରେ ଓଡିଶାରେ ଉଲ୍ଲେଖନୀୟ କାର୍ଯ୍ୟକାରିତା ଦେଖିବାକୁ ମିଳିଛି। ଆଜି, ଓଡିଶା ଲକ୍ଷପତି ଦିଦି ସୃଷ୍ଟି କରିବାରେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ଗର୍ବର ସହ ଉପନୀତ ହୋଇଛି, ରାଜ୍ୟରେ ୯.୩୬ ଲକ୍ଷରୁ ଅଧିକ ମହିଳା ବାର୍ଷିକ ୧ ଲକ୍ଷ ଟଙ୍କା କିମ୍ବା ତାଠାରୁ ଅଧିକ ରୋଜଗାର କରିବାର ମାଇଲଖୁଣ୍ଟ ହାସଲ କରିଛନ୍ତି । ଏପରି ଅନୁପ୍ରେରଣୀୟ କାହାଣୀଗୁଡିକ ମଧ୍ୟରୁ ଜଣେ ହେଉଛନ୍ତି ଶ୍ରୀମତୀ ତିଳୋତ୍ତମା ମହାନ୍ତ, କେଉଁଝର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ରଘୁନାଥପୁର ଗ୍ରାମପଞ୍ଚାୟତର ଜଣେ ସଶକ୍ତ ଉଦ୍ୟୋଗୀ। ମା ଗାୟତ୍ରୀ ଏସଏଚଜିର ଜଣେ ଦୃଢ଼ସଂକଳ୍ପିତ ସଦସ୍ୟା, ତିଳୋତ୍ତମାୟ ଯିଏ ନିଜର ଦୃଢ ଇଚ୍ଛା ଶକ୍ତି ଏବଂ ସରକାରୀ ସହଯୋଗ ବଳରେ ପ୍ରଦର୍ଶନ କରିପାରିଛନ୍ତି ଉଲ୍ଲେଖନୀୟ ସଫଳତା ଯାହା ତାଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛି। ତାଙ୍କ ସ୍ୱାମୀଙ୍କ ବିୟୋଗ ପରେ ଅସୁବିଧାର ସମ୍ମୁଖୀନ ହୋଇ, ତିଳୋତ୍ତମା ମହାନ୍ତ ନିଜ ପରିବାରକୁ ଚଳାଇବା ପାଇଁ ଦାୟିତ୍ୱ ନେଇଥିଲେ। ତାଙ୍କର ପ୍ରାରମ୍ଭିକ ଯାତ୍ରା ସଂଗ୍ରାମରେ ଭରି ରହିଥିଲା, ପର୍ଯ୍ୟାପ୍ତ ଆର୍ଥିକ ସମ୍ବଳ ଏବଂ ବୈଷୟିକ ଜ୍ଞାନର ଅଭାବ ଥିଲା। ତଥାପି, ରଘୁନାଥପୁର ଜିପିଏଲଫରେ ଯୋଗଦାନ କରିବା ପରେ ତାଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଲାୟ ସିଏଲଫ ରୁ ୫୦,୦୦୦ ଟଙ୍କାର ଆର୍ଥିକ ସହାୟତା ସହିତ, ସେ ବିଭିନ୍ନ ଜୀବିକା କାର୍ଯ୍ୟକଳାପ ଆରମ୍ଭ କରିଥିଲେ।

# ୨୯ରୁ ବଢ଼ିବ ତାତି

**ଭୁବନେଶ୍ୱର,୨୬।୩ (ମହାଭାରତ):** ରାଜ୍ୟରେ ପୁଣି ଫେରିବ ହିଟେ୍ୱଭ। ୨୯ରୁ ପୁଣି କଲବଲ କରିବ ଗ୍ରୀଷ୍ମ ଲହରୀ। ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ କଳାହାଣ୍ଡିକୁ ଏ ନେଇ ସତର୍କ କରାଯାଇଛି। ୪ ଦିନରେ ରାଜ୍ୟରେ ୬ ଡିଗ୍ରୀ ଯାଏ ତାପମାତ୍ରା ବଢ଼ିବ। ରାତିର ତାପମାତ୍ରା ୨ ଦିନ ଭିତରେ ୩ ଡିଗ୍ରୀ ଯାଏ ବଢ଼ିବ। କାଳବୈଶାଖୀ ପ୍ରଭାବରେ ଓଡ଼ିଶାର ବିଭିନ୍ନ ପ୍ରବଳ ବର୍ଷା ଏବଂ ବଜ୍ରପାତ ପରେ, ଓଡ଼ିଶାରେ ପୁଣି ଥରେ ଉଷ୍ମ ପାଗ ଫେରିବାକୁ ଯାଉଛି, ଯାହା ଆଗାମୀ ଦିନରେ ସାଧାରଣ ଜୀବନକୁ ପ୍ରଭାବିତ କରିବ। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ସୋମବାରଠାରୁ ପାରଦ ବୃଦ୍ଧି ପାଇଛି ଏବଂ ଦୁଇ ଦିନ ପରେ ଦିନ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଛୁଇଁବ। ଯେହେତୁ ଓଡ଼ିଶାର କୌଣସି ସ୍ଥାନ ପାଇଁ ବଜ୍ରପାତ ସତର୍କତା ନାହିଁ, ତେଣୁ ୩ ଦିନ ମଧ୍ୟରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିବାର ସମ୍ଭାବନା ଅଧିକ। ଆଗାମୀ ତିନି ଦିନ ମଧ୍ୟରେ ଦିନର ତାପମାତ୍ରା ୩-୫ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ଥିବାବେଳେ, ରାତି ଉଷ୍ମ ରହିବା ସହିତ ଆଗାମୀ ଦୁଇ ଦିନ ମଧ୍ୟରେ ତାପମାତ୍ରା ୨-୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ପାଣିପାଗ ନିର୍ଦ୍ଦେଶକ ମନୋରୋମା ମହାନ୍ତି ସୂଚନା ଦେଇଛନ୍ତି।

# ନବଙ୍କ ହତ୍ୟାର ପଦାର ହଟିବ

ନବ ଦାସ ହତ୍ୟା ମାମଲାରେ ଅଭିଯୁକ୍ତ ଗୋପାଳ ଏବେ ଜେଲରେ। ସେ ଡ୍ୟୁଟିରେ ଥିବା ବେଳେ ନିଜ ସର୍ଭିସ ରିଭଲଭରରୁ ଗୁଳି କରି ନବ ଦାସଙ୍କୁ ହତ୍ୟା କରିଥିଲା। ରାଜ୍ୟର ପ୍ରଭାବଶାଳି ନେତା, ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଜଣେ ସାଧାରଣ ଏଏସଆଇ ହତ୍ୟା କରିବା ଅତ୍ୟନ୍ତ ବିସ୍ମୟଜନକ ଏବଂ ଏକ ଅସ୍ୱାଭାବିକ ଘଟଣା। ସାଧାରଣ ଭାବେ ଏହା ଗ୍ରହଣଯୋଗ୍ୟ ନୁହେଁ। ହତ୍ୟାର କାରଣ ସମ୍ପର୍କରେ ଗୋପାଳ ଯାହା କହିଛି ତାହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ। ଗୋପାଳ ଜଣେ ପାଗଳ ନୁହେଁ। ଏଭଳି ପରିସ୍ଥିତିରେ ହତ୍ୟା ରହସ୍ୟ ଟିକେ ଜଟିଳ ଲାଗୁଛି। ହତ୍ୟା ପରେ ତଦନ୍ତ ମଧ୍ୟ ଠିକ ବାଟରେ ଚାଲିନି। ଅନେକ ତଥ୍ୟ ପ୍ରମାଣକୁ ଲୁଚାଇବାକୁ ପ୍ରୟାସ କରାଯାଇଛି। ନବ ଦାସଙ୍କ ହତ୍ୟା ସମୟରେ କୋଭିଡ କଟକଣା ହଟିଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ତାଙ୍କ ରକ୍ତ ଭିଜା ସାର୍ଟକୁ କାହିଁକି ପୋଡ଼ି ଦିଆଗଲା ତାହା ଏକ ବଡ଼ ପ୍ରଶ୍ନ। ଗୁଳି ନବଙ୍କ ଛାତିରେ ଲାଗିବା ପରେ ତାଙ୍କର ତତ୍କାଳ ମୃତ୍ୟୁ ହୋଇଯିବା କଥା। ତାଙ୍କୁ ହସ୍ପିଟାଲ ନିଆଗଲା। ସେଠାରେ ଦୀର୍ଘ ସମୟ ରହିବା ପରେ ତାଙ୍କୁ ଏୟାର ଲିଫ୍ଟ କରାଯାଇ ଭୁବନେଶ୍ୱର ଅଣାଗଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କୁହାଗଲା। ତାଙ୍କ ମୃତ୍ୟୁ ଘୋଷଣା ବିଳମ୍ବ ହେବାରେ କିଛି ଅସ୍ୱାଭାବିକତା ନାହିଁ। କିନ୍ତୁ ଅନେକଙ୍କ ମତରେ ତାଙ୍କର ସ୍ପଟରେ ବା ଝାରସୁଗୁଡ଼ା ହସ୍ପିଟାଲରେ ହିଁ ମୃତ୍ୟୁ ହୋଇଥିବ। ସେଠାରୁ ତାଙ୍କ ଶବକୁ କାହିଁକି ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱର ଅଣାଗଲା? ଏହା ପଛରେ କ'ଣ କାରଣ ଥାଇପାରେ? ସମ୍ଭବତଃ ନବ ଦାସଙ୍କ ହତ୍ୟା ପଛରେ ଏକ ବିରାଟ ଷଡ଼ଯନ୍ତ୍ର ଲୁଚି ରହିଛି। ଏଥିରେ ଗୋପାଳକୁ କେବଳ ମୋହରା ବନାଯାଇଛି। ଗୋପାଳ ଗୁଳିରେ ନବଙ୍କ ମୃତ୍ୟୁ ଘଟିଛି ସତ୍ୟ, ମାତ୍ର ତାଙ୍କୁ କେହି ଏଥିପାଇଁ ପ୍ରରୋଚିତ ବା ଭୟଭୀତ କରିଥାଇପାରେ। ଗୋପାଳର ପଲିଗ୍ରାଫ ଟେଷ୍ଟ ରିପୋର୍ଟରେ ଏଭଳି କିଛି ତଥ୍ୟ ମିଳିଛି ଯାହା ସନ୍ଦେହକୁ ଆହୁରି ଘନୀଭୂତ କରିଛି। ହତ୍ୟାର କାରଣ କ'ଣ ତାହା ବି ଆଉ ଏକ ପ୍ରଶ୍ନ। ରାଜନୈତିକ ଦୃଷ୍ଟିରୁ ଗୋପାଳକୁ ହତ୍ୟା କରାଯାଇଛି ନା ଏହା ପଛରେ କିଛି ବ୍ୟବସାୟିକ ଶତ୍ରୁତା ରହିଛି? ନବ ଦାସଙ୍କର ଏକ ବିରାଟ ଆର୍ଥିକ ସାମ୍ରାଜ୍ୟ ରହିଥିଲା। ସେ ନିଜେ ଜଣେ ବିବାଦୀୟ ବ୍ୟକ୍ତି ଥିଲେ। କେବଳ ଜଣେ କ୍ୟାବିନେଟ ମନ୍ତ୍ରୀଭାବେ ତାଙ୍କର ସୁରକ୍ଷା ବ୍ୟବସ୍ଥା ନଥିଲା। ତାଙ୍କର ବ୍ୟକ୍ତିଗତ ସୁରକ୍ଷା କର୍ମୀ ମଧ୍ୟ ଥିଲେ। ଏହା ସତ୍ତ୍ୱେ ତାଙ୍କୁ କିପରି ହତ୍ୟା କରାଗଲା? ଏ ସମ୍ପର୍କରେ ବିରୋଧୀ ମୂଳରୁ ସିବିଆଇ ତଦନ୍ତ ଦାବି କରୁଥିଲେ। କିନ୍ତୁ ତାଙ୍କ ପରିବାର ସଦସ୍ୟଙ୍କ ସମର୍ଥନ ବା ସହଯୋଗ ନମିଳିବାରୁ ଏହା ସମ୍ଭବ ହେଲା ନାହିଁ। ନବଙ୍କ ସ୍ଥାନରେ ଝାରସୁଗୁଡ଼ା ବିଧାନସଭା ଆସନ ନିମନ୍ତେ ଅନୁଷ୍ଠିତ ଉପନିର୍ବାଚନରେ ତାଙ୍କ ଝିଅ ଦୀପାଳି ଦାସ ବିଧାୟିକା ହୋଇଥିଲେ। ସେ ମଧ୍ୟ ନିଜ ବାପାଙ୍କ ହତ୍ୟା ରହସ୍ୟ ଉନ୍ମୋଚନ ନେଇ ସେତେଟା ଆଗ୍ରହ ପ୍ରକାଶ କରିନଥିଲେ। କିନ୍ତୁ ଗତ ନିର୍ବାଚନରେ ସେ ପରାଜିତ ହେବା ପରେ ନିଜ ବାପାଙ୍କ ହତ୍ୟା ରହସ୍ୟ ଉନ୍ମୋଚନ ଲାଗି ଦାବି କରୁଛନ୍ତି। ସେତେବେଳେ ସେ କାହିଁକି ମୁହଁ ଖୋଲୁନଥିଲେ? ତାଙ୍କ ଉପରେ କିଛି ରାଜନୈତିକ ଚାପ ରହିଥିଲା କି? ତାଙ୍କୁ କ୍ଷମତାର ଲୋଭ ଦେଖାଇ ବା ଭୟଭୀତ କରି କେହି ତାଙ୍କ ମୁହଁ ବନ୍ଦ କରିବାକୁ କେହି ଚେଷ୍ଟା କରିଥିଲେ ବୋଲି ମନେ ହେଉଛି।

# ଓଡ଼ିଶାର ଅର୍ଥନୀତି ବିକାଶର ରେଡ଼ କାର୍ପେଟ

**॥ ବିପିନ ବିହାରୀ ରାଉତ ॥**

*ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ।*

ବିଦାୟୀ ବର୍ଷ ୨୦୨୨ରେ ରାଜ୍ୟ ହାସଲ କରିଛି ଅନେକ ଉପଲବ୍ଧି। ଶିଳ୍ପାୟନର ଯାତ୍ରାରେ କେବେ ବି ବ୍ରେକ ଲାଗିନାହିଁ। ନିଯୁକ୍ତି ଭିତ୍ତିକ ଶିଳ୍ପ ଅଭିବୃଦ୍ଧିର ମନ୍ତ୍ର ନେଇ ଆଗକୁ ବଢ଼ି ଚାଲିଛି ଚିର ସବୁଜ ଓଡ଼ିଶା। ନିବେଶକଙ୍କୁ ଟାଣିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିନାହିଁ ରାଜ୍ୟ। ମେକ ଇନ ଓଡ଼ିଶା ସମ୍ମିଳନୀ ଜରିଆରେ ରାଜ୍ୟକୁ ହୋଇଛି ନିବେଶ ବର୍ଷା। ଗୋଟିଏ ମଞ୍ଚରେ ଏକାଠି ହୋଇ ରାଜ୍ୟର ବିକାଶ କାହାଣୀ ଲେଖିଛନ୍ତି ଦେଶ ବିଦେଶର ଶିଳ୍ପ ମୁଖିଆ। ମହିଳା ସଶକ୍ତିକରଣକୁ ଦିଆଯାଉଛି ପ୍ରାଧାନ୍ୟ। ନୀତିଗତ ସଂସ୍କାର ଯୋଗୁ ରାଜ୍ୟ ଦ୍ରୁତ ବେଗରେ ବଢ଼ିଛି। ଷ୍ଟାର୍ଟଅପ ଇକୋସିଷ୍ଟମରେ ଆସିଛି ବ୍ୟାପକ ପରିବର୍ତ୍ତନ। ତଳୁଆ ରାଜ୍ୟରୁ ଲମ୍ବା ଲମ୍ଫ ଡେଇଁ ଓଡ଼ିଶା ପାଲଟିଛି ଆଡିଭର। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନ ଭିତ୍ତିଭୂମି ମଜଭୁତ ହୋଇଛି। ଏକ ଟ୍ରିଲିୟନ ଡଲାର ଅର୍ଥନୀତି ସ୍ୱପ୍ନକୁ ଦିଗ ଦେଖାଇଛନ୍ତି ରାଜ୍ୟ ସରକାର। ଏହି ଲକ୍ଷ୍ୟ ହାସଲ ପାଇଁ ଆଣିଛନ୍ତି ଦୃଢ଼ ରଣନୀତି।

ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ସୃଷ୍ଟି ହେବ ୧୦.୩୮ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି। ମହାମାରୀ ପରେ ଏଭଳି ଏକ ସଫଳତା ପାଇବା ଅତ୍ୟନ୍ତ ଖୁସିର ବିଷୟ। ଏହି ନିବେଶ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ କଠିନ ପରିଶ୍ରମ କରି ଓଡ଼ିଶାକୁ ଅଭିବୃଦ୍ଧିର ନୂଆ ଯୁଗକୁ ନେଇଯିବା ପାଇଁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଟ୍ରିଲିୟନ ଡଲାର ସ୍ୱପ୍ନ : ଏ ବର୍ଷର ମେକ ଇନ ଓଡ଼ିଶା ସମ୍ମିଳନୀରେ ନୂତନ ସମ୍ଭାବନାର ମାଟିକୁ ଶିଳ୍ପପତିମାନଙ୍କୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ଦେଶର ଏକ ପ୍ରମୁଖ ଦ୍ରୁତ ଅଭିବୃଦ୍ଧିଶୀଳ ନିବେଶ ସ୍ଥଳ। ସମସ୍ତ ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଗୁରୁତ୍ୱ ଦେଉଥିବା ଏକ ପ୍ରଗତିଶୀଳ ରାଜ୍ୟ। ମୋ ସରକାର ଏବଂ ୫ଟି ଲୋକଙ୍କୁ ପ୍ରତିଷ୍ଠା ଏବଂ ସମ୍ମାନର ସହ ବଞ୍ଚିବାର ସୁଯୋଗ ପ୍ରଦାନ କରିଛି। ରାଜ୍ୟର ନିରନ୍ତର ବିକାଶ ଏଜେଣ୍ଡା ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, କୃଷି, ମହିଳା ସଶକ୍ତିକରଣ, ଆଦିବାସୀ ଉନ୍ନୟନ ଆଦି ଉପରେ ଗୁରୁତ୍ୱ ଦେଉଛି। ୭୦ଲକ୍ଷ ମହିଳାଙ୍କୁ ନେଇ ଗଠିତ ମିଶନ ଶକ୍ତି ଏକ ସ୍ୱତନ୍ତ୍ର ସଶକ୍ତିକରଣ ଅଭିଯାନ। ସ୍ୱାସ୍ଥ୍ୟ ବୀମା ଯୋଜନା ବିଏସକେୱାଇ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ।

ନୂଆ ଶିଳ୍ପନୀତି : ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଶିଳ୍ପନୀତି ଉନ୍ମୋଚନ କରିଛନ୍ତି। ଏଥିରେ ପ୍ରାୟୋରିଟି ଏବଂ ଥ୍ରଷ୍ଟ ଭଳି ଦୁଇଟି ସେକ୍ଟରକୁ ଗୁରୁତ୍ୱ ଦିଆଯାଇଛି। ରଜ୍ୟର ୨୦୦ରୁ ଅଧିକ ଲୋକ ନିଯୁକ୍ତି ପାଉଥିବା କ୍ଷେତ୍ରକୁ ପ୍ରାୟୋରିଟି ସେକ୍ଟର ଏବଂ ୧୦୦୦ରୁ ଅଧିକ ନିଯୁକ୍ତି ଦେଉଥିବା କ୍ଷେତ୍ରକୁ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯିବ। ବିଜୁ ଇକୋନୋମି କରିଡରକୁ ଏହି ପଲିସିରେ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯାଇଛି। ନୂଆ ନୀତି ଅନୁସାରେ ରାଜ୍ୟରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ ନିବେଶକଙ୍କୁ ଆକର୍ଷଣୀୟ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ପ୍ରାୟୋରିଟି ସେକ୍ଟର ପୁଞ୍ଜି ନିବେଶ ଉପରେ ୨୦% ଏବଂ ଥ୍ରଷ୍ଟ ସେକ୍ଟର କ୍ଷେତ୍ରରେ ୩୦% ସବସିଡି ଯୋଗାଇ ଦେବେ ରାଜ୍ୟ ସରକାର।

ଷ୍ଟାର୍ଟଅପ୍ ଓଡ଼ିଶା : ରାଜ୍ୟକୁ ଷ୍ଟାର୍ଟଅପର ପ୍ରମୁଖ ହବ ଭାବେ ଗଢ଼ି ତୋଳିବା ଲାଗି ରାଜ୍ୟ ସରକାର ଏବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ର୍ୟାଙ୍କ ହାସଲ କରିଛି। ଗତ ପାଞ୍ଚ ବର୍ଷ ହେବ ଷ୍ଟାର୍ଟଅପ୍ ଇନକ୍ୟୁବେଟରମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହିତ କରିଛନ୍ତି।

ରପ୍ତାନୀ ନୀତି : ମେକ ଇନ୍ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ରପ୍ତାନି ନୀତି ୨୦୨୨ ଉନ୍ମୋଚନ କରାଯାଇଛି। ୨୦୧୪ରେ ଶେଷ ଥର ପାଇଁ ରାଜ୍ୟ ସରକାର ରପ୍ତାନି ନୀତି ଆଣିଥିଲେ। ଏଥିରେ ସଂଶୋଧନ କରାଯିବା ସହ ରପ୍ତାନିକାରୀଙ୍କୁ ପ୍ରୋତ୍ସାହିତ କରିବା ଭଳି ପଦକ୍ଷେପ ଘୋଷଣା କରାଯାଇଛି।

ଏକାଠି ଶିଳ୍ପ ମୁଖିଆ : ଏଥର ମେକ ଇନ୍ ଓଡ଼ିଶା ସମ୍ମିଳନୀରେ ଦେଶ ବିଦେଶରୁ ୧୦୦ରୁ ଉର୍ଦ୍ଧ୍ୱ ଶିଳ୍ପପତି ଯୋଗ ଦେଇଥିଲେ। ପ୍ଲେନାରି ଅଧିବେଶନରେ ମଞ୍ଚରେ ବସିଥିଲେ ୫୦ରୁ ଉର୍ଦ୍ଧ୍ୱ ଶିଳ୍ପ ମୁଖ୍ୟ।

ଖାଦ୍ୟ ପ୍ରକ୍ରିୟାକରଣ ନୀତି : ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ଫୁଡ ପ୍ରୋସେସିଂ ନୀତି ଉନ୍ମୋଚନ କରିଛନ୍ତି। ୨୧ ଜଣ ନିବେଶକ ରାଜ୍ୟରେ ନିବେଶ ଲାଗି ଆଗ୍ରହ ପତ୍ର ଦେଇଛନ୍ତି। ଏହାଦ୍ୱାରା ୧୪୪୩ କୋଟି ଟଙ୍କାର ନିବେଶ ରାଜ୍ୟକୁ ଆସିପାରିବ।

ମହିଳା ସଶକ୍ତିକରଣ : ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ଅଣ ସାଲିସ ପ୍ରାଥମିକତା। ଏହା ବିନା କୌଣସି ପରିବାର, ସମାଜ, ରାଜ୍ୟ କିମ୍ବା ଦେଶ ଆଗକୁ ବଢ଼ିବା କଷ୍ଟକର। ଏହାକୁ ହୃଦୟଙ୍ଗମ କରିଛନ୍ତି ରାଜ୍ୟ ସରକାର। ମିଶନ ଶକ୍ତି ମା' ମାନଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏହା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ମହିଳା ରୋଜଗାର ପାଇପାରିବେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକରୁ ଆଗାମୀ ୫ ବର୍ଷରେ ୫ ହଜାର କୋଟି ଟଙ୍କାର ସାମଗ୍ରି ଓ ସେବା ସଂଗ୍ରହ କରିବେ ରାଜ୍ୟ ସରକାର। ଚଳିତ ବର୍ଷ ଏହାକୁ ମିଳିଛି କ୍ୟାବିନେଟ ଅନୁମୋଦନ। ଜିଲ୍ଲା ସ୍ତରରେ ଥିବା ଏସଏଚଜି ଫେଡେରେସନ ଗୁଡ଼ିକୁ ୧ କୋଟି ଟଙ୍କାର ରିଭଲଭିଂ ପାଣ୍ଠି ଯୋଗାଇ ଦେବା ନେଇ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ବ୍ଲକ ସ୍ତରୀୟ ଫେଡେରେସନକୁ ୫୦ଲକ୍ଷ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ଫେଡେରେସନ ପାଇଁ ମାର୍କେଟ କମ୍ପ୍ଲେକ୍ସ ଏବଂ ଅଫିସ ଘର ଯୋଗାଇବା ବ୍ୟବସ୍ଥା ହେବ। ମହିଳାଙ୍କ ମଧ୍ୟରେ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ମାଇକ୍ରୋ ଏବଂ ମିନି ଶିଳ୍ପ ସ୍ଥାପନ କରିବେ। ମହିଳାମାନେ ଓଡ଼ିଶାର ରୂପାନ୍ତର ଧାରାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମିଶନ ଶକ୍ତି ପାଇଁ ସ୍ୱତନ୍ତ୍ର ବଜେଟ : ରାଜ୍ୟର ମହିଳାମାନେ ସଶକ୍ତ ହେବେ। ବିକାଶ ସ୍ରୋତରେ ସାମିଲ ହୋଇ ନିଜେ ଅଗ୍ରଗତି କରିବେ ଏବଂ ରାଜ୍ୟ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବେ। ଏହି କ୍ରମରେ ବିଧାନସଭାରେ ଉପସ୍ଥାପିତ ରାଜ୍ୟ ବଜେଟ ୨୦୨୨-୨୩ରେ ମହିଳା ମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ମିଶନ ଶକ୍ତି ପାଇଁ ପୃଥକ ବଜେଟ ଉପସ୍ଥାପନ କରିଛନ୍ତି ରାଜ୍ୟ ସରକାର। ଏହି ବିଭାଗ ପାଇଁ ୨୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୧୦୩୯ କୋଟି ଟଙ୍କା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସେମାନଙ୍କ ସଂଘକୁ ମିଶନ ଶକ୍ତି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ବାବଦ ୭୭୩ କୋଟି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଗୃହ ନିର୍ମାଣ ଲାଗି ୧୭୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମିଶନ ଶକ୍ତି ପାଇଁ କରାଯାଇଥିବା ବ୍ୟୟବରାଦ ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ରୋଜଗାର ମିଳିବ।

ତଳୁଆ ରାଜ୍ୟରୁ ଆଡିଭର : ଓଡ଼ିଶାରେ ବ୍ୟବସାୟିକ ବାତାବରଣରେ ଆସିଛି ବୈପ୍ଲବିକ ପରିବର୍ତ୍ତନ। ଡିଜିଟାଲିକରଣ ଏବଂ ସ୍ୱଚ୍ଛତା ସହିତ ନିବେଶକଙ୍କ ଆସ୍ଥା ଭାଜନ ହେବାରେ ରାଜ୍ୟ ଏବେ ଆଗୁଆ। ଇ-ଶ୍ରମ ପୋର୍ଟାଲ ଏବଂ ଗୋ-ସ୍ୱିଫ୍ଟ ଭଳି ଅନନ୍ୟ ବ୍ୟବସ୍ଥା ଯୋଗୁ ନିବେଶକଙ୍କ ପାଇଁ ଏହା ପାଲଟିଛି ଅନୁକୂଳ ସ୍ଥଳ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଏ ବର୍ଷ ଉନ୍ମୋଚିତ ହୋଇଥିବା ରିପୋର୍ଟ ଅନୁସାରେ ଓଡ଼ିଶା ଇଜ ଅଫ ଡୁଇଙ୍ଗ ବିଜନେସ ର୍ୟାଙ୍କିଙ୍ଗରେ ଛଅଟି ଆଡିଭର ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି।

**ଶ୍ରୀବିହାର କଲୋନୀ, କଟକ**
**ଦୂରଭାଷ : ୯୪୩୭୬୬୬୪୫୩**

# ଶିଶୁଙ୍କ ପାଇଁ ହିତକର ମିଲେଟ ଖାଦ୍ୟ

**॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

ମାଣ୍ଡିଆ, ବାଜରା, ଯଅ, ସୁଆଁ ଆଦି ମିଲେଟ ଜାତୀୟ ଖାଦ୍ୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ। ମିଲେଟ ଖାଦ୍ୟ ସାରା ଓ ଜୀବସାର ଭରପୁର ରହିଥାଏ। ମିଲେଟ ବା ଲଘୁକ୍ଷୁଦ୍ର ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଅଟାରୁ ଶିଶୁଖାଦ୍ୟ ପ୍ରସ୍ତୁତ କରିପାରିବା। ଏହା ବ୍ୟତୀତ ମାଣ୍ଡିଆ ଅଟାରୁ ପ୍ରସ୍ତୁତ ଦୋସା, ପିଠା, ହାଲୁକା କିମ୍ବା ପରିବା ସହିତ ମିଶାଇ ଖିଚିଡ଼ି କରି ମଧ୍ୟ ଶିଶୁକୁ ଦିଆଯାଇପାରିବ।

ଶିଶୁ ପାଇଁ ସ୍ୱାସ୍ଥ୍ୟପ୍ରଦ ମିଲେଟ ଖାଦ୍ୟ : ଲଘୁ କ୍ଷୁଦ୍ର



ଖାଦ୍ୟଶସ୍ୟରେ ପ୍ରଚୁର ପରିମାଣରେ ପ୍ରୋଟିନ ରହିଥାଏ। ଏହାକୁ ରାନ୍ଧିଲେ ମଧ୍ୟ ଏଥିରେ ଯଥେଷ୍ଟ ପରିମାଣର ପ୍ରୋଟିନ ସୁରକ୍ଷିତ ରହେ। ଫଳରେ ଶିଶୁର ମାଂସପେଶୀର ବିକାଶ ଏହା ସାହାଯ୍ୟ କରିଥାଏ। ଏଥିରୁ ମିଳୁଥିବା ଶର୍କରା ବା କାର୍ବୋହାଇଡ୍ରେଟ ରକ୍ତ ଶର୍କରା ବଢ଼ିବାକୁ ଦିଏ ନାହିଁ। ତେଣୁ ଏହାକୁ ଖାଇଲେ ଶିଶୁ ମୋଟାପଣର ଶିକାର ହେବାର ଆଶଙ୍କା ରହେନାହିଁ। ସେହିପରି ଫାଇବର ବା ତନ୍ତୁ ଅଧିକ ଥିବାରୁ ଶିଶୁର ପାକସ୍ଥଳୀ ସମ୍ପର୍କିତ ସମସ୍ୟା ଦେଖାଦିଏନାହିଁ। ଏହାକୁ ଶିଶୁଟି ସହଜରେ ହଜମ କରିପାରୁଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦିଏନାହିଁ। ଏହା ସହିତ ଏଥିରେ ପ୍ରିବାୟୋଟିକ୍ସ ଅଧିକ ଥିବାରୁ ଶିଶୁର ଅନ୍ତଃନାଳୀ ସୁସ୍ଥ ରଖେ। ସେଥିପାଇଁ ଏଥିରେ ମ୍ୟାଗ୍ନେସିୟମ ଭରପୁର ଥିବାରୁ ଶିଶୁର ସ୍ନାୟବିକ ବିକାଶରେ ସାହାଯ୍ୟ କରେ। ଏହା ସହିତ ଅସ୍ଥି ଓ ଦାନ୍ତର ବିକାଶରେ ମଧ୍ୟ ଏହା ସାହାଯ୍ୟ କରେ। ମାଣ୍ଡିଆରେ ଭରପୁର ଫାଇବର ଥିବାରୁ ଏହା ଶିଶୁର ମାଂସପେଶୀର ବିକାଶରେ ସହଯୋଗ କରେ।

ସବୁଠାରୁ ବଡ଼ କଥା ହେଲା, ମିଲେଟ ଖାଦ୍ୟ ଶିଶୁର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ମିଲେଟ ବ୍ୟାକ୍ଟେରିଆ ସଂକ୍ରମଣ ବିରୋଧରେ ଲଢ଼େଇ କରିବାରେ ସହଯୋଗ କରେ। ମିଲେଟ ଜାତୀୟ ଖାଦ୍ୟ ଶିଶୁ ମାନଙ୍କୁ ଅନେକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ। ଏହା ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଏବଂ ଶିଶୁ ମାନଙ୍କ ପାଇଁ ଶତ ପ୍ରତିଶତ ନିରାପଦ ହୋଇଥାଏ। ଗହମ ପ୍ରସ୍ତୁତ ଖାଦ୍ୟରେ ଗ୍ଲୁଟେନ ଥିବାରୁ ଶିଶୁର ପେଟ ଯନ୍ତ୍ରଣା ହୋଇଥାଏ। ଶିଶୁକୁ ଗ୍ୟାସ ଜନିତ ସମସ୍ୟାର ସ୍ୱୀକାର ହେବାକୁ ପଡ଼ିଥାଏ। ଏହି କ୍ଷେତ୍ରରେ ମାଣ୍ଡିଆ ଜାତୀୟ ଖାଦ୍ୟକୁ ଶିଶୁଟି ସହଜରେ ହଜମ କରିପାରିଥାଏ। ତେବେ ଶିଶୁକୁ ଯେ କୌଣସି ଖାଦ୍ୟ ଦେବା ପୂର୍ବରୁ ପୋଷକ ତତ୍ତ୍ୱ ବିଶେଷଜ୍ଞଙ୍କ ସହ ନିଶ୍ଚିତ ଭାବେ ପରାମର୍ଶ କରିବା ଉଚିତ।

ଅଟିଜିମ ଶିଶୁଙ୍କ ପାଇଁ ବରଦାନ ମିଲେଟ ଖାଦ୍ୟ:
ମିଲେଟ ଜାତୀୟ ଖାଦ୍ୟ ସମସ୍ତ ବର୍ଗଙ୍କ ପାଇଁ ଖୁବ ହିତକର। ତେବେ ଅଟିଜିମ ରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ବିଶେଷ ଭାବରେ ଗୁରୁତ୍ୱ ରଖିଥାଏ। ଅଟିଜିମ ରୋଗଗ୍ରସ୍ତ ଶିଶୁ ଶାରୀରିକ ତଥା ମାନସିକ ବିକାଶରେ ପଛରେ ରହିଥାନ୍ତି। ଏହିପରି ଶିଶୁମାନେ ଅନ୍ୟ ଶିଶୁଙ୍କ ସହ ମିଳାମିଶା କରିପାରନ୍ତି ନାହିଁ। ଜନ୍ମର ପ୍ରଥମ ତିନି ବର୍ଷ ମଧ୍ୟରେ ଏହି ରୋଗରେ ଶିଶୁଟି ଆକ୍ରାନ୍ତ ହୋଇଥାଏ। ଗବେଷଣା ଅନୁଯାୟୀ ଏହି ପ୍ରକାର ରୋଗୀମାନଙ୍କ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେଲେ ଏହି ରୋଗ ସମ୍ଭବତଃ ଦୂର ହୋଇଥାଏ।

ଅଟିଜିମ ରୋଗୀ ସର୍ବଦା ଗ୍ଲୁଟେନ ମୁକ୍ତ ଖାଦ୍ୟ ସେବନ କରିବା ଉଚିତ। ମିଲେଟଯୁକ୍ତ ଖାଦ୍ୟ ପଦାର୍ଥ ଅଟିଜିମ ଶିଶୁ ମାନଙ୍କ ହଜମ ପ୍ରକ୍ରିୟା ସହ ମାନସିକ ବିକାଶର ତାରତମ୍ୟ ରଖିବା ପାଇଁ ପ୍ରଭାବିତ କରିଥାଏ। ଅଟିଜିମ ଶିଶୁକୁ ଗହମ, ଚାଉଳ ଜାତୀୟ ଶସ୍ୟ ହଜମ କରିପାରନ୍ତି ନାହିଁ ଓ ଏହା ଶିଶୁ ଶରୀରରେ ଏଲର୍ଜି ସୃଷ୍ଟି କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୈନିକ ଆହାରରେ ଆବଶ୍ୟକ ପରିମାଣର ବାଜରା, ମାଣ୍ଡିଆ, ଯଅ ଆଦି ଦେବା ଉଚିତ। ଏହା ବ୍ୟତୀତ ମିଲେଟଯୁକ୍ତ ଖାଦ୍ୟରେ ଭିଟାମିନ ବି-୬ ଏବଂ ମ୍ୟାଗ୍ନେସିୟମ ଅଧିକ ମାତ୍ରାରେ ଥିବାରୁ ଅଟିଜିମ ଶିଶୁର କଥାବାର୍ତ୍ତା କରିବା ଓ ବୁଝିବା ଶକ୍ତିକୁ ବୃଦ୍ଧି କରିଥାଏ। ମାଣ୍ଡିଆରେ ଆଣ୍ଟି ଅକ୍ସିଡାଣ୍ଟରେ ଭରପୁର ମାତ୍ରାରେ ମିଳିଥାଏ। ମାଣ୍ଡିଆ ପିଲାମାନଙ୍କର ମାଂସପେଶୀ ବିକାଶରେ ସାହାଯ୍ୟ କରେ। ମିଲେଟରେ ଫାଇବରରେ ଭରପୁର ଥାଏ। ତେଣୁ ଦୈନିକ ଏହାର ଖାଇବା ଫଳରେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଏଥିରେ କ୍ୟାଲସିୟମ ଭରପୁର ଅଟେ, ଯାହା ହାଡ଼କୁ ଶକ୍ତ କରିଥାଏ। ମାଣ୍ଡିଆରେ ଲୌହସାର ମାତ୍ରା ଭରପୁର ଥିବାରୁ ଏହା ଶିଶୁଙ୍କ ଠାରେ ଦେଖାଯାଉଥିବା ରକ୍ତହୀନତାକୁ ରୋଗକୁ ଦୂର କରିଥାଏ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ଦୂରଭାଷ : ୯୪୩୭୧୨୪୦୭୪

# ଅବତାର ନାହିଁ କୁହେ ମୁହିଁ ଅବତାର

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

ମହାପ୍ରଭୁ ଶ୍ରୀ ଗୌରାଙ୍ଗଦେବ କହିଛନ୍ତି ଅବତାର ନିଜକୁ କେବେ ଅବତାର ବୋଲି କୁହନ୍ତି ନାହିଁ। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଏହାର ଅର୍ଥ ହେଉଛି ଅବତାର ପୁରୁଷଙ୍କର ଅହଙ୍କାର ନାହିଁ। ଏହି ଅହଙ୍କାର ହିଁ ଜ୍ଞାନ ଲାଭର ଅନ୍ତରାୟ। ଅବତାର କେବଳ କୁହନ୍ତି - ତୁମ୍ଭେମାନେ ମୋ ପାଖକୁ ଆସ, ମୋ ଉପରେ ତୁମ୍ଭମାନଙ୍କର ନିଷ୍ଠା ଓ ବିଶ୍ୱାସ ରଖ, ତାହାହେଲେ ମୁଁ ତୁମକୁ ମନୁଷ୍ୟ ତିଆରି କରିବାର କୌଶଳ ଶିଖାଇ ଦେବି। ପୁଣି ଭଗବାନ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ଭକ୍ତ ଅର୍ଜ୍ଜୁନଙ୍କୁ କହିଛନ୍ତି - ତୁମର ଓ ମୋର ପାର୍ଥ ବହୁ ଜନ୍ମଗତ, ସେ ସବୁ ନା ଜାଣ ତୁମେ ମୁହିଁ ଅବଗତ। ଏହିପରି ସଚେତନତା ଅବତାର ପୁରୁଷଙ୍କର ଥାଏ, କିନ୍ତୁ ଅହଙ୍କାର ବା ଅଭିମାନ ନଥାଏ। ଅବତାର ପୁରୁଷମାନେ ସର୍ବଜ୍ଞ - ଏହାର ଅର୍ଥ ଯେତାଙ୍କର ଅଭିନ୍ନତ୍ୱ ଅଛି ସବୁ କିଛିର ସହିତ, ସେ ସବୁ କିଛି ମଧ୍ୟରେ ଅନୁପ୍ରେରିତ ହୋଇଅଛନ୍ତି। ଜଣେ ବ୍ୟକ୍ତିକୁ ଅନାଇ ଶ୍ରୀ ଶ୍ରୀ ଠାକୁର କହିଲେ ଯେତେବେଳେ ଆପଣ ଚାଲି ଚାଲି ଯାଉଛନ୍ତି ସେତେବେଳେ ଆପଣଙ୍କର ନାମ ଭୁଲି ଯାଉଛନ୍ତି। କିନ୍ତୁ କେହି ଆପଣଙ୍କୁ ଆପଣଙ୍କ ନାମ ଉଚ୍ଚାରଣ କରି ଡାକିଲେ ଆପଣ ସଚେତନ ହୁଅନ୍ତି ଯେ ଏହି ନାମ ଆପଣଙ୍କର। ଏହି ନାମ ପିତାମାତା ଦିଅନ୍ତି। କିନ୍ତୁ ଏହା ଜନ୍ମଗତ ନାମ ନୁହେଁ, ଏହି ନାମ ଦ୍ୱାରା ଆପଣ ଚିହ୍ନିତ ହୁଅନ୍ତି। ସେହିପରି ଅବତାର ପୁରୁଷଙ୍କୁ ମଧ୍ୟ ଅନ୍ୟ ବ୍ୟକ୍ତିମାନେ କୁହନ୍ତି ଅବତାର ବୋଲି। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ପବନ ଯେପରି କହି ପାରେନା ମୁଁ ପବନ, ଆଲୋକ ଯେପରି କହିପାରେନା ମୁଁ ଆଲୋକ, ସେହିପରି ଭଗବତ୍ତା ଯାହାଙ୍କ ଠାରେ ଉଦ୍‌ଭିନ୍ନ ହୋଇଉଠିଛି ସେ ମଧ୍ୟ କହିପାରନ୍ତି ନାହିଁ ସେ ଭଗବାନ।

ଅବତାର ପୁରୁଷୋତ୍ତମ ଯେଉଁଠାରେ ଆସନ୍ତି ସେମାନଙ୍କର ଥାଏ ଏକ ଭାବ, ଏକ କଥା, ସେମାନେ ଏକ ଉଦ୍ଦେଶ୍ୟମୁଖୀ, ତାହାହେଲା ଜୀବନୀୟ ଅମୃତ। ସେ ଗୋବର୍ଦ୍ଧନଧାରୀ ଅର୍ଥାତ୍, ଜୀବଜଗତର ପାଳକ ଓ ବର୍ଦ୍ଧକ। ସେ ସାଧାରଣ ମନୁଷ୍ୟ ପରି ତୁମ ପାଖରେ ଆସି ବସିବେ। କଥା କହିବେ ଓ ଏହି ସହଜ କଥା କହୁ କହୁ ସେ ତୁମକୁ ଆବିଳତା ମୁକ୍ତ କରି ଉଠାଇବେ, ସମସ୍ତଙ୍କୁ ଉର୍ଦ୍ଧ୍ୱଗତି କରି ନ ଉଠାଇବା ପର୍ଯ୍ୟନ୍ତ ତାଙ୍କର ଶାନ୍ତି ନାହିଁ। ସକଳଙ୍କର ଉର୍ଦ୍ଧ୍ୱଗତିରେ ହିଁ ସେ ଶାନ୍ତି ଲାଭ କରନ୍ତି। ସେ କୁହନ୍ତି ବୃନ୍ଦାବନ ପରିତ୍ୟଜ୍ୟ ପାଦମେକଂ ନ ଗଚ୍ଛାମି। ବୃନ୍ଦ ଅର୍ଥ ହେଲା ସମୂହ ଓ ବନ୍ ମାନେ ବିସ୍ତାର। ତେଣୁ ଅବତାର ପୁରୁଷ କୁହନ୍ତି - ଏହି ସମୂହର ବିସ୍ତାର ଛାଡ଼ି ମୁଁ କେଉଁଠାରେ ରହିବି ନାହିଁ। ସେ ପୁଣି କୁହନ୍ତି - ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ, ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ। ଗାୟନ୍ତି ଅର୍ଥ ଗାନ କରନ୍ତି, ଜୀବନ ବୃଦ୍ଧିର ଗାନ କରନ୍ତି। ଯେଉଁଠାରେ ଭକ୍ତମାନେ ମିଶି ଏହି ଜୀବନ ବର୍ଦ୍ଧନର ଗାନ କରନ୍ତି ଓ ତଦନୁଯାୟୀ ଚଳନ୍ତି ମୁଁ ସେହିଠାରେ ହିଁ ରୁହେ। ମନୁଷ୍ୟର ଉନ୍ନତି ହିଁ ତାଙ୍କ ଜୀବନର ସୁଧା।

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଲେ - ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାଂ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ପରିତ୍ରାଣ ହେଲା ଉନ୍ନତିମୁଖର ଚଳନର କ୍ରମଗତି। ଏହା ମଧ୍ୟରେ ପୁଣି ପରି ଅଛି, ଅର୍ଥ ସମ୍ପୂର୍ଣ୍ଣ ଭାବରେ। ଅଚ୍ୟୁତ ନିରନ୍ତର ଭାବରେ ଚାଲିଲେ ସାଧୁମାନେ ଯେତେବେଳେ ପୂର୍ଣ୍ଣ ଉନ୍ନତିରେ ପହଞ୍ଚନ୍ତି ସେତେବେଳେ ସେମାନେ ପରିତ୍ରାଣ ଲାଭ କରନ୍ତି। ଆଉ ଏହାର ଓଲଟା ହେଲା - ବିନାଶ, କ୍ରମଶଃ - କ୍ଷୟମୁଖୀ। ତେଣୁ ମନକୁ ସଂଯତ ଓ ବିନାୟତ କରିବା ଆବଶ୍ୟକ। ମନ ଦୁଷ୍ଟ ନ ହେଲେ କର୍ମ ମଧ୍ୟ ଦୁଷ୍ଟ ହେବନାହିଁ। ପୁଣି ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଲେ - ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱାଂ ସର୍ବ ପାପେଭ୍ୟୋଃ ମୋକ୍ଷୟିଷ୍ୟାମି ମା ଶୁଚ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସତ୍ୟାନୁସରଣ ପୁସ୍ତକରେ ପ୍ରକାଶ କଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## ମା’ ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଆରମ୍ଭ

ଗଞ୍ଜାମ(ମହାଭାରତ): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଲୋକପର୍ବ ମା’ ଦଣ୍ଡକାଳୀଙ୍କ ୨୧ଦିନିଆ ଦଣ୍ଡଯାତ୍ରା ମଙ୍ଗଳବାର ଦିନ ଆରମ୍ଭ ହୋଇଛି। ଏ ନେଇ ହିଞ୍ଜିଳିକାଟୁ ସହର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛ। ବହୁ ବର୍ଷ ଧରି ସହରରେ ଥିବା ୨ଟି ଦଣ୍ଡ ଯାତ୍ରା ଦଳ (ବଡ଼ ପୁଞ୍ଜା ଓ ସାନପୁଞ୍ଜା) ରେ ଶହଶହ ସଂଖ୍ୟାରେ ମାନସିକଧାରୀମାନେ ଭୁକ୍ତା ଭାବରେ ସାମିଲ ହୋଇଥିଲେ ଓ ହିଞ୍ଜିଳିକାଟୁ ଅଂଚଳର ପରମ୍ପରା ଅନୁଯାୟୀ ହିଞ୍ଜିଳିକାଟୁ ନିକଟସ୍ଥ କୁମ୍ଭାରପଲ୍ଲୀ ଗ୍ରାମରୁ ମା ଦଣ୍ଡକାଳୀଙ୍କ ଆବାହାନ କରି ଅଣାଯାଇଥିଲା ଓ ପରେ ସକାଳ ସମୟରେ ସ୍ୱପ୍ନେଶ୍ୱର ମନ୍ଦିରରୁ ପୂଜାର୍ଚ୍ଚନା, ଧୂପ, ନୈବେଦ୍ୟ ଅର୍ପଣ ସହ ମହାଦେବଙ୍କୁ ବରଣ କରି ମାଙ୍କ ନିକଟକୁ ଅଣାଯାଇଥିଲାୟ ମା ଦଣ୍ଡକାଳୀ ମନ୍ଦିର ପ୍ରାଙ୍ଗଣରେ ଦଣ୍ଡୁଆ ମାନେ ଏକତ୍ରିତ ହୋଇ ଢୋଲ,ଘ□, ଧ୍ୱଜା ଓ ଫୁଲ ଅର୍ପଣ କରି ହିଞ୍ଜିଳି ସହର ପରିକ୍ରମା କରିଥିଲେ । ବିଭିନ୍ନ ସାହିରେ ପୂଜାର୍ଚ୍ଚନା ନିମନ୍ତେ ଭକ୍ତମାନେ ନିଜ ଘର ସମ୍ମୁଖରେ ପୂଜାର୍ଚ୍ଚନା



ଭୋଗ ବାଢ଼ିବା ସହ ବାନା, ପି□ ଅର୍ପଣ କରିଥିଲେ ୟନଗର ପରିକ୍ରମା ସାରି ଗ୍ରାମବାସୀଙ୍କ ଠାରୁ ଭୋଗ ପୂଜାର୍ଚ୍ଚନା କରି ପ୍ରଥମେ ଧୂଳିଦଣ୍ଡ ପରେ ପାଣିଦଣ୍ଡ ଓ ସନ୍ଧ୍ୟା ଆଳତି ନୀତିକାନ୍ତି ସମ୍ପର୍ଣ୍ଣ ହୋଇଥିଲା । ପରେ ରାତିରେ ଦର୍ଶକଙ୍କ ମନୋରଞ୍ଜନ ଲାଗି ବଡ଼ ପୁଞ୍ଜା ତରଫରୁ ହାଃ କୃଷ୍ଣ ବୋଲି ଯାଉ ମୋ ଜୀବନ ଓ ସାନ ପୁଞ୍ଜା ତରଫରୁ ସ୍ୱାମୀ ପାଇଁ ପଛେ ନର୍କକୁ ଯିବି ସାମାଜିକ ନାଟକ ମଞ୍ଚସ୍ଥ ପରିବେଷଣ କରାଯାଇଥିଲା ଓ ସେଇପରି ହିଞ୍ଜିଳି ବ୍ଲକ ଅଧିନସ୍ଥ ବିଭିନ୍ନ ଗ୍ରାମରେ ୧୮ ଓ ୧୩ ଦିନିଆ ଦଣ୍ଡକାଳୀ ଆରମ୍ଭ ହେବାକୁ ଯାଉଛି ଓ ଏହା ଆସନ୍ତା ମାସ ବା ପଣା ସଂକ୍ରାନ୍ତିରେ ଉଦ୍ୟାପିତ ହେବ।

## ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

ଉଦଳା ମହାଭାରତ: ଉଦଳା ବ୍ଲକ ଅନ୍ତର୍ଗତ କଇଁସାରୀ କ୍ଲଷ୍ଟରର ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିରିପୁରଠାରେ ଆମ ସଂସ୍କୃତି ଆମ ଖେଳଣା ଓ ବିଦ୍ୟାଳୟ ବାର୍ଷିକ ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ଉଜଉଉ ଶାନ୍ତନୁ କୁମାର ଦାଶ ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଉଦଳା ଗୋଷ୍ଠୀ ଶିକ୍ଷା କାର୍ଯାଳୟର ମୀନତି ମଞ୍ଜରି ପଣ୍ଡା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ଦାସ ସମସ୍ତ କାର୍ଯ ପରିଚାଳନା କରିଥିଲେ ଓ ଶିକ୍ଷକ କୃଷ୍ଣ ଚନ୍ଦ୍ର ଗୌଡ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ବାରିକ ଓ ସଂଯୁକ୍ତା ଙ୍କବଷବକ୍ଷଭବ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶତାଧିକ ଗ୍ରାମବାସୀ ଓ ପିତାମାତା ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜନିଜ ପିଲାଙ୍କ ଠାରେ ଥିବା ପ୍ରତିଭା କୁ ଉପଭୋଗ କରିଥିଲେ ।

## ଲାଞ୍ଚ ନେଇ ଭିଜିଲାନ୍ସ ଜାଲ ରେ ଫସିଲେ ଆର. ଆଇ

ଅସ୍ତରଙ୍ଗ (ମହାଭାରତ -ଲାଞ୍ଚ ନେବା ବେଳେ ଧରାପଡିଛନ୍ତି ଅସ୍ତରଙ୍ଗ ତହସିଲ ଅଧୀନ କେନ୍ଦ୍ରାପଟିର ରାଜସ୍ୱ ନୀରିକ୍ଷକ (ଆର୍‌ଆଇ) ଦୀପ୍ତିରଞ୍ଜନ ମହାପାତ୍ର, ତାଙ୍କ ସହିତ ଆଉ ଜଣେ ବେସରକାରୀ ସହଯୋଗୀ ସମ୍ପଦ କୁମାର ଦାସ, ସେ ଅଭିଯୋଗକାରୀଙ୍କଠାରୁ ତାଙ୍କ ପିତାଙ୍କ ନାମରେ ଥିବା ଜମି ଘରବାଡ଼ି ତଦନ୍ତ ରିପୋର୍ଟ ଦେବା ପାଇଁ ୭ହଜାର ଟଙ୍କା ଲା□ ନେଉଥିବା ବେଳେ ଧରାପଡିଛନ୍ତି। ଅଭିଯୋଗକାରୀ ରିପୋର୍ଟ ପାଇଁ ବାରମ୍ବାର ଆର୍‌ଆଇଙ୍କୁ ଅନୁରୋଧ କରୁଥିଲେ। ଆର୍‌ଆଇ ଏବଂ ତାଙ୍କ ସହଯୋଗୀ ୧୦ ହଜାର ଟଙ୍କା ଲା□ ଦାବି କରିଥିଲେ ଆଉ ପରିଶେଷରେ ଏହା ୭ ହଜାର ଟଙ୍କା ରେ ଫାଇନାଲ ହୋଇଥିଲା,ଏ ସଂକ୍ରାନ୍ତ ରେ ଅଭିଯୋଗକାରି ପ୍ରତାପ ସାହୁ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ଭିଜିଲାନ୍ସ ଦ୍ୱାରା ଦିଆଯାଇଥିବା ୧୪ ଖଣ୍ଡ ୫ଶହ ଟଙ୍କିଆ ନୋଟ ସେମାନେ ଲା□ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ମାଡି ବସିଥିଲା ।ତାଙ୍କଠାରୁ ଲାଞ୍ଚ ଟଙ୍କା ମଧ୍ୟ ଜବତ କରାଯାଇଥିଲା ଓ ଏହାପରେ ଭିଜିଲାନ୍ସ ତାଙ୍କ ଆବାସିକଘର,କାର୍ଯ୍ୟାଳୟରେ ଏକକାଳୀନ ଯାଞ୍ଚ କରିଥିଲା। ଆର୍‌ଆଇ ଶ୍ରୀ ମହାପାତ୍ର ଏବଂ ତାଙ୍କ ସହଯୋଗୀ ସମ୍ପଦଙ୍କୁ ଅଧିକ ପଚରାଉଚରା ପାଇଁ ଅଟକ ରଖୁଛି ଭିଜିଲାନ୍ସୟ ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୩/ ୨୫) ରୁଜୁ ହୋଇଛି।

## ଚମକପୁର ଜଙ୍ଗଲ ରେ ନିଆଁ ଲାଗି ଏକ ଏକର ରୁ ଉର୍ଦ୍ଧ ଗ୍ରାମ୍ୟ ଜଙ୍ଗଲ ନଷ୍ଟୟ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନା□ଳ ଅନ୍ତର୍ଗତ ଚମକପୁର ଗ୍ରାମ୍ୟ ଜଙ୍ଗଲରେ ଆଜି ଦିନ ୨ ଟା ବେଳେ ନିଆଁ ଲାଗି ହୁ ହୁ ଜଳୁଥିଲା। ଖବର ପାଇ ଏହି ନିଆଁ ଆୟତ୍ତ କରିଥିଲେ ଠାକୁରମୁଣ୍ଡା ବନା□ଳ କର୍ମଚାରୀ ।ଜଙ୍ଗଲରେ ସୁଖିଲା ପତ୍ର ପଡିଥିବା କାରଣରୁ ନିଆଁ ଭୟଙ୍କର ରୁପ ଧାରଣ କରିଥିଲା। ନିଆଁ ଜଙ୍ଗଲ ସାରା ବ୍ୟାପିବା ପୂର୍ବରୁ ବନ କର୍ମଚାରୀ ନିଆଁ କୁ ଆୟତ୍ତ□ କରିଥିଲେ ମଧ୍ୟ ସମ୍ପୁର୍ଣ୍ଣ ଅଞ୍ଚଳ ଜଙ୍ଗଲ ନିଆଁ ରେ ଧୂଆଁମୟ ହୋଇଯାଇଥିଲା ।ଏବେ ମହୁଲ ଫୁଲ ପଡ଼ିବା ସମୟ ଥିବା କାରଣରୁ କେହି ସାଧାରଣତଃ ମହୁଲ ଗଛ ମୂଳରେ ନିଆଁ ଲଗାଇ ଦେଇଥାଆନ୍ତି । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ କୌଣସି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଏହି ବନାଗ୍ନିରେ ଚମକପୁର ଗ୍ରାମ୍ୟ ଜଙ୍ଗଲର ଏକ ଏକର ଜଳି ଯାଇଥିବା ବେଳେ ଜଙ୍ଗଲ ରେ ଥିବା ବହୁ ଗଛ ପୋଡ଼ି ନଷ୍ଟ ହୋଇଯାଇଥିବା ଦେଖାଯାଇଛି।



## ୨୨ତମ ଜାତୀୟ ନାଟ୍ୟ ମହୋତ୍ସବର ଉଦଯାପିତ

# ମଞ୍ଚସ୍ଥ ହେଲା ନାଟକ ଶତ୍ରୁ - ଦ ଏନ୍ମି ଉଇଦିନ



ପାରାଦୀପ(ମହାଭାରତ): ବନ୍ଦର ନଗରୀ ପାରାଦ୍ୱୀପର ଜୟଦେବ ସଦନ ଠାରେ କ୍ୟାନମାସ ଦ୍ୱାରା ଆଠ ଦିନ ଧରି ଆୟୋଜିତ କ୍ୟାନଫେଷ୍ଟ - ୨୦୨୫ ବୁଧବାର ମାର୍ଚ୍ଚ ୨୬ ତାରିଖ ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ନୂଆଦିଲ୍ଲୀ ର ସକ୍ଷମ୍ ଥିଏଟର ଗ୍ରୁପ ର କଳାକାରମାନେ ସୁନିଲ ରାଓ୍ୱତଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଶତ୍ରୁ - ଦ ଏନ୍ମି ଓ୍ୱିଦିନ୍ ମଞ୍ଚସ୍ଥ କରିଥିଲେ । ନାଟକଟି ବୌଦ୍ଧ କିମ୍ବଦନ୍ତୀ ଏବଂ ରାଜା ଅଜାତଶତ୍ରୁଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତଥିଲା । ଏହା ଧର୍ମନିରପେକ୍ଷତା, ନାରୀବାଦ ଏବଂ ମାନବ ପ୍ରକୃତି ମଧ୍ୟରେ ଥିବା ମାନସିକ ହତାଶା ଏବଂ ହିଂସାତ୍ମକ ପ୍ରବୃତିର ବିଷୟବସ୍ତୁକୁ ସ୍ପର୍ଶ କରିଥିଲା । ମଗଧର ଶାସକ କୁଣିକ ତାଙ୍କର ମାର୍ଗଦର୍ଶକ ଦେବଦ□ଙ୍କ ପ୍ରୋତ୍ସାହନରେ ପରିଚାଳିତ ହୋଇ ପିତା ବିମ୍ବିସାରଙ୍କୁ ବନ୍ଦୀ କରନ୍ତି ଓ ଶେଷରେ ତାଙ୍କୁ ଭୋକରେ ରଖି ହତ୍ୟା କରନ୍ତି । ବିମ୍ବିସାର ତାଙ୍କ ଯୁବକ ଅବସ୍ଥାରେ ଜଣେ ଅଗ୍ନିମୟ ଏବଂ ଆକ୍ରମଣାତ୍ମକ ଶାସକ ଥିଲେ ।ଏପରିକି ତାଙ୍କ ଉତ୍ତରାଧିକାରୀ ସୁନିଶ୍ଚିତ କରିବା ପାଇଁ ସମାନ ଉପାୟରେ ଜଣେ ଋଷିଙ୍କୁ ହତ୍ୟା କରିଥିଲେ । ପରେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ରାଣୀ ଭାସବିଙ୍କ ପ୍ରଭାବରେ ସେ ବୁଦ୍ଧଙ୍କ ଶିଷ୍ୟ ହୋଇଯାଆନ୍ତି । କୁନେକ ତାଙ୍କର ଏହି ଘୃଣ୍ୟ ଅପରାଧର ପରିଣାମ ସ୍ୱରୂପ କୁଷ୍ଠ ରୋଗରେ ପୀଡିତ । ତାଙ୍କର ନାରୀବାଦୀ ଏବଂ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ପତ୍ନୀ ବାଜିରା ତାଙ୍କ କାର୍ଯ୍ୟ ଏବଂ ପ୍ରକୃତିରେ ବିରକ୍ତ ହୋଇ ତାଙ୍କ ସନ୍ତାନ ଜନ୍ମ କରିବାକୁ ମନା କରନ୍ତି । ପରିତ୍ୟକ୍ତ ଏବଂ ଦୟନୀୟ ଅବସ୍ଥାରେ କୁନେକ୍ ନିଜକୁ ସମ୍ପୂର୍ଣ ଏକା ପାଆନ୍ତି । ନିର୍ବାସକୁ ଯିବା ପୂର୍ବରୁ ଦେବଦ□ ତାଙ୍କୁ ବୁଦ୍ଧଙ୍କ ଶରଣ ନେବାକୁ ପରାମର୍ଶ ଦିଅନ୍ତି । କୁନେକ ରାଜଗିରିର ଇଗଲ ଶିଖରକୁ ଯାତ୍ରା କରନ୍ତି ଯେଉଁଠାରେ ବୁଦ୍ଧ କମଳ ସୂତ୍ର ପ୍ରବଚନ ଦେଉଛନ୍ତି । ସେଠାରେ ସେ ତାଙ୍କର ଘୋର ପାପରୁ ମୁକ୍ତି ପାଆନ୍ତି ଏବଂ ଶେଷରେ ଦଶନ୍ଧି ଧରି ମଗଧର ଜଣେ ଶାନ୍ତିପ୍ରିୟ ଏବଂ ଦକ୍ଷ ଶାସକ ହୋଇଯାଆନ୍ତି । ଗ୍ରୀକ୍ ପୌରାଣିକ ନାଟକରେ ଓଡ଼ିପସ ତାଙ୍କ ପିତାଙ୍କୁ ହତ୍ୟା କରନ୍ତି ଏବଂ ଏହି ଭୟଙ୍କର ଅପରାଧର ପରିଣାମ ସ୍ୱରୂପ ଏକ ଦୁଃଖଦ ପରିଣାମ ପାଆନ୍ତି । କୁଣେକ ସମାନ ଅପରାଧ କରନ୍ତି, କିନ୍ତୁ ବୌଦ୍ଧ ଧର୍ମର ଦର୍ପଣରେ ସେ ସତ୍ୟର ସାମ୍ନା କରନ୍ତି, ନିଜର ଭୁଲକୁ ଗ୍ରହଣ କରନ୍ତି ଏବଂ ସଂଘର୍ଷ ମାଧ୍ୟମରେ ନିଜକୁ ମୁକ୍ତି ଦିଅନ୍ତି ୟ ଶେଷରେ ସେ ଇତିହାସରେ ଅଜାତଶତ୍ରୁ ଭାବରେ ପରିଚିତ ହୁଅନ୍ତି । ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦାନ କରି ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା,ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ , ପିପିଏଲ ମୁଖ୍ୟ ପାଲାନିସାମୀ ଭେଲୁସାମୀ, ପଲିଟିକାଲ ବିଜିନେସ ଡେଲିର ରେସିଡେ□ ଏଡିଟର ବିଜୟ କେତନ ମିଶ୍ର ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ । ମୁଖ୍ୟ ଅତିଥି ନିଳାଭ୍ର ଦାସଗୁପ୍ତା ଜୀବନ ବ୍ୟାପି ସାଧନା ପାଇଁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥଙ୍କୁ ସମ୍ମାନିତ କରିଥିବା ବେଳେ କ୍ୟାନମାସ ର ମିଡ଼ିଆ ସଂଯୋଜକ ନିରୋଜ କୁମାର ପଟ୍ଟନାୟକ ଙ୍କୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ସମ୍ବର୍ଦ୍ଧିତ କରିଥିଲେ । ପରିଶେଷରେ କାନମାସର ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ତେବେ ଜାତୀୟ ନାଟ୍ୟ ମହୋତ୍ସବ ର ସଫଳତା ପାଇଁ କ୍ୟାନମାସ ଅନୁଷ୍ଠାନ ର ଉଦ୍ୟମ ଓ ପ୍ରଚେଷ୍ଟା କୁ ସମସ୍ତ ଅତିଥି ମାନେ ଉଚ୍ଚ ପ୍ରଶଂସା କରିଥିଲେ ।



## ସୁଯୋଗ ଦେଲା ଜେଏସପିର ପ୍ରୋତ୍ସାହନ

# ଜାତୀୟ ତୀରନ୍ଦାଜୀରେ ଓଡ଼ିଆ କ୍ରୀଡ଼ାବିତଙ୍କୁ ସଫଳତା




କୋଇଡ଼ା: ପାରିପାର୍ଶ୍ୱିକ ଅଞ୍ଚଳରେ କ୍ରୀଡ଼ା କ୍ଷେତ୍ରକୁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ଅବଦାନ ଯୋଗୁ କ୍ରୀଡ଼ାବିତମାନେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ରାଜ୍ୟ ପାଇଁ ଗୌରବ ଆଣୁଛନ୍ତି। ଆନ୍ଧ୍ରପ୍ରଦେଶ ଗୁରରେ ଚାଲିଥିବା ଏନଟିପିସି ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପରେ ସୁନ୍ଦରଗଡ଼ ଜିଲ୍ଲା ବଇଦପାଲିରେ ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପ୍ରୋତ୍ସାହନରେ ଚାଲିଥିବା ତୀରନ୍ଦାଜୀ ତାଲିମ କେନ୍ଦ୍ରର କ୍ରୀଡ଼ାବିତ ସଞ୍ଜଲୀ ଓରାମ ବ୍ରୋଞ୍ଜ ପଦକ ଜିତିଛନ୍ତି। ଚାମ୍ପିଅନସିପ (୧୩ ବର୍ଷରୁ କମ ବର୍ଗ)ରେ ଯୋଗ ଦେଇଥିବା ୨୦ ଜଣିଆ ଓଡ଼ିଶା ଦଳରେ ବଇଦପାଲି ତାଲିମ କେନ୍ଦ୍ରରୁ ୩ ଜଣ କ୍ରୀଡାବିତ ସାଞ୍ଜଲୀ ଓରାମ, ବୈଷ୍ଣବୀ ପାତ୍ର ଓ ନିହାରିକା ନାୟକ ଅଂଶଗ୍ରହଣ କରିଥିଲେ। ଗୌରବର ବିଷୟ ୧୩ ବର୍ଷରୁ କମ ବର୍ଗରେ କେବଳ ସଞ୍ଜଲୀ ହିଁ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲା ବଣେଇ ବ୍ଲକର ବଇଦପାଲି ଅନୁସୂଚିତ ଜାତି ଓ ଜନଜାତି ହାଇସ୍କୁଲରେ ଓଡ଼ିଶା ତୀରନ୍ଦାଜୀ ସଂଘ ସହଭାଗିତାରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏହି ସ୍ୱତନ୍ତ୍ର ତୀରନ୍ଦାଜୀ ତାଲିମ କେନ୍ଦ୍ର ଖୋଲିଛି ।ଡ କୋଚ୍ ନିଯୁକ୍ତ ହୋଇଛନ୍ତି। ବୈଜ୍ଞାନିକ ପଦ୍ଧତିରେ ସେମାନଙ୍କୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ତାଲିମ ପ୍ରଦାନ କରାଯାଉଛିୟ ସେମାନଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ସୁଷମ ଖାଦ୍ୟ, ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟ ଫାଉଣ୍ଡେସନ ତୁଲାଉଛିୟ କୌଣସି ବି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ସହାୟତା ଯୋଗାଇ ଦେଉଛି ଜିନ୍ଦଲ ଫାଉଣ୍ଡେସନୟ ମାତ୍ରେ ବର୍ଷକର ତାଲିମ ପରେ ମଧ ଏଠାରୁ କ୍ରୀଡ଼ାବିତମାନେ ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ହୋଇପାରିଛନ୍ତି।

## ନିୟୁ ସିଆରିଆଠାରେ ଇଫତାର ପାର୍ଟି ଅନୁଷ୍ଠିତ




ଦାନଗଦି:(ମହାଭାରତ) ଦାନଗଦି ବ୍ଲକ ଅନ୍ତର୍ଗତ ତ୍ରିଜଙ୍ଗା ପଞ୍ଚାୟତସ୍ଥିତ ନିୟୁ ସିଆରିଆଠାରେ ଟୁଟୁ ବାବୁ ୟୁଥ କ୍ଲବ ତରଫରୁ ଇଫତାର ପାର୍ଟି ଆୟୋଜନ ହୋଇଯାଇଛି ।ମୁସଲମାନ ସଂପ୍ରଦାୟ ଲୋକ ମାନେ ପବିତ୍ର ରମଜାନ ପର୍ବକୁ ଗୋଟିଏ ମାସ ଧରି ପାଳନ କରିଥାନ୍ତି ।ବୁଧୁବାର ଦିନ ଅପରାହ୍ନରେ ନିୟୁ ସିଆରିଆଠାରେ ସମସ୍ତ ମୁସଲମାନଭାଇ ମାନେ ଏକତ୍ରିତ ହୋଇ ଏହି ପାର୍ଟି ଉପଭୋଗ କରିଥିଲେ ।ଉକ୍ତ ପାର୍ଟିରେ ଅତିଥିଭାବେ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳ ସମାନ୍ତଙ୍କ ପୁତ୍ର ସବ୍ୟସାଚୀ ବଳ ସମାନ୍ତ ଯୋଗଦେଇଥିଲେ ।ସେଠାରେ ହୋଇଥିବା ପାର୍ଟି ଉପଭୋଗ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ,ଶୁଧାଂଶୁ ଭଞ୍ଜ, ବାବୁଲି ନାଟିଆ, ମାନସ ରଣା, କଲିମି ଖାନ,ସେକ ଜାହିର ହୁଶେନ, ନସିମୁଦିନ ଖାନ, ଏସ କେ ଗାୟ ସୁଦିନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀ ଘର ଆଗରେ ସ୍ତ୍ରୀ ର ଧାରଣା

# ପ୍ରଥମ ସ୍ତ୍ରୀ ଥାଇ ଦ୍ୱିତୀୟ ବିବାହ କରିବା ପଡିଲା ମହଙ୍ଗା

ଅନୁଗୁଳ,(ମହାଭାରତ): ପ୍ରଥମ ସ୍ତ୍ରୀ ଥାଇ ଦ୍ୱିତୀୟ ବିବାହ କରିବାରୁ ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଛନ୍ତି ମହିଳା । ଏମିତି ଘଟଣା ଅନୁଗୋଳ ସଦର ଥାନା ଅନ୍ତର୍ଗତ କରଡାଗାଡିଆ ଅଞ୍ଚଳରେ ଘଟିଥିବା ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁସାରେ ଅନୁଗୋଳ ବ୍ଲକ ବନ୍ତଳା ଥାନା ଅନ୍ତର୍ଗତ ପୋକତୁଙ୍ଗା ଗ୍ରାମର ଲୋପାମୁଦ୍ରା ପ୍ରଧାନ(୨୯) ଆଜି ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଛନ୍ତି କି ଗତ ୦୬.୦୨.୨୦୧୭ ତାରିଖ ଦିନ ପୋକତୁଙ୍ଗା ଗ୍ରାମର ଲମ୍ବୋଦର ଦେହୁରିଙ୍କ ପୁଅ ଜନାର୍ଦ୍ଦନ ଦେହୁରୀଙ୍କୁ ବିବାହ କରିଛନ୍ତି । ମହିଳାଙ୍କ ସ୍ୱାମୀ ତାଙ୍କୁ ଛାଡପତ୍ର ଦେବା ପାଇଁ କେଶ କରିଛନ୍ତ ।ଏହି କେଶ ହାଇ କୋର୍ଟରେ ବିଚାରଧୀନରେ ରହିଥିବାବେଳେ ମହିଳାଙ୍କ ସ୍ୱାମୀ ଆଉ ଜଣଙ୍କୁ ବିବାହ କରିବା ପାଇଁ ସ୍ଥିର କରିଥିବା ଜାଣି ମହିଳା ଜଣଙ୍କ କଟକ ଫାମିଲି କୋର୍ଟରେ କେଶ କରିଥିଲେୟ ଜନାର୍ଦ୍ଦନ ଦେହୁରୀ କୋର୍ଟକୁ ଯାଇ ଅନ୍ୟତ୍ର ବିବାହ କରିବେ ନାହିଁ ବୋଲି ଚୁକ୍ତି କରିଥିଲେ। ପରେ ମହିଳା ଜଣଙ୍କ ଜାଣିବାକୁ ପାଇଲେ କି ତାଙ୍କ ସ୍ୱାମୀ କରଡା ଗାଡିଆରେ ରହି ଆଉ ଜଣଙ୍କୁ ବିବାହ କରିଛନ୍ତି ଏବଂ ତାଙ୍କର ଗୋଟିଏ କନ୍ୟା ସନ୍ତାନ ଜନ୍ମ ହୋଇଛି । ତେଣୁ ଆଜି ମହିଳା ଜଣଙ୍କ କରଡାଗାଡିଆ ଯାଇ ତାଙ୍କ ସ୍ୱାମୀଙ୍କୁ ଭରଣ ପୋଷଣ ମାଗିବାରୁ ମହିଳାଙ୍କୁ ମାଡ ମାରିଥିବା ଅଭିଯୋଗ କରିଛନ୍ତି । ମହିଳା ଜଣଙ୍କ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି କି ମହିଳାଙ୍କ ଶଶୁର ମଧ୍ୟ ତାଙ୍କୁ ତଣ୍ଟି ଚିପି ମାଡ ମାରିଛନ୍ତି । ଏନେଇ ମହିଳା ଜଣଙ୍କ ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଛନ୍ତି ।

## ଜିନ୍ଦଲ ଷ୍ଟିଲରେ ଦୁର୍ଘଟଣାରେ ଶ୍ରମିକ ଗୁରୁତର

ଦାନଗଦି:(ମହାଭାରତ)କଳିଙ୍ଗନଗର ଶିଳ୍ପନଗରୀର କାରଖାନା ମାନଙ୍କରେ ଦିନକୁ ଦିନ ଅଘଟଣ ଘଟୁଥିବାବେଳେ। ଜିନ୍ଦଲ ଷ୍ଟିଲ କାରଖାନାରେ ଦୁର୍ଘଟଣା ଘଟିଛି ।ପୁଲି ରୁ ଖସି ଠିକା ଶ୍ରମିକ ଗୁରୁତର ହୋଇଛି । ସୂଚନା ମୁତାବକ ଜିନ୍ଦଲ ଷ୍ଟିଲ୍ ର କାର୍ଯ୍ୟରତ ସଂସ୍ଥା ଏ କେ ଇଞ୍ଜିନିୟରିଂ ରେ ଠିକା ଶ୍ରମିକ ଭାବେ କାମ କରୁଥିବା ବରୀ ଥାନା ଅନ୍ତର୍ଗତ ସାଇଁଖଣ୍ଡ ଅରଙ୍ଗାବାଦ ର ପୀତବାସ ସାହୁ ଗତ ୨୦ ରିଖ ରୁ ପୁଲି ରୁ ଖସି ପଡୁଥିବା ଜଣା ପଡିଛି ।ଜିନ୍ଦଲ ଷ୍ଟିଲ ପକ୍ଷରୁ ଆହତ ଙ୍କୁ ପ୍ରାଥମିକ ଚିକିତ୍ସା ନକରି ଭୁବନେଶ୍ୱର ସ୍ଥିତ ଉତ୍କଳ ହସ୍ପିଟାଲ କୁ ନେଇ ଯାଇଥିଲେ। ଏପରିକି ସ୍ଥାନୀୟ ଥାନା ରେ ମଧ୍ୟ ଜଣା ବା କୁ ଉଚିତ୍ ଭାବି ନାହାନ୍ତି। ଘଟଣା ଜଣା ପଡିବା ପରେ ଜିନ୍ଦଲ ଷ୍ଟିଲ ର ସୁରକ୍ଷା ଅଧିକାରୀ ଯୋଗା ଯୋଗ କରିଥିଲେ କିନ୍ତୁ କୌଣସି ମତାମତ ମିଳି ପାରିନଥିଲା।

# ଶ୍ରମ କୋଡ୍ ବାତିଲ୍ ଏବଂ ଠିକା ଶ୍ରମିକଙ୍କ ସମସ୍ୟା ସମାଧାନ ଦାବିରେ ବିଶାଳ ଶ୍ରମିକ ସମାବେଶ

କଣିହାଁ,(ମହାଭାରତ ):ଅଲ୍ ଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ସହବନ୍ଧିତ ତାଳଚେର ସୁପର ଥର୍ମାଲ ଓ୍ୱାର୍କର୍ସ ୟୁନିୟନ (ଏନଟିପିସି) ଆହ୍ୱାନରେ ବୁଧବାର ଅପରାହ୍ନରେ ବିଜିଗୋଳସ୍ଥ ରାମମନ୍ଦିର ପଡିଆ ଠାରେ ଏକ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି ।ଶ୍ରମିକ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ କୁ ବାତିଲ କରିବା, ଦୈନିକ କାମ କରିବାର ସମୟ ନିର୍ଘ□ ୮ ଘଣ୍ଟାକୁ ବୃଦ୍ଧି କରି ୧୨ ଘଣ୍ଟା କରିବାର ପ୍ରସ୍ତାବକୁ ବନ୍ଦ କରିବା, ଏନଟିପିସି ମେଡିକାଲରେ ବାର୍ଷିକ ସ୍ୱାସ୍ଥ୍ୟ ପରିକ୍ଷାରେ ସ୍ୱାସ୍ଥ୍ୟ ସମସ୍ୟା ଥିବା ଠିକା ଶ୍ରମିକଙ୍କୁ ଏନଟିପିସି ମେଡିକାଲରେ ମାଗଣାରେ ଚିକିତ୍ସା କରିବା କିମ୍ବା ଇଏସ୍‌ଆଇସିକୁ ରେଫର କରିବାର ସୁବ୍ୟବସ୍ଥା କରିବା , ଠିକା ଶ୍ରମିକଙ୍କ




ନାମରେ ବିଚାରଧୀନ କେସ୍ ଥିବା କାରଣରୁ ସମ୍ପୃକ୍ତ ଠିକା ଶ୍ରମିକଙ୍କୁ ଏନଟିପିସିର କାମ କରିବାର ଅଧିକାରରୁ ବଞ୍ଚିତ କରିବା ବନ୍ଦ କରିବା,ପ୍ରତ୍ୟେକ ଠିକା ଶ୍ରମିକଙ୍କୁ ପ୍ରତି ମାସର ୨ ତାରିଖ ସୁଦ୍ଧା ମାସିକ ମଜୁରୀ ଓ ଓ୍ୱେଜ୍ ସ୍ଲିପ୍ ପ୍ରଦାନ କରିବା, ଶ୍ରମ ଆଇନ ଅନୁସାରେ ୨୦ ଦିନ କାମ ପାଇଁ ଗୋଟିଏ ଦିନର ମଜୁରୀ ହିସାବରେ ଆର୍ଣ୍ଣଡ୍ ଲିଭ୍ (ଇ.ଏଲ୍) ବାବଦରେ ଓ ବାର୍ଷିକ ୨୪୦ ଦିନ ବା ୨୪୦ ଦିନରୁ ଅଧିକ କାମ ପାଇଁ ରିଟ୍ରେ□ମେ□ ବେନିଫିଟ (ଆର୍.ବି) ବାବଦରେ ୧୫ ଦିନର ମଜୁରୀ ପ୍ରଦାନ କରିବା, ଜାତୀୟ ଛୁଟି ଓ ପର୍ବ ପର୍ବାଣୀ ଛୁଟି ଦୈନିକ ମଜୁରୀ ହିସାବରେ ପ୍ରଦାନ କରିବା, କିଜେ□ ଶ୍ରମିକ (ମେ□ନାନ୍ସ-୧) ନାମରେ ନିଯୁକ୍ତ ଠିକା ଶ୍ରମିକଙ୍କୁ ଇ.ଏଲ୍, ଆର୍.ବି ଓ ଛୁଟିଦିନର ମଜୁରୀ ପ୍ରଦାନ କରିବା, କାର୍ଯ୍ୟସ୍ଥଳରେ ଦୁର୍ଘଟଣାରେ ମୃତ ଠିକା ଶ୍ରମିକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଓ ନିଯୁକ୍ତି ଦେବା, ୬୦ବର୍ଷ ବୟସରେ ଅବସର ନେଉଥିବା ଠିକା ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦେବା କିମ୍ବା ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା, ଏନଟିପିସିର ଲାଭରୁ ଲାଭାଂଶ ଠିକା ଶ୍ରମିକଙ୍କୁ ମଧ୍ୟ ପ୍ରଦାନ କରିବା, ଠିକା ଶ୍ରମିକଙ୍କ ଯାତାୟତ ସମୟରେ ଭାରୀଯାନ ଚଳାଚଳ ବନ୍ଦ କରିବା, ଓ୍ୱାଟର ସପ୍ଲାଇ ଓ ମାନସରୋବର ଗେଷ୍ଟ ହାଉସ ଶ୍ରମିକଙ୍କ ସମସ୍ୟା ସମାଧାନ କରିବା, ଇପିଏଫ୍, ଇଏସ୍‌ଆଇସି ଓ ବୋନସ କ୍ଷେତ୍ରରେ ସର୍ବୋଚ୍ଚ ମଜୁରୀ ସୀମା ଉଚ୍ଛେଦ କରିବା ଦାବିରେ ଏହି ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଦୁଇ ହଜାରରୁ ଅଧିକ ଠିକା ଶ୍ରମିକ ଏହି ସମାବେଶରେ ଯୋଗ ଦେଇଥିଲେ। ୟୁନିୟନର ସଭାପତି ତଥା ଏଆଇୟୁଟିୟୁସି ଓଡିଶା ରାଜ୍ୟ ସମ୍ପାଦକ ଜୟସେନ ମେହେରଙ୍କ ସଭପତିତ୍ୱରେ ଅନୁଷ୍ଠିତ। ଏହି ସମାବେଶରେ ଏଆଇୟୁଟିୟୁସି ଅନୁଗୋଳ ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁ , ୟୁନିୟନର ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ , ଯୁଗ୍ମ ସଂପାଦକ ଟୁନା ନାଏକ, କାର୍ଯ୍ୟକାରୀ ସଭ୍ୟ ଗନ୍ଧର୍ବ ନାଏକ, ପ୍ରତାପ ପ୍ରଧାନ, ନିଳାମ୍ବର ତିରିଆ, ସିଙ୍ଗେଶ୍ୱର ସାହୁ, ଦୁଃଶାସନ ବେହେରା ,ବସନ୍ତ ପ୍ରଧାନ, ସୁଶାନ୍ତ ଓରାମ ,ନରେଶ ପ୍ରଧାନ , ସୁରେଶ ବେହେରା ପ୍ରମୁଖ ଭାଷଣ ମାଧ୍ୟମରେ କେନ୍ଦ୍ର ବିଜେପି ସରକାରଙ୍କ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡକୁ ବାତିଲ କରିବା ଏବଂ ଏନଟିପିସି କଣିହାଁରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଉପରୋକ୍ତ ଦାବିଗୁଡିକୁ ପୂରଣ କରିବା ପାଇଁ ଦୃଢ ଦାବି କରିଛନ୍ତି। ଏନଟିପିସି କଣିହାଁରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଉପରୋକ୍ତ ଦାବିଗୁଡିକୁ ନେଇ ଏନଟିପିସି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଦାବି ହାସଲ ହେବା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବିରୁଦ୍ଧରେ ୧ ଏପ୍ରିଲ ୨୦୨୫ରେ ଦେଶ ବ୍ୟାପୀ ପ୍ରତିବାଦରେ ଏବଂ ୨୦ ମେ ୨୦୨୫ରେ ଦେଶ ବ୍ୟାପୀ ସାଧାରଣ ଧର୍ମଘଟରେ ଏନଟିପିସି କଣିହାଁର ଠିକାଶ୍ରମିକମାନେ ସାମିଲ ହେବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଛି।

## ଛତୁ ଚାଷ ଉପରେ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର



ଯୋଡ଼ା,(ମହାଭାରତ) ଓଡିଶା ଖଣି ନିଗମ ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଅଧିନସ୍ଥ ଖଣ୍ଡବନ୍ଧ ଲୌହ ଖଣିର ପାରିପାର୍ଶ୍ୱିକ ଗ୍ରାମ ଖଣ୍ଡବନ୍ଧ ଠାରେ ଛତୁ ଚାଷ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ତାଲିମ ଶିବିରରେ ମୋଟ ୩୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଯୋଗ ଦେଇ ତାଲିମଦାତାଙ୍କ ଠାରୁ ଛତୁ ଚାଷର ପ୍ରଣାଳୀ,ଛତୁ ଚାଷର ଉପକାରିତା ଓ ସରକାରୀ ସହାୟତା ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଥିଲେ ଓ କେନ୍ଦୁଝର ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ସହଭାଗିତାରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ପ୍ରଶିକ୍ଷକ ଗୋପାଳ ଚନ୍ଦ୍ର ମହନ୍ତ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମ ସେମାନଙ୍କୁ ଆର୍ଥିକ ଭାବରେ ସ୍ୱାବଲମ୍ବୀ କରିବା ସହ ଅପପୃଷ୍ଟି ରୋକିବାରେ ସହାୟକ ହେବ ବୋଲି ପ୍ରଶିକ୍ଷାର୍ଥି ମାନେ ମତ ରଖିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଆର୍ଥିକ ବର୍ଷ ୨୦୨୪ -୨୫ରେ ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଥିବା ଖଣି ପ୍ରଭାବିତ ଗ୍ରାମ ମାନଙ୍କରେ ମୋଟ ୮ ଟି ବ୍ୟାଚ ରେ ୩୧୫ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ମାନଙ୍କୁ ଛତୁ ଚାଷ ଉପରେ ତାଲିମ ଦିଆଯାଇଛି । ସିଏସଆର କାର୍ଯ୍ୟକ୍ରମ ଅଧୀନରେ ହେଉଥିବା ଏହି ତାଲିମ କାର୍ଯ୍ୟକ୍ରମ ମା'ମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ଏ ଅଂଚଳରେ ଛତୁର ଚାହିଦା ମେଂଟାଇବାରେ ସହାୟକ ହେବ ବୋଲି ଓଡିଶା ଖଣି ନିଗମର ଆଞ୍ଚଳିକ ପ୍ରବନ୍ଧକ ଅବନିକାନ୍ତ ପ୍ରଧାନ ମତ ଦେଇଛନ୍ତି । ଏହି ତାଲିମ କାର୍ଯ୍ୟକ୍ରମକୁ ଖଣ୍ଡବନ୍ଧ ଲୌହ ଖଣିର ଖଣି ପ୍ରବନ୍ଧକ ସଂଜୀବ କୁମାର ପ୍ରଧାନ ଉଦ୍ଘାଟନ କରିଥିଲେ । ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟର ସିଏସଆର ମୁଖ୍ୟ ନୂତନ ରାଉତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ଓ କାର୍ମୀକ ପ୍ରବନ୍ଧକ ପ୍ରେମ ଆଇଜାକ ଟିଗା ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁନାଗଡ଼ ସମବାୟ ସମିତି ଲିଃ ପକ୍ଷରୁ ବାର୍ଷିକ ସାଧାରଣ ସଭା

ଜୁନାଗଡ଼(ମହାଭାରତ),,କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ନୂତନ ବଜାର କମିଟି ପ୍ରାଙ୍ଗଣ (ଆର୍,ଏମ୍,ସି )ଠାରେ ଜୁନାଗଡ଼ ସମବାୟ ସମିତି ପକ୍ଷରୁ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ସଶକ୍ତ ସମବାୟ ସୁଦୃଢ଼ ସମାଜ ସମୃଦ୍ଧ ଜୀବନ ତଥା ବାର୍ଷିକ ସାଧାରଣ ସଭାୟ ଏହି ସାଧାରଣ ସଭାରେ ସଭା ପରିଚଳନା ପରିଚାଳନା କମିଟି ନିର୍ଦ୍ଦେଶକ ସନ୍ତୋଷ ସିଂହ ଦେଓ କରିଥିବା ବେଳେ,ମୁଖ୍ୟ ଅତିଥି ବିସିଶିବି ବ୍ୟାଙ୍କ ପରିଚାଳକ ଶ୍ରୀମତୀ ଅଞ୍ଜଳୀ ଖମାରୀ, ସମ୍ମାନିତ ଅତିଥି ଭାବେ ପେକ୍ସ ସଭାପତି ତଥା ପୂର୍ବତନ ନଗରପାଳ ଜୁନାଗଡ଼ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ବରାଡ, ପେକ୍ସ୍ ଡାଇରେକ୍ଟର ହୁସନାରା ବେଗମ୍, ଅଜାମ୍ବିଲ ପୁଝାରୀ, ଧବଳେଶ୍ୱର ଚନ୍ଦନ, ପରୀକ୍ଷିତ ଗହିର, ସମାଜସେବୀବିପିନ ନାଏକ, ବିଶିଶିବି ବ୍ୟାଙ୍କ ସୁପରଭାଇଜର ବୁଦ୍ଧିମାନ ପାତ୍ର, ଡାଇରେକ୍ଟର ଟଙ୍କଧର ମାଝୀ, ଲୋକରାମ୍ ଘି, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯଦୁ ଭାଟି, ଓ ଏସ.ଏସ. ଜି ଗ୍ରୁପ୍ ର ସଭାପତି ପୁଷ୍ପା ପୁଝାରୀ ମାମ୍ମନିତ କରଯାଇଥିଲା।ଏହି ସଧାରଣ ସଭା କାର୍ଯ୍ୟକ୍ରମରେ ଅଂଚଳର ଅନେକ ଚାଷୀ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଦେବଗଡ଼ ରେ ନିଶାମୁକ୍ତ ଭାରତ ପାଇଁ ପ୍ରଶିକ୍ଷଣ ଶିବିର

ଦେବଗଡ଼(ମହା ଭାରତ)ଜ଼ିଲ୍ଲା ପ୍ରଶାସନ ଏବଂ ଆବୋଲିଟି ଫାଉଣ୍ଡେସନ ଭୁବନେଶ୍ୱର ପକ୍ଷରୁ ଆଜି ନୂତନ ମୁଖ୍ୟ କୃଷି ଅଧିକାରୀ ଙ୍କ ସମ୍ମିଳନୀ କକ୍ଷ ଠାରେ ଜ଼ିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତା ରେ ନିଶାମୁକ୍ତ ଭାରତ ଅଭିଯାନ ସ୍ୱେଚ୍ଛାସେବୀ ମାନଙ୍କ ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ଉଦ୍ୟମ ଓଡିଶା ସରକାର ଙ୍କ ଦ୍ୱାରା ଦେବଗଡ ଜ଼ିଲ୍ଲା କୁ ନିଶାମୁକ୍ତ କରିବା ପାଇଁ ନିଶାମୁକ୍ତ ଭାରତ ଅଭିଯାନ ଏକ ପ୍ରୟାସ ବୋଲି ଜ଼ିଲ୍ଲାପାଳ ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ପୌରପରିଷଦ ଓ ତିନି ବ୍ଲକ ରୁ ୪୦ ଜଣ ସ୍ୱେଚ୍ଛାସେବୀ ଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ସ୍ୱେଚ୍ଛାସେବୀ ମାନେ ନିଶା ନିବାରଣ ପାଇଁ ଅବୈତନିକ ସେବା ମାଧ୍ୟମରେ ନିଜର ପ□ାୟତ ଓ ଗ୍ରାମ ର ଲୋକ ମାନଙ୍କୁ ନିଶା ରୁ ମୁକ୍ତି ପାଇବା ପାଇଁ ଏହି ଶିବିର ରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ଦେବା ପାଇଁ ଭୁବନେଶ୍ୱର ରୁ ଆସିଥିବା ମ୍ୟାନେଜିଙ୍ଗ ଟ୍ରଷ୍ଟି ଆବିଲିଟି ଫାଉଣ୍ଡେସନ ର ଡ଼ ଅଜୟ ଦାସ ଓ ପୁନର୍ବାସ ଅଧିକାରୀ ଏସ ଏସ ଇ ପି ଡି, ରାଜ୍ୟ ସରକାର ଡ଼ ସୁବ୍ରତ ଦାସ ଜ଼ିଲ୍ଲା ର ୪୦ ଜଣ ସ୍ୱେଚ୍ଛାସେବୀ ଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମ ରେ ଉପ-ଜ଼ିଲ୍ଲାପାଳ ପରକ୍ଷିତ ସାହୁ, ଜ଼ିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜ଼ିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ତିନି ବ୍ଲକ ଓ ପୌରପରିଷଦ ରୁ ଆସିଥିବା ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।



# ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ଅସ୍ତରଙ୍ଗ(ମହାଭାରତ): ରାଜ୍ୟ ରେ ବର୍ତ୍ତମାନ ଠୁ ଜାରି ହେଲାଣି ପ୍ରବଳ ଗ୍ରୀଷ୍ମ ପ୍ରବାହ, ଆକୁ ଆଖି ଆଗରେ ରଖି ରାଜ୍ୟ ସରକାର ବର୍ତ୍ତମାନ ଠୁ ନେଉଛନ୍ତି ପଦକ୍ଷେପ,ସରକାର ଙ୍କ ପରାମର୍ଶ କ୍ରମେ ଅସ୍ତରଙ୍ଗ ବ୍ଲକ ବିପର୍ଯ୍ୟୟ ପରିଚାଳନା କମିଟି ତରଫରୁ ଆଜି ଅସ୍ତରଙ୍ଗ ବ୍ଲକ ବୈଠକ ଗୃହ ରେ ଦିବା ୧୧ ଘଟିକା ସମୟ ରେ ଏକ ପ୍ରସ୍ତୁତି ବୈଠକ ଅସ୍ତରଙ୍ଗ ବ୍ଲକ ବିଡ଼ିଓ ଶୁଭସ୍ମିତା ବେହେରା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି। ଏହି ବୈଠକ ରେ ପଞ୍ଚାୟତ ର ବିଭିଓ ବିଭାଗ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜଙ୍ଗଲ, ପଶୁସମ୍ପଦ, ବିଦ୍ୟୁତ, ମହିଳା ଓ ଶିଶୁ କଲ୍ୟାଣ, ଥାନା ଓ କୃଷି ବିଭାଗ ର କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ, ପ୍ରତ୍ୟେକ ବିଭାଗ ଚଳିତ ଗ୍ରୀଷ୍ମ ପ୍ରବାହ ଓ ଅତ୍ୟଧିକ ଉତ୍ତାପ କୁ ଆଖି ଦୃଷ୍ଟି ରେ ରଖି କିପରି ପରିଚାଳନା କରିବେ ତା ଉପରେ ଆଲୋଚନା କରାଯାଇଥିଲା, ଯଥା ଚଳିତ ଗ୍ରୀଷ୍ମ ପ୍ରବାହ ରେ ଶିକ୍ଷା ବିଭାଗ ପ୍ରତ୍ୟେକ ବିଦ୍ୟାଳୟ ଉପରେ ଦୃଷ୍ଟି ଦେବା ସହ ସମସ୍ତ ସ୍କୁଲ ରେ ଓଆରଏସ ପାଣି, ଆଉ ବିଦ୍ୟାଳୟ ସମୟ ଯାହା ଗ୍ରୀଷ୍ମ ପ୍ରବାହ ପାଇଁ ସରକାର ଙ୍କ ତରଫରୁ କରାଯାଇଛି, ତା ସହ ପିଲା ଙ୍କ ଅଭିଭାବକ ମାନଙ୍କୁ ସଚେତନତା, ସେହିପରି ଜଙ୍ଗଲ ଓ ପଶୁସମ୍ପଦ ବିଭାଗ ଜଙ୍ଗଲ ପ୍ରାଣୀ ଓ ବୁଲା ଗୋରୁ ଗାଈ ଙ୍କ ପାଇଁ ପାଣି କୁଣ୍ଡ ପ୍ରସ୍ତୁତ କରିବା କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ର ରେ ପିଲା ଙ୍କୁ ଓଆରଏସ ପାଣି ଆଉ ନିଜ ନିଜ ଅଞ୍ଚଳ ରେ ଗର୍ଭବତୀ ମହିଳା ଆଉ ଶିଶୁ ମାନଙ୍କୁ ଉତ୍ତାପ ରୁ ସୁରକ୍ଷା ଦେବା ପାଇଁ ଶିଶୁ ଓ ମହିଳା କଲ୍ୟାଣ ବିଭାଗ ସଜାଗ ରହିବା ସହ ଅଂଶୁଘାତ ରେ କିପରି ରୋଗୀ ଙ୍କୁ ଶୀତତାପ ନିୟନ୍ତ୍ରିତ କକ୍ଷ ରେ ଉତ୍ତମ ଚିକିତ୍ସା ଦିଆଯିବ ଆଉ ହସ୍ପିଟାଲ ରେ ରୋଗୀ ମାନଙ୍କୁ ପ୍ରଚୁର ଓଆରଏସ ପାଣି ଦେବା ପାଇଁ କୁହାଯାଇଛି,ବିଦ୍ୟୁତ ବିଭାଗ କିପରି କମ ସମୟ ବିଦ୍ୟୁତ କାଟ କରିବେ ଆଉ ଗରମ ସମୟ ରେ ଜନସାଧାରଣ କୌଣସି ପରିସ୍ଥିତି ବିଦ୍ୟୁତ ପାଇଁ ଅସୁବିଧା ର ସମ୍ମୁଖୀନ ନହେବେ ସେଥିପାଇଁ ସ୍ୱତନ୍ତ୍ର ଭାବେ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ଏହି ଆନୁକୂଲ୍ୟରେ ପ୍ରତ୍ୟେକ ସରପଞ୍ଚ ନିଜ ନିଜ ପଞ୍ଚାୟତ ରେ ପାନୀୟ ଜଳ ବିତରଣ କେନ୍ଦ୍ର କରିବା ସହ ନିଜ ଅଞ୍ଚଳ ରେ ଅଂଶୁଘାତ ହେଉ କି ପାନୀୟ ଜଳ ସମସ୍ୟା ହେଉ ସେ ବାବଦରେ ପ୍ରଶାସନ ସହିତ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ବିଶେଷ କରି ପାନୀୟ ଜଳ ଯନ୍ତ୍ରୀ ପାନୀୟ ଜଳ ସମସ୍ୟା ସ୍ଥାନରେ ପାଣି ଟ୍ୟାଙ୍କର ପହଞ୍ଚିବା ଆଉ ଖରାପ ନଳକୂପ କୁ ସଜାଡି ବାକୁ ଉତ୍ତର ରଖିଛନ୍ତି,କୃଷି ହେଉ କି ବ୍ୟକ୍ତିଗତ, ଠିକା କାର୍ଯ୍ୟକ୍ରମ ହେଉ ଶ୍ରମିକ ଓ କୃଷକ ମାନେ କିପରି ଦିବା ୧୧:୩୦ ପରେ ବାହାରେ କାର୍ଯ୍ୟ ନକରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।ପ୍ରତ୍ୟେକ ବିଭାଗ ଚଳିତ ଗ୍ରୀଷ୍ମ ପ୍ରବାହ ଆଉ ଉତ୍ତାପ କୁ ଆଖି ଦୃଷ୍ଟି ରେ ରଖି ସରକାର ଙ୍କ ଗାଇଡ଼ଲାଇନ କୁ କାର୍ଯ୍ୟକ୍ଷମ କରିବେ ସେଥିପାଇଁ ଆଲୋଚନା ହୋ ସହ ଉପସ୍ଥିତ ଭିଓ ଭିଓ ବିଭାଗ ର କର୍ମଚାରୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଏହି କାର୍ଯ୍ୟକ୍ରମ ରେ ବିଡ଼ିଓ ଙ୍କ ସମେତ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଦୁଃର୍ଜ୍ୟ ମିଶ୍ର, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ପଞ୍ଚାୟତ ସମିତି ଜିପିଡିଓ ଉପସ୍ଥିତ ରହି ସମସ୍ତ ବିଭାଗ କୁ ପରାମର୍ଶ ଦେଇଥିଲେ, କିନ୍ତୁ ଏହି କାର୍ଯ୍ୟକ୍ରମ ରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ର ଅଧିକାରୀ ଯୋଗ ନଦେଇ ଅନ୍ୟ କର୍ମଚାରୀ ଓ କମ ସଂଖ୍ୟା ର ସରପଞ୍ଚ ଙ୍କ ଉପସ୍ଥିତ ରହିଥିଲେ, ଆଉ ସରକାର ଙ୍କ ଗ୍ରୀଷ୍ମ ପ୍ରବାହ ପାଇଁ ଆସିଥିବା ନିର୍ଦ୍ଦେଶ କୁ ବିଭାଗ ମାନେ କିପରି ପରିଚାଳନା କରିବେ ତାହା ହିଁ ଦେଖିବାକୁ ଅପେକ୍ଷା।

## ପ୍ରଭୁ ରାମେଶ୍ୱର ମନ୍ଦିର ପାରିପାର୍ଶ୍ୱିକ କାର୍ଯ୍ୟର ଶିଳାନ୍ୟାସ କଲେ ପୌରାଧକ୍ଷ



ପାରାଦୀପ (ମହାଭାରତ): ପାରାଦୀପ ବନ୍ଦର ରେ ଥିବା ସର୍ବ ବୃହତ ପୁରାତନ ବସ୍ତି ଷଣ୍ଡକୁଦ ର ଆରାଧ ଦେବତା ପ୍ରଭୁ ରାମେଶ୍ୱର ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ର ବୁଧବାର ଦିନ ଶିଳାନ୍ୟାସ କରିଛନ୍ତି ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ । ବସ୍ତି ଆରମ୍ଭରେ କିଛି ତେଲୁଗୁ ଭାଷାଭାସି ତଥା ନୋଳିଆ ସମ୍ପ୍ରଦାୟ ର ବ୍ୟକ୍ତି ବିଶେଷ ଏହି ଷଣ୍ଢକୁଦ ବସ୍ତିରେ ବସବାସ କରି ଆସୁଥିବା ବେଳେ କାଳକ୍ରମେ ଓଡ଼ିଆ ଲୋକ ଏଠି ବସବାସ କରିବା ସହିତ ତ୍ରିନାଥ ଦେବଙ୍କ ପୂଜାର୍ଚ୍ଚନା କରି ଆସୁଥିଲେ। ଧୀରେ ଧୀରେ ଏହି ତ୍ରିନାଥ ଦେବଙ୍କ ପୂଜା ଠାରୁ ଆରମ୍ଭ ହୋଇଥିଲା ପ୍ରଭୁ ରାମେଶ୍ୱର ମନ୍ଦିର ର ପରିକଳ୍ପନା । ପଚଶ ବର୍ଷ ପୂର୍ବରୁ ବସ୍ତି ବାସିନ୍ଦା ଙ୍କ ପରିକଳ୍ପନା ଆଜି ସଫଳ ହୋଇଛି । ଦୀର୍ଘ ପଚଶ ବର୍ଷ ଧରି ମହାପ୍ରଭୁ ରାମେଶ୍ୱର ଙ୍କ ପୂଜାର୍ଚ୍ଚନା କରି ଆସୁଥିବା ଷଣ୍ଢକୁଦ ବସ୍ତି ବାସିନ୍ଦା ମହାଦେବ ଙ୍କ ମନ୍ଦିର ର ଉନ୍ନତି ପାଇଁ ଚଳାଇଥିବା ପ୍ରଚେଷ୍ଟା ର ପୂର୍ଣ୍ଣଛେଦ ପଡିଛି । ସରକାରଙ୍କ ତରଫରୁ ମନ୍ଦିର ଉନ୍ନତି ପାଇଁ ଅର୍ଥ ମଞ୍ଜୁରୀ କରାଯିବା ପରେ ମନ୍ଦିର ର ଉନ୍ନତିକରଣ ପାଇଁ ଆଜି ପାରାଦୀପ ପୌରାଧକ୍ଷ ଏହାର ଶିଳାନ୍ୟାସ କରିଛନ୍ତି ।ଏହି କାର୍ଯ୍ୟକ୍ରମ ରେ ମନ୍ଦିର ର ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ବସ୍ତିର ମୁରବି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିବା ସହିତ ରାଜ୍ୟ ସରକାର ଏବଂ ପୌରପାଳିକା କୁ ଧନ୍ୟବାଦ ଜଣାଇଥିଲେ। ରାମେଶ୍ୱର ମହାଦେବ ଙ୍କ ମନ୍ଦିର ଉନ୍ନତି କାର୍ଯ୍ୟକୁ ନେଇ ଶ୍ରଦ୍ଧାଳୁ ଙ୍କ ମଧ୍ୟରେ ଏକ ଆନନ୍ଦ ପ୍ରକାଶ ପାଇଛ।

## ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରର ପାରିପାର୍ଶ୍ୱିକ ବ୍ୟବସ୍ଥା କାର୍ଯ୍ୟ ପାଇଁ ପୂଜାର୍ଚ୍ଚନା ଅନୁଷ୍ଠିତ



-ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରର ପାରିପାର୍ଶ୍ୱିକ ବ୍ୟବସ୍ଥା କାର୍ଯ୍ୟ ପାଇଁ ଆଜି ପୂଜାର୍ଚ୍ଚନା କରାଯାଇଛି ।ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ୍ ପୂଜାର୍ଚ୍ଚନା ଓ ହୋମ କାର୍ଯ୍ୟରେ ଉପସ୍ଥିତ ରହିଥିଲେ ।ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୬୦ ଲକ୍ଷ୍ୟ ଟଙ୍କା ଅନୁଦାନ ଆସିଛି ସେହି ଅନୁଦାନରେ ମନ୍ଦିରର ପାରିପାର୍ଶ୍ୱିକ ବ୍ୟବସ୍ଥା କାର୍ଯ୍ୟ ଆରମ୍ଭ କରିବା ପାଇଁ ପୂଜାର୍ଚ୍ଚନା କରାଯାଇଛି ।ଏହି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ପଣ୍ଡା,ଦୁର୍ଗାମାଧବ ପାଣିଗ୍ରାହୀ, ଭଗବତ ପାଢ଼ୀ, ସୁନୀଲ ମହାପାତ୍ର, ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର,ଜଗନ୍ନାଥ ମହାପାତ୍ର,ଏସ ଡି ପି ଓ ମାଧବାନନ୍ଦ ନାୟକ,ବରିଷ୍ ବିଜେପି ନେତା ସିଦ୍ଧେଶ୍ୱର ମିଶ୍ର ହର ପ୍ରସାଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ପାଞ୍ଚଗଡ଼ ସାମ୍ବାଦିକ ସଂଘର କାର୍ଯ୍ୟାଳୟ ଉଦଘାଟିତ

ଅନୁଗୁଳ,(ମହାଭାରତ): ପାଞ୍ଚଗଡ଼ ସାମ୍ବାଦିକ ସଂଘ ବଅଁରପାଳର ଗଣେଶ ବଜାର ସ୍ଥିତ ସାମଲ ମାର୍କେଟ କମ୍ପ୍ଲେକ୍ସରେ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ । ଅନ୍ୟତମ ଅତିଥି ଭାବେ ମାରୁତି ଓଡିଶୀ ମହାପ୍ରବନ୍ଧକ ବିଷ୍ଣୁ ଚରଣ ପ୍ରଧାନ, ସମାଜ ସେବୀ ବିପ୍ଳବ ଜେନା, ଯୁବ ନେତା ପ୍ରକାଶ ସିଂହ, ବୁଢାପଙ୍ଗ ପଞ୍ଚାୟତ ପୂର୍ବତନ ସରପଞ୍ଚ କାଳିଆ ଦେହୁରୀ ଏବଂ ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ପ୍ରତିନିଧି ପ୍ରଫୁଲ୍ଲ ନାୟକ ଯୋଗ ଦେଇଥିଲେ । ଏହି ଅବସରରେ ତମାମ ଦିବସରେ ପାଞ୍ଚଗଡ଼ର ବହୁ ବରିଷ୍ଠ ନାଗରିକ, ସମାଜ ସେବୀ ଏବଂ ବୁଦ୍ଧିଜୀବୀ ପହଞ୍ଚି କାର୍ଯ୍ୟକ୍ରମକୁ ପ୍ରଶଂସିତ କରିଥିଲେ । ଏହି ଅବସରରେ ସଂଘ ସମ୍ବାଦ ସରବାରହ କ୍ଷେତ୍ରରେ ନିରନ୍ତର ପ୍ରୟାସ ଜାରି ରଖିବା ସହ ଅଞ୍ଚଳରେ କେହି ବ୍ୟକ୍ତି ନ୍ୟାୟ ରୁ ବଞ୍ଚିତ ନହୁଅନ୍ତୁ, ଶୋଷଣର ଶିକାର ନହୁଅନ୍ତୁ ବୋଲି ସଂଘ ବଦ୍ଧ ପରିକର ଥିବା ପ୍ରକାଶ ପାଇଛି ।ତେବେ ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ନାଏକ, ସମାଜ ସେବୀ ଚିନ୍ମୟୀ ଦାସ, ଏଡିୟୁଜେ ସଭାପତି ଅଜିତ କୁମାର ଧର, ପ୍ରାକ୍ତନ ବିଧାୟକ ରଜନୀକାନ୍ତ ସିଂହ ଙ୍କ ପୁତ୍ର ଅରୁଣାବ ସିଂହ, ସୁବାସ ଜେନା ପ୍ରମୁଖ ପହଞ୍ଚି ବିଭିଓ ବିଷୟରେ ସାଂଗଠନିକ ଦିଗଦର୍ଶନ ଦେଇଥିଲେ । ତେବେ ଆଗାମୀ ଦିନରେ ସଂଘ ପକ୍ଷରୁ ବୃକ୍ଷରୋପଣ, ରକ୍ତଦାନ ଶିବିର, ପରିବେଶ ସୁରକ୍ଷା ଉପରେ ବ୍ୟାପକ ସଚେତନତା କରାଯିବା ନେଇ ବିଧିବୋଧ ପ୍ରକାଶ ପାଇଛି ।

## ସ୍ୱର୍ଗତ ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ଅନୁଗୋଳ,(ମହାଭାରତ):ସୋମବାର ସନ୍ଧ୍ୟା ୭.୩୦ ଘଟିକା ସମୟରେ ଆଲୁମିନିୟମ ମଜ୍ଦୁର ସଙ୍ଘ କାର୍ଯ୍ୟାଳୟ ଠାରେ ଅନୁଗୁଳ ମାଟିର ସୁପୁତ୍ର ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ଼ଃ ଦେବେନ୍ଦ୍ର ପ୍ରଧାନ ଙ୍କ ସ୍ମୃତିଚାରଣ ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ସଭା ରେ ଶତାଧିକ କର୍ମୀ ଯୋଗଦାନ କରିବା ସହିତ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ ଏବଂ ପୁଷ୍ପ ଗୁଚ୍ଛ ଅର୍ପଣ କରିଥିଲେ। ସଙ୍ଗଠନର ସଭାପତି ଶ୍ରୀ ମୁନା ସାମଲ ସଭାକୁ ପରିଚାଳନା କରିବା ସହିତ ସ୍ୱର୍ଗତଃ ପ୍ରଧାନଙ୍କର ଜୀବନଶୈଳୀ ତଥା ବୃତ୍ତିଗତ ଜୀବନ ଠୁ ସ୍ୱୟଂସେବକ ଏବଂ ସ୍ୱୟଂସେବକ ଜୀବନ ଠୁ ରାଜନୀତି ଜୀବନ ଯାତ୍ରା କୁ ବର୍ଣ୍ଣନା କରିଥିଲେ

## ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବ୍ଲକରେ ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ର ସମୀକ୍ଷା ବୈଠକ ମଙ୍ଗଳବାର ଦିନ ବ୍ଲକ ପରିସରରେ ଥିବା ରାଜୀବଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠିତ ହୋଇଥିବା ସାମାଜିକ ସମୀକ୍ଷା ବୈଠକରେ ଠାକୁରମୁଣ୍ଡା ବିଡିଓ ସପ୍ନେଶ୍ୱର ବେହେରା ଅଧ୍ୟକ୍ଷତାରେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏପିଓ ଧାନଚାନ୍ଦ ମହାନ୍ତ ବ୍ଲକ ର ୧୮ ଗୋଟି ଗ୍ରାମପଞ୍ଚାୟତ ର ସାମାଜିକ ସମିକ୍ଷା ରିପୋର୍ଟ କୁ ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ସରପ□, ସମିତି ସଭ୍ୟ, ଭି ଆର ପି,ଜୋବ କାର୍ଡ ଧାରୀ, ଲାଇନ ଡ଼ିପାର୍ଟମେଂଟ ର କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

## ଜାକେଡ଼ା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

# ସମସ୍ୟା ପଚାରି ବୁଝୁଲେ ସମାଧାନ ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଲେ



ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ଜାକେଡାରେ ଥିବା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ । ଜିଲ୍ଲାପାଳ ସେଠାରେ ପହଞ୍ଚି ଶିକ୍ଷା , ସ୍ୱାସ୍ଥ୍ୟ ଓ ଖାଦ୍ୟପେୟ ବ୍ୟବସ୍ଥା ସଠିକ ଭାବେ ମିଳୁଛି କି ନାହିଁ ସେ ଉପରେ ଛାତ୍ର ଛାତ୍ରୀଙ୍କୁ ପଚାରି ବୁଝିଥିଲେ। ଡାଇନିଂ ହଲ ୩ ବର୍ଷ ଧରି ଅର୍ଦ୍ଧନିର୍ମିତ ହୋଇ ପଡିଥିବାରୁ ପିଲାମାନେ ଗୋଟିଏ ସ୍ଥାନରେ ବସି ଖାଦ୍ୟପେୟ କରିବା ପାଇଁ କିଛି ସୁବିଧା ନଥିବାରୁ ଏଣେତେଣେ ବୋଲି ଖାଦ୍ୟ ଖାଉଥିବା ଛାତ୍ର ଛାତ୍ରୀ ଜିଲ୍ଲାପାଳଙ୍କୁ ପ୍ରକାଶ କରିଥିଲେ। ଏପରିକି ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ ପରେ ସେମାନଙ୍କୁ ବିଶ୍ରାମ ନେବା ପାଇଁ ବିଦ୍ୟାଳୟରେ କୌଣସି ଗୃହ ନଥିବାରୁ ବହୁତ ଅସୁବିଧା ସମ୍ମୁଖୀନ ହେଉଥିବା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଜିଲ୍ଲାପାଳ ଙ୍କୁ ଦୁଃଖ ପ୍ରକାଶ କରିଥିଲେ ।ଏଥି ସହିତ ବିଦ୍ୟାଳୟରେ ଶ୍ରେଣୀଗୃହ ବୋଲି ଦେଖିଥିଲେ ଏବଂ ଅଧପନ୍ତରିଆ ହୋଇ ପଡ଼ିଥିବା ଡାଇନିଂ ହଲ ତୁରନ୍ତ କାମ ଶେଷ କରିବା ପାଇଁ ଜିଲ୍ଲାପାଳ ବିଡ଼ିଓ ଏବଂ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏଠାରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ଛାତ୍ରଛାତ୍ରୀ ମାନେ ଅଷ୍ଟମ ଶ୍ରେଣୀ ପାସ କଲାପରେ ଅନ୍ୟ ଏକ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢିଯିବାକୁ ଯାଇ ସେମାନଙ୍କୁ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।ଏନେଇ ବିଦ୍ୟାଳୟରେ ନବମ ଓ ଦଶମ ଦୁଇଟି ଶ୍ରେଣୀ ଖୋଲାଯାଇ ଛାତ୍ର ଛାତ୍ରୀ ଙ୍କୁ ପାଠ ପଢିବାକୁ ସୁବିଧା ସୁଯୋଗ ଯୋଗାଇଦେଲେ ଭଲ ହୁଅନ୍ତା ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ଜିଲ୍ଲାପାଳ ଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମ୍ପର୍କରେ ଶିକ୍ଷା ବିଭାଗ ସହ ଆଲୋଚନା କଲାପରେ ପରବର୍ତ୍ତୀ ସମୟରେ କିପରି ସମାଧାନ ହୋଇପାରିବ ସେ ଉପରେ ଜିଲ୍ଲାପାଳ କହିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଅମୃତ କୁମାର ରାଉଲ ,ଡ଼ିଡବ୍ଲ୍ୟୁଓ ଦୟାନିଧି ନାୟକ ,ଡବ୍ଲ୍ୟୁଇଓ ଯଂଗେଶ୍ୱର ନାୟକ,ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା,କନିଷ୍ଠ ଯନ୍ତ୍ରୀ ନେତ୍ରାନନ୍ଦ ମିଶ୍ର, ପଞ୍ଚାନନ ବିଷୋଇ ପ୍ରମୁଖ ଉପସ୍ଥିତ ଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧରମାନନ୍ଦ ସାହୁ ଙ୍କ ସହ ଶିକ୍ଷକ ଶିକ୍ଷୟତ୍ରୀ ସମେତ ବିଦ୍ୟାଳୟର ଅନ୍ୟାନ୍ୟା କର୍ମଚାରୀ ଉପସ୍ଥିତ ଥିଲେ।

# ନୀତିଶଙ୍କ ବଦଳରେ ନିଶାନ୍ତ ସିଏମ୍ ହୁଅନ୍ତୁ

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ନୀତିଶ କୁମାର ଓ ବିହାର ରାଜନୀତିକୁ ନେଇ ଥମିବାରେ ନା ନେଉନି ଚର୍ଚ୍ଚା । ରାଷ୍ଟ୍ରୀୟ ସଙ୍ଗୀତ ବୋଲାଯାଉଥିବା ସମୟରେ ବିହାରର ମୁଖ୍ୟମନ୍ତ୍ରୀ ଛିଡ଼ା ତ ହୋଇନଥିଲେ ବରଂ ସଚିବଙ୍କ ସହ ଆଲୋଚନା କରୁଥିଲେ । ଯାହାକୁ ନେଇ ପୂରା ଭାରତରେ ଚର୍ଚ୍ଚା ବଢ଼ିଥିବା ବେଳେ ସୋସିଆଲ ମିଡିଆରେ ବି ଭିଡ଼ିଓ ଭାଇରାଲ ହୋଇଥିଲା । ଏହାପରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲାଲୁଙ୍କ ପତ୍ନୀ ରାବ୍ରି ଦେବୀ କହିଛନ୍ତି, ନୀତିଶ କୁମାର ଅସୁସ୍ଥ ପରି ମନେ ହେଉଛନ୍ତି । ତେଣୁ ତାଙ୍କ ପୁଅ ନିଶାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ଆସନ ଏବେ ଦିଅନ୍ତୁ । ହେଲେ ସେ ଏମିତି କାହିଁକି ବୟାନ ଦେଲେ । ବିହାର ରାଜନୀତିରେ କି ସମୀକରଣ ଚାଲିଛି ସେନେଇ ଜୋରଦାର ଚର୍ଚ୍ଚା ହେଉଛି । ନୀତିଶଙ୍କୁ ନେଇ ବିବାଦ ବଢ଼ିବା ପରେ ବିହାରର କ୍ୟାବିନେଟ୍ ମନ୍ତ୍ରୀ କହିଛନ୍ତି, ସେଦିନ ଯେଉଁ ଘଟଣା ହେଲା ତାହା ପ୍ରସଙ୍ଗ ନୁହେଁ । ଅଯଥା କଥାକୁ ନେଇ ବିରୋଧୀ ଇସ୍ୟୁ କରୁଥିବା କହିଛନ୍ତି । ଅଶୋକ ଚୌଧୁରୀ କହିଛନ୍ତି, ନୀତିଶଙ୍କ ପରି ଦେଶଭକ୍ତ ଆଉ କେହି ନାହାନ୍ତି । ବିହାର ଦିବସ ନୀତିଶ ହିଁ ଆରମ୍ଭ କରିଥିଲେ । ବିହାରର ଉନ୍ନତି ଲାଗି ନୀତିଶ ସରକାର ଯେଉଁ କାମ କରିଛନ୍ତି ତାହା ଅନ୍ୟ କୌଣସି ସରକାର ସମୟରେ ହୋଇନାହିଁ । ଆମ ନେତା ପରିବାରବାଦ ରାଜନୀତି ସପକ୍ଷରେ ନାହାନ୍ତି । ତେଣୁ ପୁଅ ମୁଖ୍ୟମନ୍ତ୍ରୀ ହେବେ କି ନାହିଁ ତାହା ଜନତା ନିର୍ଦ୍ଧାରଣ କରିବେ ବୋଲି ସେ




କହିଛନ୍ତି । ଆପଣମାନେ ସମସ୍ତେ ଜାଣନ୍ତି ପରିବାରବାଦ ରାଜନୀତି ସପକ୍ଷରେ ଏନଡିଏ ନୁହେଁ । ତେଣୁ ନୀତିଶଙ୍କ ବଦଳରେ ପୁଅ ସିଏମ ହେବା ନେଇ ଆଲୋଚନା ବୋଧହୁଏ ହୋଇନାହିଁ । ହେଲେ ରାବ୍ରି ଦେବୀଙ୍କ ବୟାନ ପରେ ଗୋଟିଏ କଥା ସ୍ପଷ୍ଟ ହେଉଛି କି, ନୀତିଶଙ୍କୁ ପରିବାରବାଦ ରାଜନୀତିରେ ଛନ୍ଦି ଫାଇଦା ନେବାକୁ ପ୍ଲାନ୍ କରୁଛି ଆରଜେଡି । କଥା ହେଲା, ଲାଲୁ ପୁଅ ତେଜସ୍ୱୀଙ୍କ ମୁଖ୍ୟମନ୍ତ୍ରୀ ଚେହେରା ଭାବରେ ସାମ୍ନାକୁ ଆଣିଛନ୍ତି । ଯେବେ ନୀତିଶ ଲାଲୁଙ୍କ ସହ ମିଶି ସରକାର କରିଥିଲେ ସେହି ସମୟରେ ନୀତିଶଙ୍କ ଉପରେ ଲାଲୁ କୁଆଡ଼େ ଚପ ପକାଇଥିଲେ ନିଶାନ୍ତଙ୍କୁ ରାଜନୀତିକୁ ଆଣିବାକୁ । ସେଇଥି ପାଇଁ ନୀତିଶ କୁଆଡ଼େ ଲାଲୁଙ୍କ ହାତ ଛାଡ଼ି ମୋଦୀଙ୍କ ହାତ ଧରିଥିଲେ । ହେଲେ ରାବ୍ରିଙ୍କ ଏମିତି ବୟାନକୁ ନେଇ ଏବେ ଭାରି ଚର୍ଚ୍ଚା ଚାଲିଛି । କୁହାଯାଉଛି କି, ସେ ଜାଣିଶୁଣି ଏମିତି ବୟାନ ଦେଇଛନ୍ତି । କଥା ହେଲା ଲାଲୁଙ୍କ ପରିବାରବାଦ ରାଜନୀତି ଓ ଜଙ୍ଗଲରାଜ ପ୍ରସଙ୍ଗରେ ଆଟାକ୍ କରି ନୀତିଶ ସରକାର କରିଛନ୍ତି । ଏବେ ଯଦି ସେ ପୁଅକୁ ରାଜନୀତି ମୈଦାନକୁ ଆଣୁଛନ୍ତି ତା'ହେଲେ ବିରୋଧୀଙ୍କୁ କାଉଣ୍ଟର ଆଟାକର ସୁଯୋଗ ମିଳିବ । ତେଣୁ ଇଚ୍ଛା ଥିଲେ ବି ନୀତିଶ ତାଙ୍କ ପୁଅକୁ ରାଜନୀତିରେ ସାମିଲ କରୁନାହାନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି ।

## କାନାଡାରେ ଭାରତୀୟ ଯୁବତୀଙ୍କ ଉପରେ ଆକ୍ରମଣ

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** କାନାଡାର କାଲଗାରିରେ ଜଣେ ଭାରତୀୟ ଯୁବତୀଙ୍କ ଉପରେ ଆକ୍ରମଣ ହୋଇଛି । ଏହି ଆକ୍ରମଣର ଭିଡିଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଭିଡିଓରେ ଜଣେ ବ୍ୟକ୍ତି ବୋ ଭ୍ୟାଲି କଲେଜ ଟ୍ରେନ୍ ଷ୍ଟେସନର ପ୍ଲାଟଫର୍ମରେ ଜଣେ ଝିଅକୁ ଜୋରରେ ଠେଲି ଦେଉଥିବାର ଓ ତାହାର ବେକ ଚିପୁଥିବାର ଦେଖିବାକୁ ମିଳୁଛି । ଭାଇରାଲ ହୋଇଥିବା ଭିଡିଓରେ, ନୀଳ ଜ୍ୟାକେଟ୍ ଏବଂ ଗାଢ଼ ମାଟିଆ ପ୍ୟାଣ୍ଟ ପିନ୍ଧିଥିବା ଜଣେ ବ୍ୟକ୍ତି ଷ୍ଟେସନରେ ଠିଆ ହୋଇଥିବା ଜଣେ ଝିଅକୁ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି । ପୁରୁଷ ଜଣକ ପ୍ରଥମେ ଝିଅଟିକୁ ଧକ୍କା ଦେବା ସହ ବେକ ଚିପିବାକୁ ଉଦ୍ୟମ କରିଥିଲା । ତା'ପରେ ସେ ଯୁବତୀଙ୍କ ଜ୍ୟାକେଟ୍ ଧରି ଟ୍ରାଞ୍ଜିଟ୍ ଆଶ୍ରୟସ୍ଥଳର କାନ୍ଥରେ ଜୋରରେ ପିଟି ଦେଲା । ଝିଅଟି ଭାରତୀୟ ବୋଲି କୁହାଯାଉଥିଲେ ବି ତାହାର ପରିଚୟ ମିଳିପାରିନାହିଁ । ଭିଡିଓରେ ଦେଖାଯାଉଛି ଯେ ଝିଅଟି ଭୟରେ ଚିତ୍କାର କରିବା ଆରମ୍ଭ କରୁଛି ।

# ମଧ୍ୟବିତ୍ତଙ୍କ ବଢ଼ିଛି ଆର୍ଥିକ ସମସ୍ୟା

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ଏକାଧିକ କାରଣ ଯୋଗୁ ଭାରତର ମଧ୍ୟବିତ୍ତଙ୍କ ଆର୍ଥିକ ସମସ୍ୟା ବିରାଟିଛି । ସ୍ଥିର ଆୟ, ଅଟୋମେଶନ-ଚାଳିତ ନିଯୁକ୍ତି ହ୍ରାସ ଏବଂ ସାମ୍ପ୍ରତିକ ଅର୍ଥନୈତିକ ମାନ୍ଦାବସ୍ଥା ଯୋଗୁ ମଧ୍ୟବିତ୍ତମାନେ ଆର୍ଥିକ ବୋଝରେ ସନ୍ତୁଳି ହେଉଥିବା ମାର୍ସେଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସର ପ୍ରତିଷ୍ଠାତା ଏବଂ ମୁଖ୍ୟ ନିବେଶ ଅଧିକାରୀ ସୌରଭ ମୁଖାର୍ଜୀ ପ୍ରକାଶ କରିଛନ୍ତି । ଏହି ସମସ୍ୟାଗୁଡ଼ିକୁ ନେଇ ଆଲୋକପାତ କରିବା ସହ ଶ୍ରୀ ମୁଖାର୍ଜୀ କହିଛନ୍ତି ଯେ, ଏସବୁ ସମସ୍ୟା ବିଭିନ୍ନ



ଉପାୟରେ ମଧ୍ୟବିତ୍ତଙ୍କ ଆର୍ଥିକ ସୁରକ୍ଷାକୁ ବାଧା ଦେଉଛି । ସେ କହିଛନ୍ତି ଯେ, ମଧ୍ୟବିତ୍ତଙ୍କ ଆୟ ଯେଉଁଠି ସେଇଠି ସ୍ଥିର ରହିଛି । ଏହା ଏକ ପ୍ରମୁଖ ସମସ୍ୟା । ଗତ ୧୦ ବର୍ଷ ଧରି ଏହି ବର୍ଗଙ୍କ ବାର୍ଷିକ ହାରାହାରି ଆୟ ପ୍ରାୟ ସାଢେ ୧୦ ଲକ୍ଷ ଟଙ୍କାରେ ସ୍ଥିର ରହିଛି । ବାସ୍ତବରେ ଯଦି ଦେଖାଯାଏ ତେବେ ମୁଦ୍ରାସ୍ଫୀତି ଯୋଗୁ ମଧ୍ୟବିତ୍ତଙ୍କ ଆୟ ଏବେ ଅଧା କହିଲେ ଚଳେ । ଏହା ଏକ ବଡ଼ ସମସ୍ୟା ।

ଲୋକେ ଏକ ଭଲ ଜୀବନଶୈଳୀ ଜିଇଁବାକୁ ଚାହାନ୍ତି । କିନ୍ତୁ ଦରଦାମ ବୃଦ୍ଧି ଯୋଗୁ ଭଲ ଜୀବନଶୈଳୀ ପାଇଁ ଲୋକଙ୍କୁ ମୋଟା ଋଣ କରିବାକୁ ପଡୁଥିବା ମୁଖାର୍ଜୀ ପ୍ରକାଶ କରିଛନ୍ତି । ଅଟୋମେଶନ ଯୋଗୁ ନିଯୁକ୍ତି ସମ୍ଭାବନା ବି ହ୍ରାସ ପାଇଛି । ଫ୍ୟାକ୍ଟ୍ରି ହେଉ କିମ୍ବା ଅଫିସ୍, ପାରମ୍ପରିକ ମଧ୍ୟବିତ୍ତ ବର୍ଗଙ୍କ ନିଯୁକ୍ତିର ଜାଗା ନେଉଛି ମେଶିନ୍ । ଉଦାହରଣ ଭାବେ ମୁଖାର୍ଜୀ ବ୍ୟାଙ୍କ ଟେଲର୍ଙ୍କୁ ଦର୍ଶାଇଛନ୍ତି । ସେ କହିଛନ୍ତି ଯେ, ଏଟିଏମ୍ ସହ ଅଟୋମେଶନର ପ୍ରଥମ ଲହର ଆସିଛି । ଦ୍ୱିତୀୟ ଲହର ହେଉଛି ବ୍ୟାଙ୍କ ଟେଲର୍ଙ୍କ ସ୍ଥାନ ନେବ ବଟ୍ । ଜେନେରେଟିଭ୍ ଏଆଇ ଦ୍ୱାରା ଚାଳିତ ଅଟୋମେଶନର ପରବର୍ତ୍ତୀ ପର୍ଯ୍ୟାୟରେ ଉଭୟ ମାନୁଫାକ୍ଚରିଂ ଏବଂ ହ୍ୱାଇଟ୍-କୋଲାର କ୍ଷେତ୍ରର ନିଯୁକ୍ତି ପ୍ରଭାବିତ ହେବ ।

# ସଙ୍କଟରେ ମାଲେସିଆରେ ଥିବା ହିନ୍ଦୁ ମନ୍ଦିର

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ମସଜିଦ୍ ପାଇଁ ହଟିବ ମନ୍ଦିର । ମାଲେସିଆର ରାଜଧାନୀରେ ମସଜିଦ୍ ପାଇଁ ଏକ ହିନ୍ଦୁ ମନ୍ଦିର ହଟାଇବା ପ୍ରସ୍ତାବକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ମାଲେସିଆରେ ଧାର୍ମିକ ସମାନତା ଏବଂ ସହରୀ ପୁନଃନିର୍ମାଣ ଦାବିକୁ ପଦାରେ ପକାଇଛି । ଉଚ୍ଛେଦ ହେବାକୁ ଥିବା ଏହି ମନ୍ଦିର ରାଜଧାନୀ କୁଆଲାଲମ୍ପୁରର ଦେବୀ ଶ୍ରୀ ପଥରକାଳିୟମ୍ମା ମନ୍ଦିର । ଏବେ ଏହି ମନ୍ଦିରର ଭବିଷ୍ୟତ ଅନିଶ୍ଚିତ ଘେରରେ, ସାଉଥ ଚାଇନା ମର୍ଣ୍ଣିଂ ପୋଷ୍ଟ ଅନୁଯାୟୀ ଦେବୀ ଶ୍ରୀ ପଥରକାଳିୟମ୍ମା ମନ୍ଦିରର ସ୍ଥାନ ମାଲେସିଆର ବୟନ ଶିଳ୍ପ କମ୍ପାନୀ ଜେକିଲକୁ ବିକ୍ରି କରାଯାଇଛି, ଯିଏ କି ସେହି ସ୍ଥାନରେ ଏକ ମସଜିଦ ନିର୍ମାଣ କରିବାକୁ ଯୋଜନା କରୁଛି। ୧୪୦ ବର୍ଷ ପୁରୁଣା ଏହି ମନ୍ଦିର ଭାଙ୍ଗିବାକୁ ଯୋଜନା କରାଯାଉଛି, ହିନ୍ଦୁ ସଂଗଠନ ଦାବି କରିଛି, ମୁସଲମାନ ମସଜିଦ୍ ନିର୍ମାଣର ମାତ୍ର ୧୦ ବର୍ଷ ପରେ ଏହାର ଶିଳାନ୍ୟାସ କରାଯାଇଥିଲା ।ଏହି କ୍ଷେତ୍ରରେ ଏହି ମନ୍ଦିର ଅତି କମରେ ୧୩୦ ବର୍ଷ ପୁରୁଣା । କ୍ୱାଲାଲମ୍ପୁରର ଉଭୟ ମନ୍ଦିର ଏବଂ ମସଜିଦ୍ ମୂଳତଃ ସରକାରୀ ଜମିରେ ଅବସ୍ଥିତ ଥିଲା, ଯାହାକୁ ୨୦୧୪ରେ ଜେକିଲଙ୍କୁ ବିକ୍ରି କରାଯାଇଥିଲା । କମ୍ପାନୀର ପ୍ରତିଷ୍ଠାତା ମହମ୍ମଦ ଜେକିଲ ଅହମ୍ମଦ ଏହି ଅଞ୍ଚଳରେ ଏକ ଚତୁର୍ଥ ମଦଜିଦ୍ ନିର୍ମାଣ କରି ମୁସଲମାନ ସମ୍ପ୍ରଦାୟକୁ ଉପହାର ଦେବା ଉଦ୍ଦେଶ୍ୟରେ ଏହି ପ୍ଲଟ୍ କିଣିଥିଲେ । କିନ୍ତୁ ଗତ କିଛି ସପ୍ତାହ ପର୍ଯ୍ୟନ୍ତ ଏ ନେଇ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିଲା । ବିଜେପି ନେତା ଉରିମାଇର୍ ପି ରାମାସାମୀ କହିଛନ୍ତି, ଏହି ମନ୍ଦିର ମାଲେସିଆର ସ୍ୱାଧୀନତା ପୂର୍ବ ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଧାର୍ମିକ ସ୍ଥାନ ଥିଲା । ପେନାଙ୍ଗର ପୂର୍ବତନ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଦୀର୍ଘ ଦିନ ଧରି ପ୍ରତିଷ୍ଠିତ ହିନ୍ଦୁ ମନ୍ଦିରକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ହଟାଇବା ଗ୍ରହଣୀୟ ନୁହେଁ, ବିଶେଷକରି ଯେଉଁ ଦେଶ ବହୁଜାତି ଓ ବହୁଧାର୍ମିକ ବୋଲି ନିଜକୁ ଗର୍ବିତ କରୁଛି ।

## ଆରଜି କର ମାମଲା

# କେସ୍ ଡାଏରୀ ପ୍ରଦାନ କରିବାକୁ ସିବିଆଇକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** କୋଲକାତା ହାଇକୋର୍ଟ ସୋମବାର ସିବିଆଇକୁ ନିର୍ଦ୍ଦେଶ ଦେଇ କହିଛନ୍ତି, ସେ ଆରଜି କର ହସ୍ପିଟାଲରେ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ତଦନ୍ତ ସମ୍ବନ୍ଧିତ କେସ୍ ଡାଏରୀ , ଆସନ୍ତା ଶୁଣାଣିରେ ପ୍ରଦାନ କରନ୍ତୁ । କୋର୍ଟ ଏହା ମଧ୍ୟ ପଚାରିଛନ୍ତି ଯେ ତଦନ୍ତକାରୀ ସଂସ୍ଥା ଗଣ ଦୁଷ୍କର୍ମ ବା ପ୍ରମାଣ ନଷ୍ଟ କରିବାର ସମ୍ଭାବନା ଉପରେ ବିଚାର କରୁଛି କି ? ମୃତ ପୀଡ଼ିତାଙ୍କ ମାତା-ପିତା , ଯିଏକି କୋର୍ଟଙ୍କ ନିରୀକ୍ଷଣରେ ତଦନ୍ତ ପାଇଁ ପିଟିସନ ଦାଏର କରିଥିଲେ, ତର୍କ ଦେଇଥିଲେ ଯେ, ସିବିଆଇ ଟ୍ରାଏଲ କୋର୍ଟରେ ଏହାର ଚାର୍ଜସିଟ୍ ଦାଖଲ କରିବା ସମୟରେ ଏକ ବଡ଼ ଷଡ଼ଯନ୍ତ୍ରର ସଙ୍କେତ ଦେଇଥିଲା । ସେ ଏନେଇ ମାମଲାରେ ଆଗକୁ ତଦନ୍ତ ନେଇ ଅନୁରୋଧ କରି ଥିଲେ । ବିଚାରପତି ତୀର୍ଥଙ୍କର ଘୋଷ କହିଛନ୍ତି - ତାଙ୍କ ଅନୁରୋଧର ସମୀକ୍ଷା , ଚାଲୁଥିବା ତଦନ୍ତର ସ୍ଥିତି ଓ ସିବିଆଇ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସ୍ଥିତି ରିପୋର୍ଟ ଆଧାରରେ କରାଯିବ । ସେ ସିବିଆଇକୁ ୨୮ ମାର୍ଚ୍ଚରେ ଆଗାମୀ ଶୁଣାଣିରେ କେସ୍ ଦାଏରୀ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ଏହା ବ୍ୟତୀତ, କୋର୍ଟ ସିବିଆଇକୁ ଏହା ସ୍ପଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେ କଣ ନିଜର ଆଗାମୀ



ଯାଞ୍ଚରେ ଗଣ ଦୁଷ୍କର୍ମ ବା ପ୍ରମାଣ ନଷ୍ଟ କରିବାକୁ ନେଇ ଯାଞ୍ଚ କରୁଛନ୍ତି । ମହିଳା ଡାକ୍ତରଙ୍କ ମୃତଦେହ ୯ ଅଗଷ୍ଟ, ୨୦୨୪ରେ ଉତ୍ତର କୋଲକାତାର ସରକାରୀ ହସ୍ପିଟାଲର ସେମିନାର ରୁମ୍ରେ ମିଳିଥିଲା । ଅନେକ ଜନହିତ ଆବେଦନ ପରେ , କୋର୍ଟ ଯାଞ୍ଚ କୋଲକାତା ପୁଲିସ ଠାରୁ ନେଇ ସିବିଆଇକୁ ପ୍ରଦାନ କରିଥିଲେ । କହି ରଖୁଛୁ କି, ପୂର୍ବତନ ନାଗରିକ ସ୍ୱୟଂସେବକ ସଞ୍ଜୟ ରାୟଙ୍କୁ କୋଲକାତା ପୁଲିସ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗରେ ଗିରଫ କରିଥିଲ । ଜାନୁଆରୀରେ ଏକ ସେସନ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ତାଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି । ସୂଚନା ଆଧାରରେ , ପଶ୍ଚିମବଙ୍ଗ ସରକାରଙ୍କର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ କଲ୍ୟାଣ ବାନାର୍ଜୀ କହିଛନ୍ତି ଯେ, ରାଜ୍ୟକୁ ଆଗାମୀ ଯାଞ୍ଚ ପାଇଁ କୌଣସି ଅଭିଯୋଗ ନାହିଁ , କିନ୍ତୁ ସେ ଏହି କଥା ଉପରେ ସ୍ପଷ୍ଟତା ମାଗିଛନ୍ତି ଯେ , ଦୋଷସିଦ୍ଧ ହେବା ପରେ ଏହା ଆଇନ୍ ଗତ ଭାବେ ସ୍ୱୀକାର୍ଯ୍ୟ ହେବ କି । ସେ ଏହା ମଧ୍ୟ ପ୍ରଶ୍ନ ଉଠାଇଛନ୍ତି , ଟ୍ରାଏଲ କୋର୍ଟଙ୍କୁ କଣ ଟ୍ରାଏଲ ଶେଷ ହେବା ପରେ ଆଗାମୀ ଯାଞ୍ଚ ପାଇଁ ଅନୁମୋଦନର ଅଧିକାର ଅଛି ।

# ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାରେ ରିଆଙ୍କୁ କ୍ଲିନ୍ ଚିଟ୍

**ମୁମ୍ବାଇ,୨୬।୩(ଏଜେନ୍ସି):** ବନ୍ଦ ହେଲା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲା । ଏହି ମାମଲାରେ ରିଆ ଚକ୍ରବର୍ତ୍ତୀଙ୍କୁ କ୍ଲିନ୍ ଚିଟ୍ ଦେଲା ସିବିଆଇ । ସିବିଆଇର ନିଷ୍ପତ୍ତି ଉପରେ ଅଭିନେତ୍ରୀ ଦିଆ ମିର୍ଜା ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ରିଆ ଚକ୍ରବର୍ତ୍ତୀ ତାଙ୍କ ପରିବାରକୁ କେବଳ ଟିଆରପି ପାଇଁ ତୁମେ ତାଙ୍କୁ ମାନସିକ ଭାବରେ ହଇରାଣ କଲ । ଏବେ କ୍ଷମା ମାଗ । ଗତ ୫ ବର୍ଷ ଧରି ସୁଶାନ୍ତ ସିଂହ ରାଜପୁତଙ୍କ ମାମଲାର ତଦନ୍ତ କରିବା ପରେ, ସିବିଆଇ ଏବେ ରିଆ ଚକ୍ରବର୍ତ୍ତୀ, ତାଙ୍କ ଭାଇ ସୌଭିକ୍ ଚକ୍ରବର୍ତ୍ତୀ ଏବଂ ପରିବାରକୁ ସମ୍ପୂର୍ଣ୍ଣ କ୍ଲିନ୍ ଚିଟ୍ ଦେଇଛି । ତଦନ୍ତକାରୀ ସଂସ୍ଥା କହିଛି ଯେ ୨୦୨୦ ମସିହାରେ ୩୪ ବର୍ଷ ବୟସରେ ସୁଶାନ୍ତଙ୍କ ମୃତ୍ୟୁର କୌଣସି ଷଡ଼ଯନ୍ତ୍ର କିମ୍ବା ଅପରାଧର ପ୍ରମାଣ ମିଳିନାହିଁ । ବର୍ଷ ବର୍ଷ ଧରି ତଦନ୍ତ ଏବଂ କଠୋର ପଚରାଉଚରା ପରେ, ମାମଲାଟି ଏବେ ବନ୍ଦ ହୋଇଯାଇଛି । ନିକଟରେ ଅଭିନେତ୍ରୀ ଦିୟା ମିର୍ଜା ସିବିଆଇର ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଗଣମାଧ୍ୟମ ରିଆ ଚକ୍ରବର୍ତ୍ତୀ ଏବଂ ତାଙ୍କ ପରିବାରକୁ କ୍ଷମା ମାଗିବା ଉଚିତ । ସେ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଲେଖିଛନ୍ତି, 'ରିୟା ଏବଂ ତାଙ୍କ ପରିବାରକୁ କ୍ଷମା ମାଗିବା ପାଇଁ ଗଣମାଧ୍ୟମର ସାହସ ଅଛି କି ? କେବଳ ଟିଆରପି ପାଇଁ ତୁମେ ତାଙ୍କୁ ମାନସିକ ଭାବରେ ହଇରାଣ କଲ । ଅତି କମରେ ଏବେ କ୍ଷମା ମାଗ । ତାଙ୍କର ପ୍ରତିକ୍ରିୟା ଭାଇରାଲ ହେବାରେ ଲାଗିଛି । କହିରଖୁ କି, ପୂର୍ବରୁ ରିଆ ଏବଂ ତାଙ୍କ ପରିବାରକୁ ଏହି ମାମଲାରେ ଅନେକ ଅଭିଯୋଗର ସମ୍ମୁଖୀନ ହେବାକୁ ପଡିଥିଲା । ସେପ୍ଟେମ୍ବର ୨୦୨୦ରେ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଡ୍ରଗ୍ସ ମାମଲାରେ ରିଆ ଏବଂ ସୌଭିକ୍ଙ୍କୁ ଗିରଫ କରିଥିଲା । ଏହି ମାମଲା ସୁଶାନ୍ତଙ୍କ ମୃତ୍ୟୁ ସହିତ ଜଡ଼ିତ ବୋଲି କୁହାଯାଉଥିଲା । ଏହି ସମୟରେ, ରିଆ ଏବଂ ତାଙ୍କ ପରିବାରକୁ ନେଇ ଗଣମାଧ୍ୟମରେ ବହୁତ ବିବାଦ ହୋଇଥିଲା । ଦୀର୍ଘ ଦିନର ଆଇନଗତ ଲଢ଼େଇ ପରେ, ସିବିଆଇ ଏବେ ସ୍ପଷ୍ଟ କରିଛି ଯେ ତାଙ୍କ ବିରୋଧରେ କୌଣସି ଅପରାଧ ପ୍ରମାଣିତ ହୋଇନାହିଁ ।

# କାଇନେଟିକ୍ ଇ-ଲୁନା ଉପରେ ପ୍ରଥମ ଅସୀମିତ କେଏମ "ଆସ୍ୟୁରଡ଼୍ ବାଇବ୍ୟାକ୍ ଅଫର"ର ନୂତନ ମାନକ ସ୍ଥାପନ

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** କାଇନେଟିକ୍ ଗ୍ରୀନ ଯାହାକି ଭାରତର ଅଗ୍ରଣୀ ପ୍ରମୁଖ ପ୍ରିମିୟର ବୈଦ୍ୟୁତିକ ଯାନ ର ନିର୍ମାଣକାରୀ ପ୍ରତିଷ୍ଠାନ, ଏହାର ଇ-ଲୁନା ଯାନ ଉପରେ ଏକ୍ସକ୍ଲୁଜିଭ "ଆସ୍ୟୁରଡ଼୍ ବାଇବ୍ୟାକ୍ ଅଫର"ର ଘୋଷଣା କରିଛି। ଏହି ସୀମିତ ରହଣୀ ଅଫର କାଇନେଟିକ୍ ଗ୍ରୀନର ଗ୍ରାହକ ସନ୍ତୁଷ୍ଟିକରଣ ତଥା ଏକ ଅସମାନ୍ତରାଳ ମାନସିକ ଶାନ୍ତିର ପ୍ରତିଶ୍ରୁତିବଦ୍ଧତାକୁ ପୁଣି ଥରେ ଦୋହରାଇ ପାରିଛି। ଏହି ଅନନ୍ୟ ପଦକ୍ଷେପର ଅଂଶବିଶେଷ ଭାବରେ କାଇନେଟିକ ଗ୍ରୀନ ୩୬,୦୦୦ ଟଙ୍କାର ଏକ ବିକ୍ରୟ ଫେରସ୍ତ ମୂଲ୍ୟ ଉପରେ ଏହି ଅଫର ଅବଧି ମଧ୍ୟରେ ଲୁନା ଯାନ କ୍ରୟ ଉପରେ ଏକ ସୁନିଶ୍ଚିତ ଫେରସ୍ତର ଗ୍ୟାରେଂଟି ପ୍ରଦାନ କରିଅଛି। ଯାନର ୩ବର୍ଷ ମାଲିକାନାସ୍ୱତ୍ୱର ସମାପ୍ତି ପରେ ଏହି ବିକ୍ରୟ ଉପରେ ଫେରସ୍ତ ହୋଇଥାଏ ଯାହାର ବିଶେଷତ୍ୱ ମଧ୍ୟରେ ଅପ୍ରତ୍ୟାଶିତ ଭାବରେ ଶିଳ୍ପର-ପ୍ରଥମ ଅସୀମିତ କିଲୋମିଟର କଭରେଜ ରହିଛି। ଏଭଳି ଏକ ଦୃଢ଼ ପଦକ୍ଷେପ କାଇନେଟିକ ଗ୍ରୀନର ମାନକକୁ ବର୍ଦ୍ଧିତ କରିବାର ଦୃଢ଼ତାକୁ ଏହାର ଦୁଇ ଚକିଆ ଯାନ ଉପରେ ଅଧିକ କ୍ରିୟାଶୀଳ କରିବା ସହିତ କେବଳ ଏକ ଚଳମାନ ସ୍ଥାୟିତ୍ୱ ନୁହେଁ ଏହାର ମଧ୍ୟ ଲକ୍ଷ୍ୟ ଗ୍ରାହକମାନଙ୍କ ସୁବିଧା ପାଇଁ ଏହାକୁ ଗ୍ରହଣ କରିବା ସହିତ ଅନେକ ଗୁଡ଼ିଏ ପୁରସ୍କାରର ଅଧିକାରୀ ହେବା ସହିତ ଉଚିତ ରିସେଲ ମୂଲ୍ୟ ଏହାର ଇ୨ଡବ୍ଲୁ ଯାନ ଉପରେ ଉପଲବ୍ଧ କରାଇବା। ଏହି ଅବସରରେ ନିଜର ମୂଲ୍ୟବାନ ମତବ୍ୟକ୍ତ କରି ସୁଲଜା ଫିରୋଡ଼ିଆ ମୋଟୱାନୀ, ପ୍ରତିଷ୍ଠାତା ଏବଂ ସିଇଓ, କାଇନେଟିକ ଗ୍ରୀନ କହିଛନ୍ତି, "କାଇନେଟିକ ଗ୍ରୀନରେ ଆମେ ଆମର ପ୍ରତିଶ୍ରୁତିବଦ୍ଧତାକୁ ସହରାଂଚଳର ଚଳମାନ ସହିତ ସ୍ଥାୟିତ୍ୱ ଏବଂ ଉଚିତ ସମାଧାନକୁ ଆହୁରି ଅଧିକ ପୁନଃ ସଂଜ୍ଞାକରଣ କରିପାରିଛୁ। ଇ-ଲୁନା ଏ ଦିଗରେ ଏକ ଗେମ ଚେଞ୍ଜର ହୋଇପାରିଛି, ଏବଂ ଏଥିସହିତ ଏକ ସୁନିଶ୍ଚିତ ଉତ୍ପାଦନ ବିକ୍ରୟ ଫେରସ୍ତ ଅଫର ସହିତ ଆମେ ଗ୍ରାହକମାନଙ୍କ ପସନ୍ଦକୁ ନେଇ ଏହାକୁ ଅଧିକ ଆକର୍ଷଣୀୟ କରିପାରିଛୁ। ଏଭଳି ପଦକ୍ଷେପ କେବଳ ଯେ ମୂଲ୍ୟକୁ ସୁନିଶ୍ଚିତ କରିଛି ତାହା ନୁହେଁ ଏହା ସମଗ୍ର ବୈଦ୍ୟୁତିକ ଯାନର ଇକୋ ସିଷ୍ଟମ ବୃଦ୍ଧିର ବିଶ୍ୱାସନୀୟତାକୁ ଅଧିକ ଶକ୍ତିଶାଳୀ କରିପାରିଛି। ତେଣୁ ଆମେ ପ୍ରିୟ ଗ୍ରାହକମାନଙ୍କୁ ଏଭଳି ଏକ ବିଶେଷ ରିହାତି ସମୟରେ ନିମନ୍ତ୍ରଣ କରୁଛୁ ସେମାନେ ଏହି ସବୁଜ ବିପ୍ଳବର ଏକ ଅଂଶ ବିଶେଷ ଭାବରେ ଏସବୁ ପୁରସ୍କାର ସଦୁପଯୋଗ କରନ୍ତୁ।

## ଆଇପିଏଲ୍‌ରେ ଏମ୍ ଏସ୍ ଧୋନିଙ୍କ ଅତୁଟ ପରମ୍ପରାକୁ ମେନ୍ ଅଫ୍ ପ୍ଲାଟିନମ୍‌ଙ୍କ ସହ ପାଳନ କରନ୍ତୁ

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ଆଇପିଏଲ୍ ଋତୁ ଆରମ୍ଭ ହେବା ମାତ୍ରେ କ୍ରିକେଟ୍ ଜ୍ୱର ଚରମ ସୀମାରେ ପହଂଚିଛି ଏବଂ ଥାଲା ପୁଣି ଥରେ ହଳଦିଆ ଜର୍ସି ପିନ୍ଧିବାକୁ ପ୍ରସ୍ତୁତ ହେଉଛନ୍ତି, ଯାହା ସାରା ଦେଶର ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ପ୍ରତ୍ୟେକ ଏମଏସ ଧୋନିଙ୍କ ସମର୍ଥକଙ୍କ ପାଇଁ, ଏହା କେବଳ ଏକ ଖେଳ ନୁହେଁ - ଏହା ଏକ ଅତୁଟ ବନ୍ଧନ, ବିଶ୍ୱାସ, ସ୍ଥିରତା ଏବଂ ମୁହୂର୍ତ୍ତ ଉପରେ ନିର୍ମିତ ଯାହା ସବୁଦିନ ପାଇଁ ବଂଚିଥାଏ । ଚଳିତ ଋତୁରେ ଏହି କିମ୍ବଦନ୍ତୀ ଖେଳାଳିଙ୍କୁ ସମ୍ମାନ ଦିଅନ୍ତୁ ଏବଂ ବିରଳ ପ୍ଲାଟିନମ୍‌ରେ ନିର୍ମିତ ସ୍ୱତନ୍ତ୍ର ମେନ୍ ଅଫ୍ ପ୍ଲାଟିନମ୍ ଏକ୍ସ ଏମ୍ ଏସ୍ ଧୋନି ସିଗ୍ନେଚର ଏଡିସନ୍ର ମାଲିକ ହୋଇ ଗର୍ବର ସହ ନିଜ ଫାଣ୍ଡୋମ୍ ପିନ୍ଧିବେ। ୯୫% ପ୍ଲାଟିନମ୍‌ରେ ନିର୍ମିତ ପ୍ରତ୍ୟେକ ଖଣ୍ଡକୁ ସ୍ୱଚ୍ଛ, ବୋଲ୍ଡ ଲାଇନ୍ ଏବଂ ମିନିମାଲିଷ୍ଟ ସୌନ୍ଦର୍ଯ୍ୟ ଦ୍ୱାରା ବ୍ୟାଖ୍ୟା କରାଯାଇଛି, ଯେଉଁଥିରେ ଧୋନିଙ୍କ ଦସ୍ତଖତ ପ୍ଲାଟିନମରେ ତାଙ୍କ ଯାତ୍ରାର ପ୍ରତୀକ ଭାବରେ ଲେଖାଯାଇଛି । ବୋଲ୍ଡ ବ୍ରେସଲେଟ୍ ହେଉ, ସ୍ଲିକ୍ ଚେନ୍ ହେଉ କିମ୍ବା ଷ୍ଟେଟମେଟ୍ ରିଙ୍ଗ୍ ହେଉ, ପ୍ରତ୍ୟେକ ଡିଜାଇନ୍ ଏହାର କାଳଜୟୀ ଆକର୍ଷଣ ସହିତ ସୌନ୍ଦର୍ଯ୍ୟକୁ ପୁନଃସଂଜ୍ଞା କରେ। ଏହି ଦସ୍ତଖତ ସଂଗ୍ରହ ବିଷୟରେ ମହେନ୍ଦ୍ର ସିଂହ ଧୋନି କହିଛନ୍ତି, "ମୋର କ୍ରିକେଟ୍ ଯାତ୍ରା ରେ ପ୍ରତ୍ୟେକ ଚ୍ୟାଲେଞ୍ଜ, ବିଜୟ ଏବଂ ଶିକ୍ଷା ମୁଁ କିଏ ତାହା ରଚନା କରିଛି - ଏପରି ମୂଲ୍ୟବୋଧ ସୃଷ୍ଟି କରିଛି ଯାହା ମୋତେ ଉଭୟ ଜୀବନରେ ଏବଂ ପଡ଼ିଆରେ ମାର୍ଗଦର୍ଶନ କରୁଛି । ପ୍ଲାଟିନମ୍ ବିରଳ, ସ୍ଥିର ଏବଂ ସ୍ଥାୟୀ ହେବା ପାଇଁ ନିର୍ମିତ, ଯେମିତି ପ୍ରତ୍ୟେକ ଚ୍ୟାଲେଞ୍ଜକୁ ଅତିକ୍ରମ କରିବା ପାଇଁ ଆବଶ୍ୟକ ମାନସିକତା । ପ୍ଲାଟିନମ୍ ଗହଣା ପିନ୍ଧିବା ମୋ ପାଇଁ ଧୈର୍ଯ୍ୟର ସ୍ମୃତି। ଏହା ହିଁ ମେନ୍ ଅଫ୍ ପ୍ଲାଟିନମ୍ ଙ୍କ ସହ ସହଯୋଗକୁ ସ୍ୱତନ୍ତ୍ର କରିଛି। ଏହି ସଂକଳନର ପ୍ରତିଟି ଖଣ୍ଡ କ୍ଷୁଦ୍ର ଧାରାଠାରୁ ବହୁ ଦୂରରେ ରହିଛି।

# ଗାଲାକ୍ସି ଏ୨୬ ୫ଜି, ସାମସଙ୍ଗର ସର୍ବାଧିକ ଗ୍ରହଣୀୟକାରୀ ଏଆଇ-କ୍ଷମତାଯୁକ୍ତ ସ୍ମାର୍ଟଫୋନ ଭାରତରେ ଶୁଭାରମ୍ଭ

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ସାମସଙ୍ଗ, ଭାରତର ବୃହତମ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଏଆଇ ଲୋକପ୍ରିୟତାର ସମସ୍ତ ପ୍ରାଚୀରକୁ ଅବିରତ ଭାବରେ ପାର ହୋଇ ଗାଲାକ୍ସି ଏ୨୬ ୫ଜିର ଶୁଭାରମ୍ଭ ସହିତ ସର୍ବାଧିକ ଗ୍ରହଣୀକାରୀ ଏଆଇ କ୍ଷମତାଯୁକ୍ତ ସ୍ମାର୍ଟଫୋନକୁ ଆଣିଛି। ତ୍ରୁଟିଶୂନ୍ୟ ଅଭିଜ୍ଞତାର ଚାତୁରୀକୁ ନେଇ ଗାଲାକ୍ସି ଏ୨୬ ୫ଜି, ଷ୍ଟାଇଲ, ସ୍ଥାୟିତ୍ୱ, ଦକ୍ଷତା ଏବଂ ନବୀନତାର ଏକ ସଠିକ୍ ପସନ୍ଦ ଯୋଗ୍ୟତାକୁ ନେଇ ଗଠିତ ଏଭଳି ଏକ ସମତୁଲତାକୁ ପ୍ରଦାନ ପୂର୍ବକ ଦୈନନ୍ଦିନ ବ୍ୟବହାର ପାଇଁ ଆସିଅଛି।

ସାମସଙ୍ଗ ଗାଲାକ୍ସି ଏ୨୬ ୫ଜିରେ ଏକ ଚମତ୍କାରୀ ବୁଦ୍ଧିମତା ଆଣିପାରିଛି ଯାହାକି ଦୈନନ୍ଦିନ କାର୍ଯ୍ୟକୁ ଆହୁରି ଅଧିକ ସ୍ମାର୍ଟ ଏବଂ ସହଜ କରିପାରିଛି। ବୁଦ୍ଧିମତା ଏଆଇ ସୁଟ ବ୍ୟବହାରକାରୀ ଅଭିଜ୍ଞତା ବୃଦ୍ଧି ସହିତ ରହିଥିବା ବିଶେଷତ୍ୱ ଗୁଡ଼ିକ ହେଉଛି ସର୍କଲ ଟୁ ସର୍ଚ୍ଚ ସହିତ ଗୁଗୁଲ, ଏଆଇ ଚୟନ, ଅବଜେକ୍ଟ ଇରେଜର, ମାଇଁ ଫିଲଟର ଏବଂ ଆହୁରି ଅନେକ କିଛି।

ଗୁଗୁଲ ସହିତ ସର୍କଲ ଟୁ ସର୍ଚ୍ଚ- ଯାହାକି ଶେଷ ବର୍ଷ ଗାଲାକ୍ସି ଏ ଶୃଙ୍ଖଳର ସର୍ବାଧିକ ଫ୍ୟାନ ପସନ୍ଦକାରୀ ଉପକରଣ ହୋଇପାରିଛି– ବର୍ତମାନ ଛବି ପାଇଁ ଆହୁରି ଅଧିକ ଆକୃଷ୍ଟର ବିନ୍ଦୁ ହେବା ସହିତ, ବ୍ୟବହାରକାରୀମାନଙ୍କୁ ସଙ୍ଗୀତକୁ ଚିହ୍ନଟ କରିବା, ସୂଚନାକୁ ଖୋଜି ବାହାର କରିବା ଏବଂ ଅତି କମ୍ ପ୍ରୟାସରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପ୍ରଦାନ ପାଇଁ ସକ୍ଷମ କରିପାରିଛି। ଏହାର ଅଧୁନତମ ଅପଗ୍ରେଡ଼ ସହିତ, ବ୍ୟବହାରକାରୀମାନେ ବର୍ତମାନ ନିଜର ଫୋନ ସହାୟତାରେ ଏପରିକି ଅନେକ କିଛି କାର୍ଯ୍ୟ କରିପାରିବେ। ଗୁଗୁଲ ସହିତ ସର୍କଲ ଟୁ ସର୍ଚ୍ଚ ଅତି ତ୍ୱରିତ ଗତିରେ ଫୋନ ପରଦାରେ ଆସୁଥିବା ଫୋନ ନମ୍ବର, ଇ-ମେଲ ଠିକଣା ତଥା ୟୁଆରଏଲ ଗୁଡ଼ିକୁ ଚିହ୍ନଟ କରିପାରିବ ଫଳରେ ଗ୍ରାହକମାନେ ଅତି କମ୍ ପ୍ରୟାସରେ ଉଚିତ୍ ପଦକ୍ଷେପ ନେଇପାରିବେ।

ଗାଲାକ୍ସି ଏ୨୬ ୫ଜି ସହିତ ଆସୁଛି ଅବଜେକ୍ଟ ଇରେଜର, ଯାହାକି ବ୍ୟବହାରକାରୀମାନଙ୍କୁ ଫଟୋରୁ ଅନାବଶ୍ୟକ ପସନ୍ଦ ଗୁଡ଼ିକୁ କାଢ଼ିବାରେ ସାହାଯ୍ୟ କରିବ। ବ୍ୟବହାରକାରୀମାନେ ମାନ୍ୟୁଆଲି କିମ୍ବା ସ୍ୱୟଂକ୍ରିୟ ଭାବରେ ସେହି ଇରେଜ ପାଇଁ ପ୍ରସଙ୍ଗ ଗୁଡ଼ିକୁ ଚୟନ କରିପାରିବେ, ପରିଷ୍କାରିତାକୁ ଗ୍ରହଣ କରିପାରିବେ, ତଥା ମାତ୍ର ଅଳ୍ପ କିଛି ଟିପ୍ସକୁ ନେଇ ଶେଷ ପର୍ଯ୍ୟାୟର ଛବିକୁ ବ୍ୟବସ୍ଥିତ କରିପାରିବେ। ଏଆଇ ଚୟନକାରୀତା ସେହି ପ୍ରସଙ୍ଗକୁ ଅତି ସୁନ୍ଦର ଭାବରେ ବୁଝିପାରି ତ୍ୱରିତ ସର୍ଚ୍ଚକୁ ସକ୍ଷମ କରିବା ସହିତ ଗୋଟିଏ କ୍ଲିକ୍ ମାଧ୍ୟମରେ ସୂଚନା ଗୁଡ଼ିକୁ ଖୋଜି ବାହାର କରିବାରେ ସକ୍ଷମ ହୋଇଥାଏ।

# ନ୍ୟୁଜିଲ୍ୟାଣ୍ଡରେ ଭୂକମ୍ପ ଝଟକା

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ଭୂକମ୍ପରେ ଥରିଲା ନ୍ୟୁଜିଲ୍ୟାଣ୍ଡ । ମଙ୍ଗଳବାର ସକାଳୁ ନ୍ୟୁଜିଲ୍ୟାଣ୍ଡର ରିଭରଟନ୍ ଉପକୂଳରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଯାହାର ରିକ୍ଟର ସ୍କେଲରେ ତୀବ୍ରତା ୬.୫ ରେକର୍ଡ କରାଯାଇଛି । ଭୂମିକମ୍ପର କେନ୍ଦ୍ରସ୍ଥଳ ଦ୍ୱୀପର ପଶ୍ଚିମ-ଦକ୍ଷିଣପଶ୍ଚିମରେ ୧୫୯ କିଲୋମିଟର ଦୂରରେ, ୧୦ କିଲୋମିଟର ଗଭୀରତା ଥିଲା । ଭୂମିକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ । ଏନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି । ତେବେ ନ୍ୟୁଜିଲ୍ୟାଣ୍ଡରେ ଏପରି ତୀବ୍ରତାର ଭୂମିକମ୍ପ ବାରମ୍ବାର ହେଉଛି । ଭୂମିକମ୍ପର ମୁକାବିଲା ପାଇଁ ସରକାର ସର୍ବଦା ପ୍ରସ୍ତୁତ। ନ୍ୟୁଜିଲ୍ୟାଣ୍ଡ ଜରୁରୀକାଳୀନ ପରିଚାଳନା ଏଜେନ୍ସି ଅନୁଯାୟୀ, ନ୍ୟୁଜିଲ୍ୟାଣ୍ଡରେ ୬ ତୀବ୍ରତାରୁ ଅଧିକ ତୀବ୍ରତାର ଭୂମିକମ୍ପ ସାଧାରଣ । କିନ୍ତୁ ୭ ତୀବ୍ରତା ପର୍ଯ୍ୟନ୍ତ ପହଞ୍ଚିଲେ ସୁନାମୀ ଆସିପାରେ । ଯଦିଓ ଅଧିକାଂଶ ଭୂମିକମ୍ପପ୍ରବଣ ଅଞ୍ଚଳଗୁଡ଼ିକ ଏବେ ଭୂମିକମ୍ପ-ପ୍ରତିରୋଧୀ କୋଠା ପ୍ରସ୍ତୁତ । ତଥାପି ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି । କାରଣ ଏହା ପୂର୍ବରୁ, ୨୦୧୧ ମସିହାରେ, ନ୍ୟୁଜିଲ୍ୟାଣ୍ଡର କ୍ରାଇଷ୍ଟଚର୍ଚ୍ଚରେ ୬.୩ ତୀବ୍ରତାର ଭୂମିକମ୍ପ ୧୮୫ ଜଣଙ୍କ ଜୀବନ ନେଇଥିଲା । ନ୍ୟୁଜିଲ୍ୟାଣ୍ଡ ଅଷ୍ଟ୍ରେଲିଆ ଏବଂ ପ୍ରଶାନ୍ତ ମହାସାଗର ତଳେ ଥିବା ପ୍ଲେଟଗୁଡ଼ିକ ମଧ୍ୟରେ ଅବସ୍ଥିତ, ତେଣୁ ଏହି ଦେଶ ବାରମ୍ବାର ଭୂମିକମ୍ପର କେନ୍ଦ୍ରସ୍ଥଳ ହୋଇ ରହିଛି । ୧୯୦୦ ମସିହାରୁ, ନ୍ୟୁଜିଲ୍ୟାଣ୍ଡରେ ୭.୫ ତୀବ୍ରତାରୁ ଅଧିକ ୧୫ ଥର ଭୂମିକମ୍ପ ହୋଇଛି । ମ୍ୟାକ୍ୱାରି ରିଜ୍ ନିକଟରେ ୯ଟି ଭୂମିକମ୍ପ ହୋଇଥିଲା । ୧୯୮୯ ମସିହାରେ, ୮.୨ ତୀବ୍ରତାର ଏକ ଭୟଙ୍କର ଭୂମିକମ୍ପ ହୋଇଥିଲା । ନ୍ୟୁଜିଲ୍ୟାଣ୍ଡର ଇତିହାସର ସବୁଠାରୁ ବଡ଼ ଭୂମିକମ୍ପ ୧୯୩୧ ମସିହାରେ ହକ୍ସ ବେ ଅଞ୍ଚଳରେ ଘଟିଥିଲା । ଏହି ଭୂମିକମ୍ପର ତୀବ୍ରତା ୭.୮ ମାପ କରାଯାଇଥିଲା ।

# ତାରବାଡ଼ କାଟି ପାକିସ୍ତାନରେ ଅନୁପ୍ରବେଶ କଲେ ୫୩ ଆଫଗାନ ପିଲା

**ପେଶାୱାର,୨୬।୩(ଏଜେନ୍ସି):** ପାକିସ୍ତାନର ଖାଇବର ଜିଲ୍ଲା ସୀମା ଦେଇ ବେଆଇନ ଭାବରେ ଦେଶରେ ପ୍ରବେଶ କରିଥିବା ୫୩ ଜଣ ଆଫଗାନ ପିଲାଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦିଆଯାଇଛି । ଜଣେ ଅଧିକାରୀ ଏ ବିଷୟରେ ସୂଚନା ଦେଇଛନ୍ତି । ଅଧିକାରୀ ଜଣକ କହିଛନ୍ତି ଯେ ଏହି ପିଲାମାନେ କାମ ଖୋଜିବା ପାଇଁ ପାକିସ୍ତାନରେ ପ୍ରବେଶ କରିବା ପାଇଁ ସୀମା ବାଡ଼ କାଟି ଆସିଥିଲେ । ସେ କହିଛନ୍ତି ଯେ ସମସ୍ତ ପିଲାଙ୍କୁ ଆଫଗାନ



କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି । ଅଧିକାରୀ ଜଣକ କହିଛନ୍ତି ଯେ ତୋରଖମ ସୀମା ପୋଷ୍ଟରେ ନିୟୋଜିତ ଅଧିକାରୀମାନେ ଏହି ଆଫଗାନ ପିଲାମାନଙ୍କୁ ଫେରାଇ ଆଣିବାକୁ ସୁନିଶ୍ଚିତ କରିଛନ୍ତି । ଅଧିକାରୀ ଜଣକ ଏହା ମଧ୍ୟ କହିଛନ୍ତି ଯେ ଆଫଗାନ ପିଲାମାନେ ବେଆଇନ ଭାବରେ ସୀମା ପାର କରିବାର ଘଟଣା ବୃଦ୍ଧି ପାଉଛି, ପ୍ରତିଦିନ ପ୍ରାୟ ୭୦୦ ଏପରି ଉଦ୍ୟମ କରାଯାଉଛି । ପାକିସ୍ତାନରେ ଅବୈଧ ଭାବରେ ରହୁଥିବା ଆଫଗାନ ନାଗରିକଙ୍କ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ମଧ୍ୟ ଜାରି ରହିଛି ଏବଂ ମାର୍ଚ୍ଚ ୨୦ ସୁଦ୍ଧା ୮ ଲକ୍ଷରୁ ଅଧିକ ଲୋକଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦିଆଯାଇଛି । ପାକିସ୍ତାନ ସରକାର ଅବୈଧ ବାସିନ୍ଦା ଏବଂ ଆଫଗାନ ନାଗରିକତା କାର୍ଡ ଧାରକମାନଙ୍କୁ ଦେଶ ଛାଡିବା ପାଇଁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରିଛନ୍ତି । ଏହା ଅଧୀନରେ, ଏପର୍ଯ୍ୟନ୍ତ ୮୭୪୨୮୨ ଜଣ ଆଫଗାନଙ୍କୁ ପାକିସ୍ତାନରୁ ଫେରାଇ ଦିଆଯାଇଛି । ଆତଙ୍କବାଦ ସମ୍ପର୍କିତ ଚିନ୍ତା ଯୋଗୁଁ ସରକାର ଏହି ପଦକ୍ଷେପ ନେଇଛନ୍ତି ।

# ଜାତୀୟ ଉପ କନିଷ୍ଠ ଅସିଚାଳନା ପାଇଁ ଓଡିଶା ଦଳ ଘୋଷିତ

ଭୁବନେଶ୍ଵର, ୨୬ ମାର୍ଚ୍ଚ – କଟକ ମାର୍ଚ୍ଚ ୨୭ ରୁ ୩୦ ତାରିଖ ପର୍ଯନ୍ତ ଓଡିଶା ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ, କଟକ ଜାତୀୟ ଉପ କନିଷ୍ଠ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଓଡିଶା ଦଳ ଘୋଷଣା କରାଯାଇଛି । ଓଡିଶା ଦଳ ଚୟନ ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଭୁବନେଶ୍ଵର ଫେନସିଙ୍ଗ ଏକାଡେମୀରେ ଗତ ୫ ରୁ ୨୫ ପର୍ଯନ୍ତ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା । ଏହି କ୍ୟାମ୍ପ ରେ ଭୁବନେଶ୍ଵର ଫେନସିଙ୍ଗ ଏକାଡେମୀ କୋଚ ସୁକାନ୍ତ ସେଠ, ନିତିନ ସ୍ୱାଇଁ, ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ କୋଚ ଅନ୍ୱେଷା ରାଉତ, ରୋଶନ ସାହୁ, ଫେନସିଙ୍ଗ ଏନ ଆଇ ଏସ କୋଚ କରିଶ୍ମା ରାଉତ, ମଣିପୁର ଏସ ଏସ ବି କୋଚ ଲେନିନ ମିତାଇ, କୋଚ ଜ୍ୟୋତି ରଞ୍ଜନ ଠାକୁର,ପରିଚାଳନା କରିଥିଲେ । କ୍ୟାମ୍ପ ରେ ମୋଟ ୩୪ ଖେଳାଳି ଯୋଗଦେଇଥିଲେ । ସେଥିମଧ୍ୟରୁ ୨୪ ଖେଳାଳିଙ୍କୁ ନେଇ ଓଡିଶା ଦଳ ଗଠନ କରାଯାଇଛି ବୋଲି ରାଜ୍ୟ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି । ରାଜ୍ୟ ସଭାପତି ଅନଙ୍ଗ ଉଦୟ ସିଂ ଦେଓ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଉପ ସଭାପତି ରମେଶ ମଲ୍ଲିକ ସାଙ୍ଗଠାନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

**ଓଡିଶା ଦଳ ବାଳକ**

ଲିଖିତ ବିଶ୍ଵାଳ, ନିଶାଙ୍କ ପଟେଲ, ବିଭୁତି ପଟେଲ, ଓମ ଖୋରା, ସ୍ଵାଗତ ପଟେଲ, ପଦ୍ମଲୋଚନ ନାଏକ, ଓମଶଙ୍କର ପଟେଲ, ଶୁଭମ ଯେସିଂ, ପ୍ରୋମଜୀତ ବେଶରା, ସୋମ୍ୟ ପ୍ରଧାନ, ମଣିକେଶ ନାଏକ, କାହ୍ନା ଗଡତୀୟା।

**ଓଡିଶା ବାଳିକା ଦଳ**

ସ୍ମୃତି ପ୍ରଭା ଅରୁଣ, ସଞ୍ଜନା ଜାଲ, ଡଲିରାଣୀ ମଝି, ଆସ୍ତକ୍ଷ ଗଜେନ୍ଦ୍ର, ସ୍ମୃତି ପ୍ରଭା ଅରୁଣ, ସାରିକା ପଟେଲ, ଶ୍ରୀୟା ଶ୍ରୁତି ପଟେଲ, ପ୍ରଜ୍ଞାଶ ମହାନ୍ତି, ଇସ୍ରିତା ମିଶ୍ର, ନମ୍ରତା ପଟେଲ, ଅମୃତା ଅଧିଶ୍ୱାଡ,ମୁକ୍ତି ବିଶ୍ୱାଳ।

# କେକେଆରର ପ୍ରଥମ ବିଜୟ



ଗୌହାଟୀ: ବୋଲିଂ ପରେ ବ୍ୟାଟରଙ୍କ ଦମଦାର ପ୍ରଦର୍ଶନ ବଳରେ ସହଜ ବିଜୟ ହାସଲ କରିଛି କୋଲକାତା ନାଇଟ୍ ରାଇଡର୍ସ । ରାଜସ୍ଥାନ ରୟାଲ୍ସକୁ ୮ ୱିକେଟରେ ପରାସ୍ତ କରି ଟୁର୍ଣ୍ଣାମେଣ୍ଟର ପ୍ରଥମ ବିଜୟ ହାସଲ କରିଛି। ଡି କକ୍‌ଙ୍କ ଅପରାଜିତ ୯୭ ରନ୍ ବଳରେ କେକେଆର୍ ୧୫ ବଲ୍ ବଳକା ଥାଇ ୧୫୩ ରନ୍ ହାସଲ କରିନେଇଛି ।

୨୦୨୫ର ଷଷ୍ଠ ମ୍ୟାଚ୍ ରାଜସ୍ଥାନ ରୟାଲ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯାଇଥିଲା। ଗୌହାଟୀର ବରସାପାରା କ୍ରିକେଟ୍ ଷ୍ଟାଡିୟମରେ ଉଭୟ ଦଳ ମୁହାଁମୁହିଁ ହୋଇଥିଲେ। କେକେଆର ଅଧିନାୟକ ଅଜିଙ୍କ୍ୟା ରାହାଣେ ଟସ୍ ଜିତି ରାଜସ୍ଥାନକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ପ୍ରଥମେ ବ୍ୟାଟିଂ ପାଇଁ ଓହ୍ଲାଇଥିବା ରାଜସ୍ଥାନ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିଥିଲା। ଦଳ ପକ୍ଷରୁ କୌଣସି ବଡ଼ ଭାଗୀଦାରି ହୋଇପାରି ନଥିଲା ।କୋଲକାତାର ଘାତକ ବୋଲିଂ ଆଗରେ ଧରାଶାୟୀ ହୋଇଥିଲା ରାଜସ୍ଥାନ ରୟାଲ୍ସ ।ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୫୧ ରନ୍ କରିବାରେ ସକ୍ଷମ ହୋଇଥିଲା ।ରାଜସ୍ଥାନ ପାଇଁ ଧ୍ରୁବ ଜୁରେଲ ସର୍ବାଧିକ ୩୩ ରନ୍ କରିଥିଲେ । ଓପନର ଯଶସ୍ୱୀ ଜୈସ୍‌ଲ ୨୯, ସଞ୍ଜୁ ସାମସନ ୧୩, ରିୟାନ ପରାଗ ୨୫ କରିଥିଲେ । ଅନ୍ୟପଟେ କୋଲକାତା ନାଇଟ୍ ରାଇଡର୍ସ ପାଇଁ ବୈଭବ ଅରୋରା, ହର୍ଷିତ ରାଣା, ମୋଇନ୍ ଅଲି, ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏ ୱିକେଟ୍ ନେଇଥିଲେ ।୧୫୨ ରନ୍‌ର ସାଧାରଣ ବିଜୟ ଲକ୍ଷ୍ୟ ହାସଲ ପାଇଁ ପଡ଼ିଆକୁ ଓହ୍ଲାଇଥିବା କେକେଆରକୁ ଭଲ ଆରମ୍ଭ ଦେଇଥିଲେ ଓପନର ଡି କକ୍। ତାଙ୍କ ସହ ମିଶି ମୋଇନ୍ ଅଲି ୪୧ ରନ୍ ପାର୍ଟନରଶିପ୍ କରିଥିଲେ। ୫ ରନ୍ କରି ସେ ଆଉଟ୍ ହେବା ପରେ ପଡ଼ିଆକୁ ଓହ୍ଲାଇଥିଲେ। କ୍ୟାପ୍ଟେନ୍ ରାହାଣେ ତାଙ୍କ ବ୍ୟାଟରୁ ୧୮ ରନ୍ ବାହାରିଥିଲା ଶେଷରେ କ୍ୱିଣ୍ଟନ୍ ଡି କକ୍ ୯୭ ଓ ରଘୁବଂଶୀ ୨୨ ରନ୍ କରି ଅପରାଜିତ ରହି ଟିମ୍‌କୁ ବିଜୟୀ କରାଇଥିଲେ । ରାଜସ୍ଥାନ ପାଇଁ ୱାନିନ୍ଦୁ ହାସରଙ୍ଗା କେବଳ ଗୋଟିଏ ୱିକେଟ୍ ନେଇଥିଲେ।

# ନିଜ ପସନ୍ଦର ଷ୍ଟାଡିୟମର ନାମ କହିଲେ ଧୋନି

ନୂଆଦିଲ୍ଲୀ,୨୬।୩: ଚେନ୍ନାଇ ସୁପର କିଙ୍ଗ୍ସର ଷ୍ଟାର ୱିକେଟ କିପର-ବ୍ୟାଟସମ୍ୟାନ ଏମଏସ ଧୋନି କହିଛନ୍ତି ଯେ ଚେପକ ବ୍ୟତୀତ ତାଙ୍କର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ ସହିତ ଏକ ବିଶେଷ ସମ୍ପର୍କ ରହିଛିୟ ଧୋନି ୨୦୦୭ ଟି-୨୦ ବିଶ୍ୱକପ ଏବଂ ୨୦୧୧ ଦିନିକିଆ। ବିଶ୍ୱକପ ପରେ ଦଳକୁ ମିଳିଥିବା ଜୋରଦାର ସ୍ୱାଗତକୁ ମନେ ପକାଇଛନ୍ତିୟ

୪୩ ବର୍ଷୀୟ ଧୋନି ବର୍ତ୍ତମାନ ଆଇପିଏଲ ୨୦୨୫ରେ ଚେନ୍ନାଇ ସୁପର କିଙ୍ଗ୍ସଙ୍କ ପ୍ରତିନିଧିତ୍ୱ କରୁଛନ୍ତିୟ ସେ ନିକଟରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ମାତ୍ର ୦.୧୨ ସେକେଣ୍ଡରେ ଭାରତୀୟ ବୋଲରଙ୍କୁ ଷ୍ଟମ୍ପିଂ କରି ଶିରୋନାମା ସୃଷ୍ଟି କରିଥିଲେୟ ଔସକ୍ଟଐକ୍ଟସ୍ୱସ୍ୱବକ୍ସରେ ଗଝଉ ରଙ୍ଗକ୍ଟରକ୍ସସରଭମର ଉପରେ ଆଲୋଚନା କରିବା ସମୟରେ, ଏମଏସ ଧୋନି ତାଙ୍କର ପ୍ରିୟ ଷ୍ଟାଡିୟମ ଏବଂ ଏହା ସହିତ ଜଡିତ ସ୍ମୃତି ବାଣ୍ଟିଥିଲେ।

ହଁ, ମୁଁ କହିପାରିବି ନାହିଁ ଯେ ଅନ୍ୟ କୌଣସି ପ୍ରିୟ ପଡ଼ିଆ। ଅଛି କାରଣ ଆମେ ପ୍ରାୟ ସବୁଠି ଏକ ଚମତ୍କାର ସ୍ୱାଗତ ପାଉଛୁୟ ମୋ ହୃଦୟରେ ମୁମ୍ବାଇର ଏକ ସ୍ୱତନ୍ତ୍ର ସ୍ଥାନ ଅଛି କାରଣ ଆମେ ୨୦୦୭ରେ ଟି୨୦ ବିଶ୍ୱକପ ଜିତିବା ପରେ ଏଠାକୁ ଫେରି ଆସିଲୁ ଏବଂ ଏକ ସୁନ୍ଦର ସ୍ୱାଗତ ପାଇଲୁୟ ୨୦୧୧ ବିଶ୍ୱକପ ଫାଇନାଲ ମଧ୍ୟ ମୁମ୍ବାଇରେ ଖେଳାଯାଇଥିଲା, ତେଣୁ ଏଠାରେ ଅନେକ ସ୍ମୃତି ରହିଛିୟ ସେଥିପାଇଁ ଏହା ମୋ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇଛି।

ଏହା ବ୍ୟତୀତ, ଯଦି ଆପଣ ବାଙ୍ଗାଲୋରରେ ଖେଳନ୍ତି, ତେବେ ଦର୍ଶକଙ୍କ ମନୋଭାବ ବହୁତ ଭଲୟ ସେମାନେ ପରସ୍ପରକୁ ସମର୍ଥନ କରିବା ପାଇଁ ବହୁତ ଉତ୍ସାହ ଦେଖାନ୍ତି ଏବଂ ଷ୍ଟାଡିୟମ ଭିତରେ ବହୁତ ଶବ୍ଦ ହୁଏୟ କୋଲକାତା ଏବଂ ଅହମ୍ମଦାବାଦ ବହୁ ସଂଖ୍ୟକ ଦର୍ଶକଙ୍କୁ ଆକର୍ଷିତ କରନ୍ତିୟ ତେଣୁ, ଗୋଟିଏ ବାଛିବା କଷ୍ଟକରୟ ସବୁଠି ପ୍ରଶଂସକମାନେ ଦଳକୁ ସମର୍ଥନ କରନ୍ତି, କ୍ରିକେଟକୁ ସମର୍ଥନ କରନ୍ତିୟ ଚେପକ ସ୍ୱତନ୍ତ୍ର କାରଣ ସେ ସିଟି ବଜାଇ ବହୁତ ଶବ୍ଦ କରନ୍ତିୟ

ସୂଚନାଯୋଗ୍ୟ, ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ଏମଏସ ଧୋନି କେବଳ ଦୁଇଟି ବଲ ଖେଳିଥିଲେୟ ସବୁଥର ପରି, ଯେତେବେଳେ ସେ ବ୍ୟାଟ।

# ଶଶାଙ୍କ ଜାଣି ନ ଥିଲେ ଶ୍ରେୟସ ୯୭ ରନ କରିଛନ୍ତି

ନୂଆଦିଲ୍ଲୀ,୨୬।୫: ମଙ୍ଗଳବାର ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ପଞ୍ଜାବ କିଙ୍ଗସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଓଟଖ ୨୦୨୫ର ପ□ମ ମ୍ୟାଚ ଖେଳାଯାଇଥିଲାୟ ପଞ୍ଜାବର ଇନିଂସ ସମୟରେ, ୧୭ତମ ଏବଂ ୨୦ତମ ଓଭର ମଧ୍ୟରେ, ଶ୍ରେୟସ ଆୟର କେବଳ ୪ଟି ବଲ ସାମ୍ନା କରି ୭ ରନ କରିଥିଲେୟ

ପଞ୍ଜାବ କିଙ୍ଗସ ଇନିଂସ ଶେଷରେ ଅଧିନାୟକ ଶ୍ରେୟସ ଆୟର ୯୭ ରନ କରି ଅପରାଜିତ ରହିଥିଲେୟ ସେ ଶତକରୁ ବ□ିତ ହୋଇଥିଲେୟ କିନ୍ତୁ ଶେଷ ଓଭରଗୁଡ଼ିକରେ ତାଙ୍କ ମନରେ ଶତକ ନଥିଲାୟ ଶଶାଙ୍କ ସିଂହ ଶେଷ ତିନି ଓଭରର ଅଧିକାଂଶ ସମୟ ପାଇଁ ଷ୍ଟ୍ରାଇକ ଧରି ରଖିଥିଲେ ଏବଂ ଚୌକା ଓ ଛକା ବର୍ଷା କରିଥିଲେୟ ସେ ଅଧିନାୟକ ଶ୍ରେୟସ ଆୟରଙ୍କଠାରୁ କ'ଣ ବାର୍ତ୍ତା ପାଇଥିଲେ ତାହା କହିଥିଲେୟ

ଶଶାଙ୍କ ସିଂହ କହିଥିଲେ ଯେ ଶ୍ରେୟସ ଆୟର କହିଥିଲେ- ମୋର ଶତକ ବିଷୟରେ ଚିନ୍ତା କରନାହିଁୟ ପ୍ରତ୍ୟେକ ବଲରେ ଗୋଟିଏ ସଟ ମାରୟ ଶଶାଙ୍କ ମଧ୍ୟ ସେହିପରି କଲେୟ ସେ ପଞ୍ଜାବ ଇନିଂସର ୧୬ତମ ଓଭରରେ ସପ୍ତମ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେୟ ସେ ମାତ୍ର ୧୬ ବଲରେ ୬ ଚୌକା ଏବଂ ୨ ଛକା ସହାୟତାରେ ଅପରାଜିତ ୪୪ ରନ କରିଥିଲେ ଏବଂ ଷଷ୍ଠ ୱିକେଟ ପାଇଁ ଅଧିନାୟକଙ୍କ ସହ ୮୧ ରନ ର ଭାଗୀଦାରି କରିଥିଲେ।

ଶ୍ରେୟସ ଆୟର ଏବଂ ଶଶାଙ୍କ ସିଂହଙ୍କ ଇନିଂସ ବଳରେ ପଞ୍ଜାବ କିଙ୍ଗସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୪୩ ରନ କରିଥିଲାୟ ଇନିଂସ ବିରତି ସମୟରେ ପ୍ରସାରକଙ୍କ ସହ କଥାବାର୍ତ୍ତା ସମୟରେ ଶଶାଙ୍କ କହିଥିଲେ, 'ମୁଁ ତୁମକୁ ସଙ୍କୋଚ ଭାବରେ କହିବିୟ' ପ୍ରଥମ ବଲରୁ, ଆୟର କହିଥିଲେ ଯେ ମୋର ଶତକ ବିଷୟରେ ଚିନ୍ତା କରନାହିଁୟ କେବଳ ବଲକୁ ଦେଖ ଏବଂ ଏହା ଉପରେ ରିଆକ୍ଟ କର।

ଶେଷ ଓଭରରେ ଶ୍ରେୟସ ଷ୍ଟ୍ରାଇକ ପାଇନଥିଲେ, କିନ୍ତୁ ଶଶାଙ୍କ ସିରାଜଙ୍କ ଓଭରରେ ପା□ଟି ଚୌକା ମାରି ୨୩ ରନ କରିଥିଲେୟ ଏହା ନିର୍ଣ୍ଣାୟକ ପ୍ରମାଣିତ ହେଲା କାରଣ ପଞ୍ଜାବ ୧୧ ରନରେ ଗୁଜରାଟକୁ ପରାସ୍ତ କଲାୟ ଯଦି ଶଶାଙ୍କ ସିଂହ ଅଧିନାୟକଙ୍କୁ ଷ୍ଟ୍ରାଇକ ଦେଇଥାନ୍ତେ ଏବଂ ସେ ତାଙ୍କର ଶତକ ପୂରଣ କରିଥାନ୍ତେ, ତେବେ ଦଳର ମୋଟ ସ୍କୋର କେତେ ହୋଇଥାନ୍ତାୟ ଏହା ଆକଳନ କରିବା କଷ୍ଟକର

# 'ଇଶାନ କିଷନଙ୍କ ଶତକ ପରେ ଦ୍ରାବିଡଙ୍କୁ ସମାଲୋଚନା

ନୂଆଦିଲ୍ଲୀ, ୨୬ୟ୩: ଆଇପିଏଲର ୧୮ତମ ସଂସ୍କରଣରେ ପ୍ରଥମ ତୁଫାନି ଶତକ ହାସଲ କରି ଚର୍ଚ୍ଚାକୁ ଆସିଥିବା ଇଶାନ କିଶନଙ୍କ ଜେଜେବାପାଙ୍କ ଏକ ବୟାନ ଇଣ୍ଟରନେଟ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଥିଲା।ତଥାପି, ବିସିସିଆଇ ଏବଂ ପୂର୍ବତନ ଭାରତୀୟ ଦଳର ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କୁ ସମାଲୋଚନା କରି ତାଙ୍କ ବକ୍ତବ୍ୟକୁ କ୍ରିକେଟରଙ୍କ ପିତା ପ୍ରତ୍ୟାଖ୍ୟାନ କରିଥିଲେ।

ବିହାରର ଔରଙ୍ଗାବାଦରେ ଏକ ଖବର ସଂସ୍ଥା ସହିତ କଥାବାର୍ତ୍ତା ସମୟରେ ଇଶାନଙ୍କ ଜେଜେବାପା ରାମାନୁଗ୍ରହ ପାଣ୍ଡେ କହିଛନ୍ତି ଯେ ମୋ ନାତିର ଶତକ ବିସିସିଆଇ ଏବଂ ରାହୁଲ ଦ୍ରାବିଡଙ୍କ ମୁହଁରେ ଏକ ଶକ୍ତ ଚପୁଡ଼ାୟ ଏହି ବୟାନକୁ ସମର୍ଥନ କରି ଈଶାନଙ୍କ ବାପା ପ୍ରଣବ ପାଣ୍ଡେ କହିଛନ୍ତି ଯେ ବିସିସିଆଇ ନିୟମ ଅନୁସାରେ ଚାଲିଥାଏ, ଆମେ ଏହା ଉପରେ କୌଣସି ମନ୍ତବ୍ୟ ଦେବୁ ନାହିଁୟ

ଦାଦା ରାମାନୁଗ ପାଣ୍ଡେ କହିଥିଲେ ଯେ ଇଶାନଙ୍କ ଶତକ ମୋତେ ବହୁତ ଖୁସି କରିଥିଲାୟ ଶତକ ମାରିବା ପରେ, ମୁଁ ଇଶାନଙ୍କ ସହ ଫୋନରେ କଥା ହୋଇଥିଲିୟ ମୁଁ ତାଙ୍କୁ କହିଲି ଯେ ତୁମେ ବିସିସିଆଇ ଏବଂ ରାହୁଲ ଦ୍ରାବିଡଙ୍କୁ ଶକ୍ତ ଚପୁଡ଼ା ମାରିଛୟ ଏହି ଲୋକମାନେ ତୁମକୁ ଗୋଟିଏ ବର୍ଷ ପାଇଁ ଭାରତୀୟ ଦଳରେ ନେଉ ନଥିଲେ।

ମୁଁ ଇଶାନର ମାଆଙ୍କୁ ମଧ୍ୟ କହିଲି ଯେ ତୁମ ପୁଅ ରାହୁଲକୁ ଚପୁଡ଼ା ମାରିଛି। ଏହା ଉପରେ ତାଙ୍କ ମାଆ। କହିଲେ ଯେ ରାହୁଲ କିଏ ? ମୁଁ କହିଲି ରାହୁଲ ଦ୍ରାବିଡ। ସେ ରାଜସ୍ଥାନ ରୟାଲ୍ସର ପ୍ରଶିକ୍ଷକ। ସେ (ରାହୁଲ ଦ୍ରାବିଡ) ଦୁଃଖିତ ମୁହଁରେ ବସି ଇଶାନଙ୍କ ବ୍ୟାଟିଂ ଦେଖୁଥିଲେ।

# ଦିନିକିଆରୁ ଅବସର ନେଲେ ସ୍ମିଥ୍



ନୂଆଦିଲ୍ଲୀ,୨୬।୩: ଦିନିକିଆ କ୍ରିକେଟରୁ ଅବସର ନେଲେ ଅଷ୍ଟ୍ରେଲିଆ। କ୍ରିକେଟ୍ ଟିମର ଅଧିନାୟକ ଷ୍ଟିଭ୍ ସ୍ମିଥ୍। ଚାମ୍ପିଅନ୍ସ ଟ୍ରଫି ସେମି ଫାଇନାଲରେ ପରାଜୟ ପରେ ଏହି ନିଷ୍ପତ୍ତି ନେଇଛନ୍ତି ଷ୍ଟିଭ୍ । ଗତକାଲି ଦୁବାଇରେ ଭାରତ ବିପକ୍ଷ ମ୍ୟାଚରେ ପରାଜିତ ହୋଇଥିଲା ଅଷ୍ଟ୍ରେଲିଆ। ୧୭୦ ଦିନିକିଆ ଖେଳି ଶେଷରେ ଅବସର ଘୋଷଣା କଲେ ଅଷ୍ଟ୍ରେଲିଆ କ୍ରିକେଟ୍ ଟିମର ଅଧିନାୟକ।

ଗତକାଲି ଟିମ୍ ଇଣ୍ଡିଆ। ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ ସ୍ମିଥ ୯୬ଟି ବଲରେ ୭୩ ରନ୍ କରିଥିଲେ ସ୍ମିଥ ମାତ୍ର ତାଙ୍କ ଦମଦାର ପ୍ରଦର୍ଶନ ସତ୍ତ୍ୱେ ଅଷ୍ଟ୍ରେଲିଆ। ହାରିଯାଇଛି ଆଉ ଏହି ପରାଜୟ ପରେ ଦିନିକିଆରୁ ସନ୍ନ୍ୟାସ ନେଇଛନ୍ତି ସ୍ମିଥ୍ ୨୦୧୫ ଏବଂ ୨୦୨୩ରେ ଅଷ୍ଟ୍ରେଲିଆ। ଦିନିକିଆ। ବିଶ୍ୱକପ୍ ବିଜେତା ହୋଇଥିବା ବେଳେ ସ୍ମିଥ୍ ଏହି ବିଜୟୀ ଟିମରେ ଥିଲେ ଯାହା ତାଙ୍କ ପାଇଁ ଏକ ସୁବର୍ଣ୍ଣ ଏବଂ ସ୍ମରଣୀୟ ମୁହୂର୍ତ୍ତ ବୋଲି କହିଛନ୍ତି ସ୍ମିଥ୍।

ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ପରାଜୟ ପରେ ୩୫ ବର୍ଷୀୟ ଷ୍ଟିଭ୍ ସ୍ମିଥ୍ ତାଙ୍କ ଦଳର ସାଥୀମାନଙ୍କୁ ତାଙ୍କ ନିଷ୍ପତ୍ତି ବିଷୟରେ ଜଣାଇଥିଲେ ଷ୍ଟିଭ୍ ସ୍ମିଥ୍ କହିଛନ୍ତି, 'ଏହା ଏକ ସୁନ୍ଦର ଯାତ୍ରା ଥିଲା ଏବଂ ମୁଁ ଏହାର ପ୍ରତ୍ୟେକ। ମିନିଟ୍ ଉପଭୋଗ କରିଛି' ବହୁତ ସୁନ୍ଦର ମୁହୂର୍ତ୍ତ ଏବଂ ଆଶ୍ଚର୍ଯ୍ୟଜନକ ସ୍ମୃତି ଅଛି ଦୁଇଟି ବିଶ୍ୱକପ୍ ଜିତିବା ଏକ ବଡ଼ ସଫଳତା ଥିଲା ଏହି ଯାତ୍ରାକୁ ବାଣ୍ଟିବା ପାଇଁ ଅନେକ ଚମତ୍କାର ସାଥୀ ଥିଲେ। ୨୦୨୭ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିବାର ଏହା ଏକ ମହାନ ସୁଯୋଗ, ତେଣୁ ଏହା ସଠିକ୍ ସମୟ ପରି ମନେ ହେଉଛି।

ଷ୍ଟିଭ୍ ସ୍ମିଥ୍ ଆହୁରି କହିଛନ୍ତି, 'ଟେଷ୍ଟ କ୍ରିକେଟ୍ ଏବେ ବି ପ୍ରାଥମିକତା ଏବଂ ମୁଁ ବିଶ୍ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍, ଶୀତ ଋତୁରେ ୱେଷ୍ଟଇଣ୍ଡିଜ୍ ଏବଂ ତା'ପରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଖେଳିବାକୁ ଉତ୍ସାହିତ' ମୁଁ ଭାବୁଛି ଯେ ସେହି ପ୍ଲାଟଫର୍ମରେ ମୋର ଆହୁରି ବହୁତ କିଛି ଯୋଗଦାନ ଦେବାକୁ ଅଛି।ଷ୍ଟିଭ୍ ସ୍ମିଥ୍ ୨୦୧୦ ମସିହାରେ ତାଙ୍କର ଏକଦିବସୀୟ ଡେବ୍ୟୁ କରିଥିଲେ। ଏହି ସମୟ ମଧ୍ୟରେ ସେ ଅଷ୍ଟ୍ରେଲିଆ। ପାଇଁ ମୋଟ ୧୭୦ଟି ମ୍ୟାଚ୍ ଖେଳିଥିଲେ। ଏକଦିବସୀୟ ମ୍ୟାଚ୍‌ରେ ସେ ୪୩.୨୮ ହାରରେ ୫୮୦୦ ରନ୍ କରିଥିଲେ, ଯେଉଁଥିରେ ୩୫ଟି ଅର୍ଦ୍ଧଶତକ ଏବଂ ୧୨ଟି ଶତକ ଅନ୍ତର୍ଭୁକ୍ତ।

ସେ ତାଙ୍କ ଦେଶ ପାଇଁ ୧୬ତମ ସର୍ବାଧିକ ଏକଦିବସୀୟ ଖେଳାଳି ଏବଂ ୧୨ତମ ସର୍ବାଧିକ ରନ୍ ସ୍କୋରର। ସେହି ସମୟରେ, ଟିମ୍ ଇଣ୍ଡିଆ। ବିପକ୍ଷରେ ତାଙ୍କର ପ୍ରଦର୍ଶନ ମଧ୍ୟ ଭଲ ଥିଲା ସ୍ମିଥ୍ ଭାରତ ବିପକ୍ଷରେ ୩୦ଟି ଦିନିକିଆ ଖେଳି ୫୩.୧୯ ହାରରେ ୧୩୮୩ ରନ କରିଥିଲେ ଯେଉଁଥିରେ ୭ଟି ଅର୍ଦ୍ଧଶତକ ଏବଂ ୫ଟି ଶତକ ମଧ୍ୟ ଅନ୍ତର୍ଭୁକ୍ତ।

# ମନରେଗା ଯୋଜନାରେ ପଞ୍ଜିକୃତ ହେଲେ ଶାମିଙ୍କ ଭଉଣୀ, ଭିଣୋଇ: ରିପୋର୍ଟ

ନୂଆଦିଲ୍ଲୀ,୨୬।୩: ଭାରତୀୟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମି ଭଉଣୀ ଏବଂ ଭିଣୋଇ କେନ୍ଦ୍ର ସରକାରଙ୍କ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ପଞ୍ଜିକୃତ ହୋଇ ମଜୁରୀ ଗ୍ରହଣ କରିଥିବା ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟରେ ଦାବି କରାଯାଇଛି ଯେ, ୨୦୨୧ରୁ ୨୦୨୪ ମଧ୍ୟରେ ଶାମୀଙ୍କ ଭଉଣୀ ଶାବିନା ଏହି ଯୋଜନା ଅଧୀନରେ ଏକ ଶ୍ରମିକ ଭାବେ ପଞ୍ଜିକୃତ କରି ଟଙ୍କା ଗ୍ରହଣ କରିଥିଲେ। ତେବେ ଏହି ଖବର ବିଷୟରେ ଶାମିଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ନିକଟରେ ଶେଷ ହୋଇଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମୁକାବିଲାରେରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶାମି ଏକ ନିଆରା ରେକର୍ଡ ନିଜ ନାମରେ ସାମିଲକ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ପାଇଁ ମିଳିତ ଭାବେ ସର୍ବାଧିକ ଉଇକେଟ ନେଇଥିବା ଶାମି କିନ୍ତୁ ଫାଇନାଲ ମୁକାବିଲାରେ ଅଧିକ ରନ୍ ବ୍ୟୟ କରିଥିଲେ।୯ ଓଭର ବୋଲିଂ କରି ଶାମି ୭୪ ରନ୍ ବ୍ୟୟରେ ମାତ୍ର ଗୋଟିଏ ଉଇକେଟ ପାଇଥିଲେ।ଏଥିସହିତ ଶାମି ଦ୍ୱିତୀୟ ସର୍ବାଧିକ ରନ୍ ବ୍ୟୟ କରିଥିବା ବାହାରତୀୟ ବୋଲର ହୋଇଥିଲେ। ପୂର୍ବରୁ ୨୦୧୩ରେ ଉମେଶ ଯାଦବ ୭୫ ରନ୍ ବ୍ୟୟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ ଉଇକେଟ ନେଇଥିଲେ।

# ଦେଉଳଟାଙ୍ଗି କ୍ରିକେଟ ଟୁର୍ଣ୍ଣାମେଣ୍ଟ : ସୁଆଙ୍ଗ ଚମ୍ପିୟାନ



ଖୋର୍ଦ୍ଧା,୨୬।୩: ଖୋର୍ଦ୍ଧା ଉପକଣ୍ଠ ଦେଉଳଟାଙ୍ଗି ମା'ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଂଟ ର ଫାଇନାଲ ମ୍ୟାଚ୍ ଦେଉଳଟାଙ୍ଗି ଓ ସୁଆଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଦେଉଳଟାଙ୍ଗି ଦଳ ବ୍ୟାଟିଂ କରି ୨୦ ଓଭର ଖେଳି ୮ ୱିକେଟ୍ ବିନିମୟରେ ୧୨୩ ରନ୍ କରିଥିଲା । ଜବାବରେ ସୁଆଙ୍ଗ ଦଳ ୧୮.୨ଓଭର ଖେଳି ୪ ୱିକେଟ ହରାଇ ୧୨୪ ରନ୍ କରିଥିଲା । ଫଳରେ ସୁଆଙ୍ଗ ଦଳ ୬ ୱିକେଟରେ ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା । ଦଳ ତରଫରୁ ଅମିତ ବଡ଼ଜେନା ୨୨ ବଲରୁ ୩୮ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଫଳରେ ୮ ୱିକେଟରେ ସୁଆଙ୍ଗ ଦଳ ବିଜୟୀ ହୋଇଥିଲା । ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଂଟ ବିକାଶ ଦଳାଇଙ୍କୁ ପୁରସ୍କୃତ କରାଯାଇଥିଲା ।ଖେଳ କୁ ଶ୍ରାଦ୍ଧାନନ୍ଦ ପ୍ରଧାନ ଓ ଝଜ ସାମନ୍ତରାୟ ପରିଚାଳନା କରିଥିବାବେଳେ ସ୍କୋରର ସୁଶାନ୍ତ ସୁନ୍ଦରାୟ ଓ ଭାଷ୍ୟକାର ଶିବାନୀ ମିଶ୍ର ରହିଥିଲେ । ଆଜିର ମ୍ୟାଚ୍ ରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଓକିଲ ସଂଘ ର ପୂର୍ବତନ ସଭାପତି ଅଜିତ୍ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ସମାଜସେବୀ ସତ୍ୟବାଦୀ ସ୍ୱାଇଁ, ଶ୍ୟାମସୁନ୍ଦର ଜେନା, ଶିକ୍ଷାବିତ ଅଶୋକ କୁମାର ବାରିକ, ସୁଶାନ୍ତ ନାୟକ, ବିପିନ ମହାପାତ୍ର,ରାମନାଟ୍ୟ ଗୁରୁ ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ ।

# ଗମ୍ଭୀରଙ୍କ ଇଂଲଣ୍ଡ ପାଇଁ ମାଷ୍ଟର ପ୍ଲାନ

ନୂଆଦିଲ୍ଲୀ,୨୬।୩: କଣ ଭାବୁଛନ୍ତି କି, ଚାମ୍ପିଅନ୍ସ ଟ୍ରଫି ବିଜୟ ପରେ କଣ ଗୌତମ ଗମ୍ଭୀର ଶାନ୍ତିରେ ବସିବେ ? ଯଦି ଆପଣ ସେମିତି ଭାବୁଛନ୍ତି ତାହାଲେ ଭୁଲ୍ ଭାବୁଛନ୍ତି। କାରଣ ସେ ଏବେ ଭବିଷ୍ୟତ ପ୍ଲାନିଂରେ ଅଛନ୍ତି। ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତି ଏବେ ୨୦୨୬ ଟି-୨୦ ବିଶ୍ୱକପ୍ ଏବଂ ୨୦୨୭ ଦିନିକିଆ ବିଶ୍ୱକପ୍ ବିଷୟରେ ଚିନ୍ତା କରୁଛନ୍ତି।ସେ ଭାରତୀୟ କ୍ରିକେଟର ଭବିଷ୍ୟତ ଅନୁସନ୍ଧାନ କରିବା ମୁଡରେ ଅଛନ୍ତି।ଏବେ ତାଙ୍କ ମନରେ ଗୋଟିଏ ପ୍ରଶ୍ନ ଯେ ଇଂଲଣ୍ଡରେ ଟିମ୍ ଇଣ୍ଡିଆକୁ ଟେଷ୍ଟ ସିରିଜ୍ କିପରି ଜିତାଇବେ ? ନିଜର ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆ ସହ ଇଂଲଣ୍ଡ ଯିବେ ନାହିଁ। ତାଙ୍କର ଉଦ୍ଦେଶ୍ୟ ରୋହିତ ଓ ସାଥୀ ସହିତ ଯିବା ନୁହେଁ ବରଂ ଭାରତ ସହିତ ଇଂଲଣ୍ଡ ଗସ୍ତ କରିବା । ଯାହା ବିଷୟରେ ସେ ବିସିସିଆଇ ସହ ମଧ୍ୟ କଥା ହୋଇଛନ୍ତି ।

କହିବାକୁ ଗଲେ ଟିମ୍ ଇଣ୍ଡିଆର ଇଂଲଣ୍ଡ ଗସ୍ତ ଜୁନ୍ ରୁ ଆରମ୍ଭ ହେଉଛି। କିନ୍ତୁ ରିପୋର୍ଟ ଅନୁଯାୟୀ, ମୁଖ୍ୟ ପ୍ରଶିକ୍ଷକ ଗମ୍ଭୀର ଏହା ପୂର୍ବରୁ ଭାରତ ଏ ଦଳ ସହିତ ଇଂଲଣ୍ଡ ଯିବେ। ଯଦି ଗମ୍ଭୀର ଇଂଲଣ୍ଡ ଯାଆନ୍ତି, ତେବେ ଏହା ପ୍ରଥମ ଥର ହେବ ଯେ ସିନିୟର ଦଳର ମୁଖ୍ୟ ପ୍ରଶିକ୍ଷକ ଭାରତ ଏ ଦଳ ସହିତ ଗସ୍ତରେ ଯିବେ ।ଏବେ ପ୍ରଶ୍ନ ଉଠୁଛି, ଗମ୍ଭୀରଙ୍କ ଭାରତ ଏ ଦଳ ସହିତ ଇଂଲଣ୍ଡ ଯିବାର ନିଷ୍ପତ୍ତି ପଛରେ କାରଣ କ'ଣ ? ଏହାର ଏକ ପ୍ରମୁଖ କାରଣ ହେଉଛି ୨୦୨୭ ବିଶ୍ୱକପ୍ ଏବଂ ଏହା ପୂର୍ବରୁ ଅନୁଷ୍ଠିତ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ୨୦୨୬ ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା। ଏହା ବ୍ୟତୀତ ଟିମ୍ ଇଣ୍ଡିଆରର ଇଂଲଣ୍ଡ ଗସ୍ତ ମଧ୍ୟ ଜୁନ୍ ୨୦ରୁ ଆରମ୍ଭ ହେବ।

# ମଡେଲ ଓ ସାମ୍ବାଦିକ ଥିଲେ ଇରଫାନ୍‌ଙ୍କ ପତ୍ନୀ



ମୁମ୍ବାଇ,୨୬।୩: ପୂର୍ବ ଭାରତୀୟ କ୍ରିକେଟର ଇରଫାନ୍ ପଠାନ ତାଙ୍କ ପତ୍ନୀ ସଫା ବେଗ୍ ଦୁହିଁଙ୍କ ବିବାହ ୨୦୧୬ ମସିହା ଦୁବାଇରେ ହୋଇଥିଲେ । ସଫା ବେଗ୍‌ଙ୍କ ୨୮ ଫେବୃୟାରୀ ୧୯୯୪ ସାଉଦି ଆରବରେ ଜନ୍ମ ହୋଇଥିଲେ। ତାଙ୍କ ବାପା ହାଇଦ୍ରାବାଦର ବାସିନ୍ଦ ସଫା ସାଉଦି ଆରବର ଜଣେ ସଫଳ ମଡେଲ ସହ ସାମ୍ବାଦିକ ମଧ୍ୟ ବହୁତ କମ୍ ବୟସରେ ସେ ନେଲ ପେଣ୍ଟିଂ ଶିଖିଥିଲେ । ୨୦୧୪ରେ ସଫାଙ୍କ ପ୍ରେମ କାହାଣୀ ଆରମ୍ଭ ହୋଇଥିଲା ଯେତେବେଳେ ଦୁହେଁ ଦୁବାଇରେ ପରସ୍ପରକୁ ଭେଟିଥିଲେ । ତୁରନ୍ତ ଦୁହେଁ ଡେଟିଂ କରିବା ଆରମ୍ଭ କଲେ ଧିରେ ଧିରେ ପ୍ରେମ ସମ୍ପର୍କ ବଢିବା ପରେ ୨୦୧୬ରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ।ଇରଫାନ୍‌ଙ୍କ ସହ ବିବାହ ପରେ ତାଙ୍କ ମଡେଲିଂ କ୍ୟାରିୟର ଛାଡିବା ନିଷ୍ପତ୍ତି ନେଲେ ସଫା ଗୃହିଣୀ ହେବା ନେଇ ଧ୍ୟାନ ରଖିଲେ । କହିବାକୁ ଗଲେ ସଫା ବେଗ୍‌ଙ୍କ ବାପା ସାଉଦି ଆରବର ଜଣେ ଜଣାଶୁଣା ବିଜନେସ୍ ମ୍ୟାନ୍ ଯେତେବେଳେ ସଫା ମଡେଲିଂ କରୁଥିଲେ , ସେତେବେଳେ ତାଙ୍କର ରୋଜଗାର ଲକ୍ଷ ଲକ୍ଷ ଟଙ୍କା ଥିଲା । କିନ୍ତୁ ବିବାହ ପରେ ମଡେଲିଂ କ୍ୟାରିଅରକୁ ଅଲବିଦା କହିଥିଲେ । ଏବେ ସେ ଘରେ ରହି ପିଲା ଓ ଘରର ଧ୍ୟାନ ରଖୁଛନ୍ତି ।ସେ ତାଙ୍କର ସୁଖି ଦାମ୍ପତ୍ୟ କାଟୁଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ